EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୫ | ସଂଖ୍ୟା-୦୮ | ୮ - ୧୪ ମାର୍ଚ୍ଚ, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-08 | 8th - 14th MARCH, 2021 | BHUBANESWAR | ₹ 5/- (8 Pages)

### ୧୬ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

## 'ମିଶନ ଶକ୍ତି' ହେଲା ନୂଆ ବିଭାଗ



**ଭୁବନେଶ୍ୱର :** 'ମିଶନ ଶକ୍ତି'କୁ ନୂଆ ବିଭାଗର ମାନ୍ୟତା ମିଳିଛି। ପୂର୍ବରୁ ଏ ନେଇ ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। ଶନିବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ମୋହର ଲାଗିଛି। ରାଜ୍ୟ କ୍ୟାବିନେଟ ବୈଠକ ପରେ 'ମିଶନ ଶକ୍ତି'ର ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ୍‌ଙ୍କ ଉପସ୍ଥିରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ, ୨୦୧୭ରେ ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ତିଆରି ହୋଇଥିଲା। ୨୦୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମିଶନ ଶକ୍ତି'କୁ ନୂଆ ବିଭାଗ କରିବାକୁ ଘୋଷଣା କରିଥିଲେ। ତଦନୁଯାୟୀ ଏଥିସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛି। ମିଶନ ଶକ୍ତି ଏକ ସ୍ୱତନ୍ତ୍ର ବିଭାଗ ହେବା ପରେ ଅନେକ କାର୍ଯ୍ୟ କରି ହେବ। ବହୁ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ହେବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ➤ ପୃ-୬

### ପୋଲିସକୁ ଭୟ କରୁନାହାନ୍ତି ଅପରାଧୀ !

## ବଢୁଛି ଜନଅସନ୍ତୋଷ

**ଭୁବନେଶ୍ୱର :** ଆଜିଯାଏ ଶୁଣିବାକୁ ମିଳୁଥିଲା ଯେ, ବିହାର ଓ ଉତ୍ତର ପ୍ରଦେଶ ହେଉଛି ଅପରାଧୀଙ୍କ ଚରାଭୂଇଁ। ହେଲେ ଗତକାଲି ରାଜଧାନୀର ରାଜରାସ୍ତାରେ ଯେଭଳି ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଗଲା ସେଥିରୁ ପ୍ରମାଣିତ ହେଉଛି ଯେ, ଓଡ଼ିଶାରେ ପୋଲିସକୁ ଭୟ କରୁନାହାନ୍ତି ଅପରାଧୀ। ରାସ୍ତାରେ ଶହ ଶହ ଲୋକଙ୍କ ଉପସ୍ଥିତିରେ ଦୁଇଜଣ ଅପରାଧୀ ଯେଭଳି ଭାବେ ଜଣଙ୍କୁ ଭୁଜାଲିରେ ହାଣି ହତ୍ୟା କଲେ ତାହା ବିସ୍ମୟ ସୃଷ୍ଟି କରିଛି। ହତ୍ୟାକାଣ୍ଡ ପରେ ଯାହା ଘଟିଲା ତାହା ଅତ୍ୟନ୍ତ ଚିନ୍ତାଜନକ। ଲୋକେ ପୋଲିସକୁ ଭରସା ନକରି ଆଇନକୁ ହାତକୁ ନେଇ ପୋଲିସ କବଜାରୁ ଅପରାଧୀଙ୍କୁ ଛଡାଇଆଣି ଯେଭଳି ପିଟି ପିଟି ଲହୁଲୁହାଣ କଲେ ତାହା ଚିନ୍ତାଜନକ। ଏଭଳି ଅଭାବନୀୟ ଘଟଣା ରାଜଧାନୀବାସୀଙ୍କ ମନରେ ଅତ୍ୟନ୍ତ ଭୟ ସଞ୍ଚାର କରିଛି। ଦିନକୁ ଦିନ ଭୁବନେଶ୍ୱରରେ ଲୁଟେରାମାନେ ଆତଙ୍କ ଖେଳାଇଥିଲା ବେଳେ ଏବେ ରାଜରାସ୍ତାରେ ହତ୍ୟାକାଣ୍ଡ ଓ ଅଭିଯୁକ୍ତ ଦୁଇ ଭାଇଙ୍କୁ ମାଡ ମରା ଘଟଣା ସମସ୍ତେ ଦେଖୁଥିଲେ ବି ଅସହାୟ ହେବା ଅନ୍ୟ ଏକ ଚିନ୍ତାର କାରଣ ପାଲଟିଛି। ଏହି ଘଟଣାର ସମସ୍ତ ଦୃଶ୍ୟ କ୍ୟାମେରାରେ କଏଦ ହୋଇ ଚାରିଆଡେ ଘୁରି ବୁଲୁଥିଲା ବେଳେ କେବଳ ରାଜଧାନୀ ନୁହେଁ; ଏହାକୁ ନେଇ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଛି। ବିଚ୍ ରାସ୍ତାରେ ହତ୍ୟାକାଣ୍ଡ ଓ ଲୋକେ ଆଇନକୁ ହାତକୁ ନେବା ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଯଦିଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁଇଭାଇ ପୋଲିସ ହେପାଜତରେ ତଥାପି ଚଳନ୍ତା ଗାଡି ଭିତରେ ଦୁଇଭାଇ ମିଶି ଟୁକୁନାକୁ ହତ୍ୟା କରିବା ଘଟଣାକୁ ରାଜଧାନୀବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଶନିବାର ମଧ୍ୟାହ୍ନରେ ନୟାପଲ୍ଲୀ ଭିଆଇପି କଲୋନୀ ଏନ୍-୧ ରାସ୍ତାରେ ଏଭଳି ଅଭାବନୀୟ ଘଟଣା ଘଟିଯାଇଛି। ଭୁଜାଲି ଚୋଟରେ ପ୍ରାଣ ହରାଇଥିବା ଯୁବକ ଜଣକ ହେଉଛନ୍ତି ସାଲିଆସାହି ଜନତା ନଗର ବସ୍ତିରେ ରହୁଥିବା ଭଞ୍ଜନଗର ବାସୁଦେବପୁରର ଟୁକୁନା ଦାସ ଓରଫ ଜଟିଆ। ପୋଲିସ ହାତରେ ଧରାପଡିଥିବା ୨ ହତ୍ୟାକାରୀ ହେଉଛନ୍ତି ସାଗର ପୃଷ୍ଟି ଓ ସୁଧିର ପୃଷ୍ଟି। ସେମାନେ ମଧ୍ୟ ସାଲିଆସାହିର ବସ୍ତି ବିକାଶ ପରିଷଦରେ ରହନ୍ତି। ଅଭିଯୋଗ ମୁତାବକ, ଟୁକୁନା ଏଠାରେ ରହି କାଠ ପଲିସ କାମ କରୁଥିଲା ବେଳେ ଟୁକୁନାର ଭଉଣୀକୁ ସାଗର ପ୍ରେମ ଜାଲରେ ଫସାଇ ନଗ୍ନ ଭିଡିଓ ସୁଟିଂ କରିନେଇଥିଲା ଓ ଏହାକୁ ଭାଇରାଲ କରିଦେବ କହି ଟୁକୁନାର ଭଉଣୀକୁ ➤ ପୃ-୬



### ଧର୍ମେନ୍ଦ୍ରଙ୍କ ଚିଠି ପରେ ନିର୍ଦ୍ଦେଶ ଦେଲେ କେନ୍ଦ୍ର କୃଷି ମନ୍ତ୍ରୀ

## 'ପିଏମ୍-କିଷାନ ଯୋଜନାର ଲାଭ ପାଇବେ ଓଡ଼ିଶାର ସବୁ ଯୋଗ୍ୟଚାଷୀ'

**ଭୁବନେଶ୍ୱର :** ଓଡ଼ିଶାର ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ପିଏମ୍-କିଷାନ ଯୋଜନାରେ ବିଭିନ୍ନ ସମସ୍ୟା ପ୍ରସଙ୍ଗରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ପତ୍ର ଲେଖିଛନ୍ତି। ଏହି ଚିଠି ଉପରେ କୃଷି ମନ୍ତ୍ରୀ ତତ୍‌କ୍ଷଣାତ ପଦକ୍ଷେପ ନେଇ ଓଡ଼ିଶାର ସମସ୍ତ ଯୋଗ୍ୟ ଚାଷୀ ପିଏମ୍-କିଷାନ ନିଧି ସମ୍ମାନ ଯୋଜନାର ଲାଭ ପାଇବା ନେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ ସୋସିଆଲ୍ ମିଡିଆରେ ମଧ୍ୟ ଜଣାଇଛନ୍ତି। ଏହାର ପ୍ରତି ଉତ୍ତରରେ ଶ୍ରୀ ପ୍ରଧାନ ମଧ୍ୟ ଓଡ଼ିଶାର ଚାଷୀଙ୍କ ପ୍ରସଙ୍ଗକୁ ଗୁରୁତ୍ୱଦେଇ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଶ୍ରୀ ତୋମାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପିଏମ୍ କିଷାନ ସହିତ ଜଡ଼ିତ ବିଷୟ ଗୁଡ଼ିକୁ ତୁରନ୍ତ ସମାଧାନ କରିବା ସରକାରଙ୍କ ପ୍ରାଥମିକତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଓଡ଼ିଶା ସମେତ ଭାରତବର୍ଷର ଚାଷୀଙ୍କ କଲ୍ୟାଣ ପାଇଁ ନିରନ୍ତର କାମ କରୁଛନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପିଏମ୍-କିଷାନରେ ଓଡ଼ିଶାର ମୋଟ ୪୦ ଲକ୍ଷ ୫୦ ହଜାର ➤ ପୃ-୬




## ସବୁ ପଞ୍ଚାୟତରେ ଖୋଲିବ 'ମୋ ସେବା କେନ୍ଦ୍ର'

**ଭୁବନେଶ୍ୱର :** ନିକଟରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଦିନକୁ ରାଜ୍ୟ, ପଞ୍ଚାୟତିରାଜ ଓ ଲୋକ ସେବା ଦିବସ ଭାବରେ ପାଳନ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୦୦୦ରୁ ଅଧିକ 'ମୋ ସେବା କେନ୍ଦ୍ର' ଓ 'ଓଡ଼ିଶା ୱାନ୍ ପୋର୍ଟାଲ' ଲୋକାର୍ପିତ କରିଛନ୍ତି। ୫-ଟି ଉପକ୍ରମ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ସେବା ଓ ସମ୍ମାନ ହେଉଛି ତାଙ୍କ ସରକାରର ମୂଳମନ୍ତ୍ର। ଗଣତନ୍ତ୍ରରେ ଲୋକ ହେଉଛନ୍ତି ମାଲିକ। ଲୋକଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ସମ୍ମାନର ସହ ସେବା ଯୋଗାଇଦେବା ସହିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ନେଇ ଆମର '୫-ଟି ଇନିସିଏଟିଭ୍ ଓ ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସାଧାରଣ ଲୋକ ଯେପରି ସୁବିଧାରେ ଓ ସହଜରେ ବିଭିନ୍ନ ସରକାରୀ ସେବା ପାଇପାରିବ ତା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଟେକ୍ନୋଲୋଜିର ଉପଯୋଗ ସମ୍ପର୍କରେ ବିଜୁବାବୁଙ୍କ ଚିନ୍ତାଧାରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜୁବାବୁ ଚାହୁଁଥିଲେ ଟେକ୍ନୋଲୋଜିର ସୁବିଧା ଗାଁ ଗାଁରେ ପହଞ୍ଚୁ। ବିଜ୍ଞାନର ସୁଫଳ ସାଧାରଣ ଲୋକର ସେବାରେ ଉପଯୋଗ ହେଉ। ତାର ଜୀବନଧାରଣ ମାନରେ ଉନ୍ନତି ଆସୁ। ମୋ ସେବାକେନ୍ଦ୍ର ➤ ପୃ-୬




### ବକ୍ରବାଣୀ



ଜୟନ୍ତୀ ପାଳିଲେ ଜାକଜକମେ
ତାଙ୍କ ଗୁଣ କେତେ ଗାଇଲେ ଆମେ
ତାଙ୍କ ନାଆଁ ନେଇ ଶାସନ କଲେ
ତାଙ୍କ ଆଦର୍ଶକୁ ପାଶୋରି ଦେଲେ
ଖଣି ପାଣି ବିକି ଯାହା ପାଇଲେ
ପୋଛି ପାଛିକିରି ସବୁ ଖାଇଲେ
ରାଇଜ ହିତକୁ ପଛେ ପକେଇ
ମିଛୁଟାରେ ଖାଲଇ ହଉଁ ସକେଇ
ପ୍ରବାଦ ପୁରୁଷ ସରଗେ ଥାଇ
ଲୁହ ଢାଳୁଥିବେ ଆମରି ପାଇଁ।

— ଟୁଟୁ

### ଜୀବନ ଧାରଣ ପାଇଁ ଶ୍ରେଷ୍ଠ ସହର ତାଲିକା

## ଭୁବନେଶ୍ୱର ଦେଶର ୨ୟ ଶ୍ରେଷ୍ଠ ବାସୋପଯୋଗୀ ସହର

**ନୂଆଦିଲ୍ଲୀ :** ଦେଶରେ ଅନେକ ବଡ଼ବଡ଼ ସହର ରହିଛି। ହେଲେ ଜୀବନ ଯାପନ କରିବା ପାଇଁ ସବୁଠାରୁ ଶ୍ରେଷ୍ଠ ସହର କେଉଁଠି? ଏହାର ତାଲିକା ଆଜି ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି। ବିଭିନ୍ନ ବର୍ଗରେ ସହରର ଜନସଂଖ୍ୟାକୁ ନେଇ ସରକାର ଇଜ୍ ଅଫ ଲିଭିଂ ଇଣ୍ଡେକ୍ସ ବା ଜୀବନ ଧାରଣ ପାଇଁ ଶ୍ରେଷ୍ଠ ସହର ତାଲିକା ପ୍ରସ୍ତୁତ କରିଛନ୍ତି। ତାଲିକା ଅନୁଯାୟୀ, ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକ ମଧ୍ୟରେ ବେଙ୍ଗାଲୁରୁ ୧ନଂ ସ୍ଥାନରେ ରହିଛି। ପୂର୍ବରୁ ପୁଣେ ଏହି ସ୍ଥାନରେ ରହିଥିଲା। ହେଲେ ଏଥର ପୁଣେ ଦୁଇ ନମ୍ବରକୁ ଖସି ଯାଇଛି। ଅନ୍ୟପକ୍ଷରେ ୧୦ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହର ମଧ୍ୟରେ ଶିମଲା ସବୁଠାରୁ ବେଷ୍ଟ। ଶିମଲା ତାଲିକାର ୧ନଂରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ରହିଛି। କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଇଜ୍ ଅଫ ଲିଭିଙ୍ଗ୍ ଇଣ୍ଡେକ୍ସ ରାଙ୍କିଙ୍ଗ-୨୦୨୦ ରିପୋର୍ଟକୁ ସାର୍ବଜନୀନ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦେଶର ରାଜଧାନୀ ଦିଲ୍ଲୀ ଏହି ଦୁଇଟି ବର୍ଗର ଶ୍ରେଷ୍ଠ ୧୦ ନମ୍ବର ମଧ୍ୟରେ ବି ସ୍ଥାନ ପାଇନାହିଁ। ଦେଶର ୧୧୧ଟି ସହରରେ ସର୍ଭେ କରାଯାଇଥିଲା। ସବୁ ସହରଗୁଡ଼ିକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଥିଲା। ପ୍ରଥମ ବର୍ଗରେ ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରକୁ ରଖାଯାଇଥିବା ବେଳେ ଅନ୍ୟ ବର୍ଗରେ ୧୦ ଲକ୍ଷରୁ କମ ଲୋକ ରହୁଥିବା ସହରଗୁଡ଼ିକ ରହିଥିଲେ। ଏହି ସହରଗୁଡ଼ିକରେ ରହୁଥିବା ଲୋକଙ୍କ ଜୀବନ ଧାରଣର ଶୈଳୀ ବା ମାନ ଓ ସହରରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ଲୋକଙ୍କ ଉପରେ କେଉଁଭଳି ଭାବେ ପଡ଼ିଛି, ତା'ର ସମୀକ୍ଷା କରି ରିପୋର୍ଟ ପ୍ରକାଶ କରାଯାଇଛି। ୨୦୧୮ରେ ପ୍ରଥମ ଥର ଶ୍ରେଷ୍ଠ ସହରର ତାଲିକା ପ୍ରକାଶ କରାଯାଇଥିଲା। ଏହି ସର୍ଭେରେ ୩୨ ଲକ୍ଷ ଲୋକ ସେମାନଙ୍କ ମତ ଦେଇଛନ୍ତି। ଏହାବାଦ ସହରଗୁଡ଼ିକର ମାନ୍ୟତା ନିର୍ଦ୍ଧାରଣ ➤ ପୃ-୬



### କରୋନାର ଉତ୍ପତ୍ତିସ୍ଥଳ ବିବାଦ

## ୧୫ରେ 'ହୁ' ରିପୋର୍ଟ

**ଜେନିଭା :** ଦୀର୍ଘ ଏକ ବର୍ଷ ହେଲା କରୋନା ଭୂତାଣୁର ଉତ୍ପତ୍ତିସ୍ଥଳକୁ ନେଇ ବିଶ୍ୱବ୍ୟାପୀ ବିତର୍କ ଲାଗିରହିଛି। ଚୀନ୍ କରୋନାର ଜନ୍ମଦାତା ବୋଲି ଅଧିକାଂଶ ରାଷ୍ଟ୍ର ଅଭିଯୋଗ କରୁଥିବାବେଳେ ଏହାକୁ ନିୟମିତ ବ୍ୟବଧାନରେ ଫାଙ୍କି ଆସୁଛି ଚୀନ୍। ଏପରିକି ୨୦୨୦ ପ୍ରଥମାର୍ଦ୍ଧରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ମଧ୍ୟ ଚୀନ୍ ସପକ୍ଷରେ ମତ ରଖିଥିଲା। ତେବେ ଆମେରିକା ସମେତ ଏକାଧିକ ପ୍ରଭାବଶାଳୀ ରାଷ୍ଟ୍ର ସେତେବେଳେ ହୁ କର୍ତ୍ତୃପକ୍ଷଙ୍କ ଏଭଳି ମନ୍ତବ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ହୁ ପ୍ରତିନିଧିମଣ୍ଡଳ ଗତ ଜାନୁଆରୀରେ ଚୀନ୍‌ର ଉହାନ୍ ପ୍ରଦେଶ ଗସ୍ତ କରି ଏହି ଭୂତାଣୁର ଉତ୍ପତ୍ତିସ୍ଥଳର ସତ୍ୟତା ସମ୍ପର୍କରେ ଯାଞ୍ଚ କରିଥିଲେ। ବର୍ତ୍ତମାନ ଏହି ରିପୋର୍ଟକୁ ମାର୍ଚ୍ଚ ୧୫ରେ ସାର୍ବଜନୀନ କରାଯିବ ବୋଲି ହୁ ମହାନିର୍ଦ୍ଦେଶକ ଟେଡ୍ରସ ଆଧାନମ୍ ଘେବ୍ରେୟେସସ୍ ଶନିବାର କହିଛନ୍ତି। ପ୍ରଥମେ ଏହି ରିପୋର୍ଟକୁ ଦୁଇଟି ପର୍ଯ୍ୟାୟରେ ପ୍ରକାଶ କରିବାକୁ ହୁ କର୍ତ୍ତୃପକ୍ଷ ଚିନ୍ତା କରିଥିଲେ। ଫେବୃଆରୀରେ ଏହି ରିପୋର୍ଟର ମୁଖ୍ୟାଂଶ ପ୍ରକାଶିତ ହେବାପରେ ମାର୍ଚ୍ଚରେ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବାକୁ ଯୋଜନା ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ରିପୋର୍ଟକୁ ଏକକାଳୀନ ମାର୍ଚ୍ଚ ୧୫ରେ ପ୍ରକାଶ ➤ ପୃ-୬






## ନିଆଁ ଆଁରେ ଶିମିଳିପାଳ

**ଉଦଳା, (ନିରୁପମା ରଣା):** ନିଆଁ ବଳୟରେ ଶିମିଳିପାଳ ଅଭୟାରଣ୍ୟ। ଦିନେ କି ଦୁଇଦିନ ନୁହେଁ ପ୍ରତ୍ୟେକ ଦିନ ଜଙ୍ଗଲରେ ଲାଗୁଛି ନିଆଁ। ନିଆଁର ପ୍ରକୋପ ଏତେ ମାତ୍ରା ଯେ, ସ୍ଥାନୀୟ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲା ପୋଡାଡିହା ରେଞ୍ଜ ଶିମିଳିପାଳରେ ଅନବରତ ଭାବେ ଜଳିଚାଲିଛି ନିଆଁ। ୧୦ଦିନ ଧରି ଏହି ନିଆଁ ବ୍ୟାପିବା ଫଳରେ ଜୀବଜନ୍ତୁ ଅସୁରକ୍ଷିତ ଥିବା ବେଳେ ଅନେକ ଔଷଧୀୟ ବୃକ୍ଷ ପୋଡି ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ତେବେ ଏହି ନିଆଁ ଆଗକୁ ଲାଗି ରହିଲେ ପରିବେଶକୁ ପ୍ରଭାବିତ କରିବ ବୋଲି ପରିବେଶବିତ ପ୍ରକାଶ କରିଛନ୍ତି। ଏ ହେଉଛି ଶିମିଳିପାଳର ଅନନ୍ତପୁର, ବାଲି ନାଳ, ଖଣ୍ଡା ଚିରା ଏବଂ ନଛିପୁର ଅଞ୍ଚଳ ଜଙ୍ଗଲ ନିଆଁକୁ ବନ ବିଭାଗ କିଛି ମାତ୍ରାରେ ଆୟତ କରିଥିବା ବେଳେ ପୁଣି ପୋଡାଡ଼ିଆ ରେଞ୍ଜର ପଣସଗଡି, ଠାକୁରାଣୀଗଡି, ଡୁବିଗଡରେ ନିଆଁ ଲାଗିଛି। ବିଶେଷକରି ନିଆଁର ପ୍ରକୋପ ରାତିରେ ବୃଦ୍ଧି ପାଉଥିବା ବେଳେ ଦିନରେ ଏହାର ମାତ୍ରା କମ ଦେଖିବାକୁ ମିଳୁଛି। ତେବେ ଏହି ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବନ୍ୟଜନ୍ତୁ ଗ୍ରାମାଭିମୁଖୀ ହେବାର ଆଶଙ୍କା ଥିବା ବେଳେ ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ବନ ବିଭାଗ ନିଆଁ ଆୟତ କରିପାରି ନଥିବା ବେଳେ ଆଜି ଶିମିଳିପାଳର ଭାଗବନ୍ତ ଓ ବେଳବରଣ ଅଞ୍ଚଳରେ ଜଙ୍ଗଲ ନିଆଁ ଦେଖିବାକୁ ମିଳିଛି। ଶିମିଳିପାଳ ଗାଁକୁ ଲାଗି ଲୋକମାନଙ୍କୁ ଯଦି ସଚେତନ କରିବା ସହ ସେମାନଙ୍କୁ କମିଟି ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଦେଲେ ସୁରକ୍ଷିତ ରହିପାରିବ ବୋଲି ପରିବେଶବିତ କହିଛନ୍ତି। ତେବେ ଏହି ନିଆଁ ଓ ଧୂଆଁର ପ୍ରକୋପରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଛନ୍ତି। କେବଳ ଶିମିଳିପାଳ ଅଞ୍ଚଳ ନୁହେଁ ଏହିପରିକି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିବା ଫଳରେ ଅନେକ ଗଛ ନଷ୍ଟ ହେବା ସହ ପରିବେଶକୁ ପ୍ରଭାବ ପକାଉଥିବା ଦେଖିବାକୁ ମିଳିଛି। କେବଳ ଏ ବର୍ଷ ନୁହେଁ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ମାନସିକ ଶାନ୍ତି ପାଇଁ ସମସ୍ୟାର ସମାଧାନ ପାଇଁ ଯତ୍ନବାନ ହୁଅନ୍ତୁ। ଅଚାନକ ଧନପ୍ରାପ୍ତି ହୋଇପାରେ। ଘରୋଇ କଳହରୁ ଦୂରେଇ ରହନ୍ତୁ। କର୍ମକ୍ଷେତ୍ରରେ ଅପମାନିତ ହୋଇପାରନ୍ତି। ସାବଧାନ ରୁହନ୍ତୁ। ଲକ୍ଷପ୍ରାପ୍ତି ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ।

**ବୃଷ** ସ୍ୱାସ୍ଥ୍ୟ ଭଲ ରହିବ। ବେପରୁଆ ଭାବରେ ଖର୍ଚ୍ଚ କରନ୍ତୁ ନାହିଁ। ଖାଲି ସମୟରେ କୌଣସି ଭଲ କାମ କରିପାରନ୍ତି। ଶିକ୍ଷାରେ ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପ୍ରେମ ସମ୍ପର୍କରେ ସ୍ଥିରତା ପାଇଁ, ଅପୋଷ ଆଲୋଚନା କରନ୍ତୁ।

**ମିଥୁନ** କର୍ମକ୍ଷେତ୍ରର ବୋଝ ବଢ଼ିବ ଓ ବ୍ୟସ୍ତ ରହିବେ। ପୂର୍ବରୁ ଉଦ୍ଧାର ଶୁଝିବା ପାଇଁ ବାଧ୍ୟ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁ ଦର୍ଶନ ଯୋଗ ଅଛି। ନୂତନ ବ୍ୟବସାୟ କରିପାରନ୍ତି। ଦାମ୍ପତ୍ୟ କଳହ ହୋଇପାରେ।

**କର୍କଟ** ମାଦକଦ୍ରବ୍ୟ ସେବନରୁ ଦୂରେଇ ରୁହନ୍ତୁ। ଆର୍ଥିକ କ୍ଷତି ହୋଇପାରେ। ସ୍ୱାସ୍ଥ୍ୟ ଖରାପ ରହିପାରେ। ଧନଲାଭର ସମ୍ଭାବନା ଅଛି। ସମ୍ମାନ ପ୍ରାପ୍ତି ହେବ। ଛାତ୍ରମାନେ ପାଠରେ ମନ ଦେବେ। ଗୃହରେ ଶାନ୍ତି ବଜାୟ ରହିବ।

**ସିଂହ** ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସକାଳେ ବ୍ୟାୟାମ କରନ୍ତୁ। ଅଧିକ ସଂଚିତ ଧନ ଖର୍ଚ୍ଚ ହେବ। କର୍ମକ୍ଷେତ୍ରରେ କାର୍ଯ୍ୟର ବୋଝ ବଢ଼ିବ। ମାନସିକ ଶାନ୍ତି ପାଇଁ ନିଜ ଲୋକଙ୍କ ସହ ସମୟ କାଟନ୍ତୁ। ପ୍ରେମ ସମ୍ପର୍କ ସୁଦୃଢ଼ ହେବ।

**କନ୍ୟା** ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ଧନ ଖର୍ଚ୍ଚର ଯୋଗ ଅଛି। ପରିବାରରେ ସମ୍ପର୍କ ବୃଦ୍ଧି ପାଇବ। ସପ୍ତାହର ଶେଷ ଭାଗରେ କୌଣସି ପୁରୁଣା ବନ୍ଧୁଙ୍କୁ ଦେଖା ହୋଇପାରେ। ବୁଝିବିଚାରି କୌଣସି ନିଷ୍ପତ୍ତି ନିଅନ୍ତୁ।

**ତୁଳା** ନିଜୁ ସୁସ୍ଥ ରଖିବା ପାଇଁ ଆପଣ ଯତ୍ନବାନ ହୁଅନ୍ତୁ। ନୂଆ ବ୍ୟବସାୟରେ ସଫଳତା ମିଳିବ। କୌଣସି ଅଜଣା ସମସ୍ୟାରେ ପଡିପାରନ୍ତି। ଶିକ୍ଷାକ୍ଷେତ୍ରରେ ନିଜ ପ୍ରଚେଷ୍ଟା ବଳରେ ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ।

**ବିଛା** ପୁରୁଣା ରୋଗରୁ ମୁକ୍ତି ମିଳିବ। ବିଚାର ବିମର୍ଷ କରି ଅର୍ଥ ଲଗାଣ କରନ୍ତୁ। ପରିବାର ସହିତ ଅଧିକ ସମୟ କଟାଇବେ। କାର୍ଯ୍ୟକ୍ଷେତ୍ରରେ ମାନସିକ ଚାପରେ ରହିବେ। ଛାତ୍ରମାନେ ପାଠପଢ଼ା ଉପକରଣ କ୍ରୟ କରିପାରନ୍ତି।

**ଧନୁ** ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଖାଦ୍ୟ ପେୟରେ ଧ୍ୟାନ ଦିଅନ୍ତୁ। ବ୍ୟବସାୟରେ ଧନ ବିନିଯୋଗ ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ। ଛାତ୍ରମାନେ ପାଠପଢ଼ାରୁ ବ୍ୟତିରେକ ହୋଇ ମଉଜ ମଜଲିସରେ ମନଦେବେ।

**ମକର** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଅର୍ଥ ଲାଭର ଯୋଗ ଅଛି। ମାଆଙ୍କର ସ୍ୱାସ୍ଥ୍ୟ ଉନ୍ନତି ହେବ। ପୂର୍ବରୁ ବିନିଯୋଗ ଅର୍ଥରୁ ହଠାତ୍ ଅର୍ଥପ୍ରାପ୍ତି ହେବ। ଛାତ୍ରମାନଙ୍କୁ ଭଲ ସ୍ଥାନରେ ପ୍ରବେଶ ମିଳିପାରେ। ପ୍ରେମ ସମ୍ପର୍କରେ ଉନ୍ନତି ହେବ।

**କୁମ୍ଭ** ମନ ଚଞ୍ଚଳ ରହିବ। ନୂତନ ଚାକିରି ମିଳିପାରେ। ଅର୍ଥପ୍ରାପ୍ତି ଯୋଗ ଅଛି। ପୁରୁଣା ଋଣ ପରିଶୋଧ କରିପାରନ୍ତି। ପ୍ରତିଯୋଗିତାରେ ସଫଳତା ମିଳିବ। ପ୍ରେମ ସମ୍ବନ୍ଧରେ ସୁଧାର ଆସିବ। ପରିବାରରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣର ଯୋଗ ଅଛି।

**ମୀନ** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ତାମସିକ ଭୋଜନରୁ ଦୂରେଇ ରୁହନ୍ତୁ। ନିଜର କିଛି ବସ୍ତୁ ଚୋରି ହୋଇପାରେ। ଅତିଥିଙ୍କ ଆଗମନ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଶିକ୍ଷା କ୍ଷେତ୍ରରେ ସଫଳତା ପାଇବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କରୋନାକୁ ମାତ୍ ଦେବାରେ କୋଭାକ୍ସିନ ୮୧% ସଫଳ

**ନୂଆଦିଲ୍ଲୀ :** ଭାରତରେ ପ୍ରସ୍ତୁତ ହୋଇଥିବା କରୋନା ଟିକା କୋଭାକ୍ସିନକୁ ନେଇ ଜାରି ରହିଥିବା ଦ୍ୱନ୍ଦ୍ୱରେ ପୂର୍ଣ୍ଣଚ୍ଛେଦ ପଡିଛି। କୋଭାକ୍ସିନ କରୋନାକୁ ମାତ୍ ଦେବାରେ ୮୧% ସଫଳ। ସେହିପରି ବ୍ରିଟେନରେ ଦେଖାଯାଇଥିବା କରୋନାର ନୂଆ ଷ୍ଟ୍ରେନ୍ ବିରୋଧରେ ବି ଏହା ଫଳପ୍ରଦ। ଆଜି ଭାରତ ବାୟୋଟେକ୍ ପକ୍ଷରୁ ଟିକାର ଫେଜ୍ ୩ ଟ୍ରାଏଲ୍ ସମ୍ପର୍କରେ ସୂଚନା ଦିଆଯାଇ ଏଭଳି ଦାବି କରାଯାଇଛି। ହାଇଦ୍ରାବାଦ ସ୍ଥିତ ଭାରତ ବାୟୋଟେକ କୋଭାକ୍ସିନ ଟିକା ପ୍ରସ୍ତୁତ କରିଛି। ଏହାର ଫେଜ-୩ ଟ୍ରାଏଲର ରେଜଲ୍ଟ ଆସି ନଥିଲେ ହେଁ ଏହାକୁ ଦେଶରେ ଜରୁରୀ କାଳୀନ ବ୍ୟବହାର ପାଇଁ ଅନୁମତି ଦିଆଯାଇଥିଲା। ତେବେ ଏହାର ସଫଳତା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା। ଏବେ ତୃତୀୟ ପର୍ଯ୍ୟାୟ ଟ୍ରାଏଲରୁ ଆଶ୍ୱସ୍ତ କରିବା ଭଳି ଖବର ଆସିଛି। ଭାରତ ବାୟୋଟେକ ପକ୍ଷରୁ କୁହାଯାଇଛି ଯେ, କୋଭାକ୍ସିନ କରୋନାକୁ ଦୂରେଇ ରଖିବାରେ ୮୧% ସଫଳ। ଜଣେ ବ୍ୟକ୍ତି ଦୁଇଟି ଡୋଜ୍ ନେବା ପରେ କରୋନାକୁ ବେଶ ଆରାମରେ ହରାଇ ପାରିବ। ତୃତୀୟ ପର୍ଯ୍ୟାୟ ଟ୍ରାଏଲରେ ୨୫ଟି ସହରରୁ ମୋଟ ୨୫,୮୦୦ ଲୋକ ସାମିଲ ହୋଇଥିଲେ। ଏମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପକୁ ଟିକା ଓ ଅନ୍ୟ ଗ୍ରୁପକୁ ପ୍ଲାସବୋ ଦିଆଯାଇଥିଲା। ପ୍ରଥମ ୪୩ଟି କେସ୍‌ର ତଥ୍ୟକୁ ଆଧାର କରି ରିପୋର୍ଟ ପ୍ରକାଶ କରାଯାଇଛି। ପ୍ଲାସବୋ ନେଇଥିବା ୩୬ଜଣ ଓ କୋଭାକ୍ସିନ୍ ଗ୍ରୁପରେ ଥିବା ୭ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ଏଥିରୁ ସ୍ପଷ୍ଟ




ହୋଇଛି ଯେ, କୋଭାକ୍ସିନ୍ କରୋନା ବିରୋଧରେ ୮୦.୬% ଫଳପ୍ରଦ। ସେହିପରି ଟିକା ନେଇଥିବା ଲୋକଙ୍କ ଶରୀରରେ କରୋନାର କୌଣସି ସାଂଘାତିକ ଲକ୍ଷଣ ଦେଖାଯାଉନାହିଁ। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିବାର ଆବଶ୍ୟକ ମଧ୍ୟ ନାହିଁ। ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ପରୀକ୍ଷାରୁ ଜାଣିବାକୁ ପାଇଛି ଯେ, ବ୍ରିଟେନରେ ଦେଖାଯାଉଥିବା କରୋନା ଭାଇରସର ନୂଆ ଷ୍ଟ୍ରେନ୍‌କୁ ମଧ୍ୟ କୋଭାକ୍ସିନ୍ ମାତ ଦେବାକୁ ସକ୍ଷମ। ଚୂଡାନ୍ତ ତଥ୍ୟ ୧୩୦ଟି କେସ୍ ଯାଏ ଜାରି ହିବ। ଏହାପରେ ତୃତୀୟ ପର୍ଯ୍ୟାୟ ଟ୍ରାଏଲର ଫାଇନାଲ ରିପୋର୍ଟ ପ୍ରକାଶ ପାଇବ ବୋଲି ଭାରତ ବାୟୋଟେକ୍ କହିଛି। ଜାନୁଆରୀ ୩ରେ ଭାରତ ସରକାର ଦେଶରେ କୋଭାକ୍ସିନ୍ ଓ ଆଷ୍ଟ୍ରାଜେନେକା-ଅକ୍ସଫୋର୍ଡ ପ୍ରସ୍ତୁତ କରିଥିବା କୋଭିସିଲ୍ଡ ଟିକାକୁ ଦେଶରେ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେଇଥିଲେ। କୋଭିସିଲ୍ଡ କରୋନା ଉପରେ ୭୦% ଫଳପ୍ରଦ ବୋଲି କୁହାଯାଇଥିଲା। ହେଲେ ଏଯାଏ କୋଭାକ୍ସିନ୍ ସମ୍ପର୍କରେ ତଥ୍ୟ ଆସି ନଥିଲା। ତଥାପି ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଅନେକ ଲୋକଙ୍କୁ କୋଭାକ୍ସିନ୍ ଟିକାର ପ୍ରଥମ ଡୋଜ୍ ଦିଆଯାଇଛି।

## ଇପିଏଫ ସୁଧହାର ଅପରିବର୍ତ୍ତିତ

**ନୂଆଦିଲ୍ଲୀ :** ଇପିଏଫରର ୬ କୋଟିରୁ ଅଧିକ ଗ୍ରାହକଙ୍କୁ ଖୁସି କରିବା ଭଳି ଖବର ମିଳିଛି। କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜସନ (ଇପିଏଫଓ) ଚଳିତ ଆର୍ଥିକ ବର୍ଷ(୨୦୨୦-୨୧) ଜମା ରାଶି ଉପରେ ସୁଧହାର ଅପରିବର୍ତ୍ତିତ ରଖିଛି। ଏହାର ଅର୍ଥ ଇପିଏଫ ଆକାଉଣ୍ଟଧାରୀଙ୍କୁ ସେମାନଙ୍କ ଜମା ରାଶି ଉପରେ ୮.୫% ସୁଧ ମିଳିବ। ପୂର୍ବ ବର୍ଷ ମଧ୍ୟ ଏହା ସମାନ ରହିଥିଲା। କରୋନା କାରଣରୁ ଚଳିତ ବର୍ଷ ଇପିଏଫଓ ସୁଧ ହାର ହ୍ରାସ ପାଇପାଇବ ବୋଲି ଆଶଙ୍କା କରାଯାଉଥିଲା। ହେଲେ ସୁଧହାର ଅପରିବର୍ତ୍ତିତ ରହିଥିବାରୁ କର୍ମଚରୀମାନେ ଆଶ୍ୱସ୍ତ ଲାଭ କରିଛନ୍ତି। କେନ୍ଦ୍ର ଶ୍ରମ ମନ୍ତ୍ରୀ ସାନ୍ତୋଷ କୁମାର ଗଙ୍ଗୱାରଙ୍କ ଅଧ୍ୟକ୍ଷତାରେ ଇପିଏଫଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ ଆଜି ଶ୍ରୀନଗରରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବସମ୍ମତିକ୍ରମେ ଇପିଏଫ ସୁଧ ହାରକୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ହେବା ପରେ କାର୍ଯ୍ୟକାରୀ ହେବ ଓ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ୨୦୧୯-୨୦ ଆର୍ଥିକ ବର୍ଷରେ ଇପିଏଫ ସୁଧ ହାରକୁ ୮.୫%କୁ ହ୍ରାସ କରାଯାଇଥିଲା। ଏହା ୭ ବର୍ଷରେ ସର୍ବନିମ୍ନ ରହିଥିଲା। ମାର୍ଚ୍ଚ ୨୦୨୦ରେ ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରାଯାଇଥିଲା।

## ପଶ୍ଚିମବଙ୍ଗ ଓ ଆସାମର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ଓ ଆସାମର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ବିଜ୍ଞପ୍ତି ଜାରି ହୋଇଛି। ଏହି ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୪ଟି ଜିଲ୍ଲାରେ ଅବସ୍ଥିତ ୩୦ଟି ଆସନରେ ଏପ୍ରିଲ୍ ପହିଲାରେ ଭୋଟ୍ ଗ୍ରହଣ ହେବ। ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ୧୨ ତାରିଖ ରହିଛି। ୧୫ ତାରିଖ ଦିନ ପ୍ରାର୍ଥୀପତ୍ରଗୁଡ଼ିକୁ ଯାଞ୍ଚ କରାଯିବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ଦିନ ୧୭ ତାରିଖ ରହିଛି। ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ ଅରିଜ ଅଫତାବ ଜିଲ୍ଲା ନିର୍ବାଚନ ଅଫିସରମାନଙ୍କୁ ଚିଠି ଲେଖି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଠିକାରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ଦୂରରେ ରଖିବା ପାଇଁ କହିଛନ୍ତି। ସୂଚନା ଅନୁସାରେ ୨୦୧୯ ସାଧାରଣ ନିର୍ବାଚନ ଓ ୨୦୧୬ ବିଧାନସଭା ନିର୍ବାଚନ ସମୟରେ ଯେଉଁ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ଶତକଡ଼ା ୯୦ ଭାଗରୁ ଅଧିକ ମତଦାନ ହୋଇଥିଲା ନିର୍ବାଚନ କମିଶନ ସେହି ମତଦାନ କେନ୍ଦ୍ରଗୁଡ଼ିକ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିଛି। ଅନ୍ୟପକ୍ଷରେ ଆସାମରେ ଏହି ପର୍ଯ୍ୟାୟରେ ୩୯ଟି ବିଧାନସଭା ଆସନ ପାଇଁ ମତଦାନ ହେବ।

# ଆତ୍ମବିଶ୍ୱାସ ବଢ଼ାଇବ ନୂଆ ଶିକ୍ଷାନୀତି : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ଦେଶରେ ନୂଆ ଶିକ୍ଷାନୀତି ଯୁବଶ୍ରେଣୀର ଆତ୍ମବିଶ୍ୱାସ ବୃଦ୍ଧି କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଶିକ୍ଷାକ୍ଷେତ୍ର ଲାଗି ବଜେଟ୍‌ରେ ହୋଇଥିବା ବ୍ୟୟ ବ୍ୟବସ୍ଥାକୁ ପ୍ରଭାବୀ ଢଙ୍ଗରେ ତ୍ୱରାନ୍ୱିତ କରିବାନେଇ ଆୟୋଜିତ ୱେବିନାରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ସେ କହିଲେ, ଏକ ଆତ୍ମନିର୍ଭରଶୀଳ ଭାରତ ଗଠନ କରିବାକୁ ହେଲେ ଦେଶର ଯୁବଗୋଷ୍ଠୀର ଆତ୍ମବିଶ୍ୱାସ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ। ଜଣଙ୍କର ଆତ୍ମବିଶ୍ୱାସ ତାର ଶିକ୍ଷା ଓ ଜ୍ଞାନର ବିଶ୍ୱାସ ଉପରେ ନିର୍ଭରଶୀଳ। ଆତ୍ମବିଶ୍ୱାସ ସେତେବେଳେ ଆସିବ ଯେତେବେଳେ ସେମାନଙ୍କ ହୃଦବୋଧ ହେବ ଯେ ସେମାନଙ୍କ ଶିକ୍ଷା ସେମାନଙ୍କୁ ନିଜର କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ସୁଯୋଗ ଓ ଆବଶ୍ୟକ କୌଶଳ ପ୍ରଦାନ କରିଛି। ୱେବିନାରକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଭାବନାକୁ ଆଧାର କରି ନୂତନ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ ହୋଇଛି। ପ୍ରାରମ୍ଭଠାରୁ ଆରମ୍ଭ କରି ପିଏଚ୍‌ଡି ପର୍ଯ୍ୟନ୍ତ ଜାତୀୟ ଶିକ୍ଷାନୀତିରେ ଥିବା




ବ୍ୟବସ୍ଥାଗୁଡ଼ିକୁ ତ୍ୱରାନ୍ୱିତ କରିବା ସହ ଚଳିତ ବଜେଟ୍ ଏଥିପାଇଁ ଖୁବ୍ ଭଲଭାବେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି। ଭାରତ ବୈଶ୍ୱିକ ଉଦ୍ଭାବନ ସୂଚୀର ପଚାଶତମ ସ୍ଥାନରେ ରହିଛି ଓ ଏହି ସ୍ଥାନ କ୍ରମଶଃ ଉନ୍ନତ ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଷ୍ଟାର୍ଟଅପ ନିମନ୍ତେ ହକାଥନ ଭଳି ନବୀନ ପରମ୍ପରା ସୃଷ୍ଟି ହୋଇ ଦେଶର ଯୁବାଗୋଷ୍ଠୀ ଓ ଶିଳ୍ପ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ଦେଶରେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ସହ ୩,୫୦୦ରୁ ଅଧିକ ଷ୍ଟାର୍ଟଅପ ମଧ୍ୟ ବିକଶିତ କରାଯାଇଛି। ସେହିପରି ଜାତୀୟ ସୁପର କମ୍ପ୍ୟୁଟିଂ ମିଶନ ଅଧୀନରେ ତିନିଟି ସୁପର କମ୍ପ୍ୟୁଟର ପରମ ଶିବାୟ, ପରମ ଶକ୍ତି ଏବଂ ପରମ ବ୍ରହ୍ମ ଆଇଆଇଟି ବିଏଚ୍‌ୟୁ, ଆଇଆଇଟି ଖଡ଼ଗପୁର ଓ ଆଇଜର୍ ପୁଣେରେ ସ୍ଥାପନ କରାଯାଇଛି। ଦେଶରେ ପ୍ରଥମ ଥର ନିମନ୍ତେ ଜାତୀୟ ଗବେଷଣା ପ୍ରତିଷ୍ଠାନ ତିଆରି ହେଉଛି। ଏଥିପାଇଁ ୫୦ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଭବିଷ୍ୟତରେ ଇନ୍ଧନ ଓ ଗ୍ରୀନ ଏନର୍ଜି ଆମର ଶକ୍ତି କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଆବଶ୍ୟକ। ସେଥିପାଇଁ ବଜେଟ୍‌ରେ ଉଦ୍‌ଯାନ ମିଶନ ଘୋଷଣା କରଯାଇଛି। ନୂତନ ଜାତୀୟ ଶିକ୍ଷାନୀତି ଅଧିକରୁ ଅଧିକ ସ୍ଥାନୀୟ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିଛି। ସେ ଦୃଷ୍ଟିରୁ ପ୍ରତ୍ୟେକ ଭାଷାର ବିଶେଷଜ୍ଞ ଓ ଶିକ୍ଷାବିତ୍ ପ୍ରତ୍ୟେକ ବିଷୟ ଭାରତୀୟ ଭାଷାରେ ପ୍ରସ୍ତୁତ କରିବାକୁ ଦାୟିତ୍ୱ ନେବେ। ବଜେଟ୍‌ରେ ପ୍ରସ୍ତାବିତ ଜାତୀୟ ଭାଷା ଅନୁବାଦ ମିଶନ ଏ ଦିଗରେ ଅନେକ କିଛି କରିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ-୨୦୨୧

# ବିଶ୍ୱର ୧ନଂ ଧନୀ ଏଲୋନ୍ ମସ୍କ

**ନୂଆଦିଲ୍ଲୀ :** ଏସିଆର ୧ନଂ ଧନୀ ମାନ୍ୟତା ପାଇଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ ୨୦୨୧ରେ ଅଷ୍ଟମ ସ୍ଥାନରେ ରହିଛନ୍ତି। ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକା ହୁରୁନ୍ ପକ୍ଷରୁ ପ୍ରକାଶ କରାଯାଇଥିବା

## ଅଷ୍ଟମ ସ୍ଥାନରେ ମୁକେଶ ଅମ୍ବାନୀ

ବେଳେ ପ୍ରଥମ ସ୍ଥାନରେ ରହି ବିଶ୍ୱର ୧ନଂ ଧନୀ ବ୍ୟବସାୟୀ ପାଲଟିଛନ୍ତି ଟେସଲା ମୋଟର୍ସର ସିଇଓ ଏଲୋନ୍ ମସ୍କ। ଅନ୍ୟପକ୍ଷରେ ଟେସଲା ମୋଟର୍ସର ସିଇଓ ଏଲୋନ୍ ମସ୍କଙ୍କର ସମ୍ପତ୍ତି ଚଳିତ ବର୍ଷ ୧୫୧ ବିଲିୟନ ଡ଼ଲାର୍ ବଢ଼ିଯିବା ଫଳରେ ସେ ମୋଟ ୧୯୭ବିଲିୟୟନ ଡଲାର ମାଲିକ ବନିଛନ୍ତି, ଯାହା ତାଙ୍କୁ ବିଶ୍ୱର ଧନୀ ତାଲିକାରେ



ଏକ ନମ୍ବରରେ ରଖିଛି। ସେହିଭଳି ଆମାଜନ ଡଟ୍ ଇନ୍ ମାଲିକ ଜେଫ୍ ବେଜୋସ୍ ୧୮୯ବିଲିୟନ ଡ଼ଲାର୍ ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ୮୩ ବିଲିୟନ ଡ଼ଲାର (ପ୍ରାୟ ୬.୦୯ଲକ୍ଷ କୋଟି)କୁ ବୃଦ୍ଧି ପାଇଛି ବୋଲି ଜଣାପଡ଼ିଛି। ନିକଟରେ ଚୀନ୍‌ର ଝୋଙ୍ଗ ଶାନଶାନ ୨୨ବିଲିୟନ ଡଲାର ହରାଇବା ପରେ ମୁକେଶ ଅମ୍ବାନୀ ଏସିଆର ୧ନଂ ଧନୀ ମାନ୍ୟତା ପାଇଥିଲେ। ଏ ନେଇ ଶନିବାର ରିପୋର୍ଟ କରିଥିଲା ବ୍ଲୁମବର୍ଗ ବିଲିୟନାୟାର ଇଣ୍ଡେକ୍ସ। ମୁକେଶ ଅମ୍ବାନୀଙ୍କ ବ୍ୟତୀତ ଅନ୍ୟ ଭାରତୀୟ ବିଲିୟନାୟାରମାନେ ମଧ୍ୟ ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ ୨୦୨୧ରେ ନିଜର ସ୍ଥାନ ବନାଇପାରିଛନ୍ତି। ସେମାନେ ହେଉଛନ୍ତି - ଗେତମ ଅଦାନୀ ଆଣ୍ଡ ଫ୍ୟାମିଲି (୨.୩୪ ଲକ୍ଷ କୋଟି ଟଙ୍କା ସହିତ ୪୮ସ୍ଥାନରେ ରହିଛନ୍ତି) ଶିବ ନାଦର ଆଣ୍ଡ ଫ୍ୟାମିଲି (୧.୯୪ ଲକ୍ଷ କୋଟି ଟଙ୍କା ସହିତ ୫୮ସ୍ଥାନରେ ରହିଛନ୍ତି), ଲକ୍ଷ୍ମୀ ଏନ ମିତ୍ତଲ (୧.୪୦ ଲକ୍ଷ କୋଟି ସମ୍ପତ୍ତି ସହିତ ୧୦୪ସ୍ଥାନରେ ରହିଛନ୍ତି), ସେରମ୍ ଇନଷ୍ଟିଚ୍ୟୁଟର ସାଇରସ୍ ପୁନାୱାଲା (୧.୩୫ ଲକ୍ଷ କୋଟି ଟଙ୍କା ସହିତ ୧୧୩ସ୍ଥାନରେ ରହିଛନ୍ତି)।

# 'ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହେଁ'

**ନୂଆଦିଲ୍ଲୀ :** ଲିଭ-ଇନ-ରିଲେସନରେ ଥିଲେ ସହମତିରେ ଶାରୀରିକ ସମ୍ପର୍କ ରଖିବା ଦୁଷ୍କର୍ମ ନୁହେଁ। ଯଦି ଦୀର୍ଘ ଦିନ ଧରି ଏକାଠି ରହୁଥିବା ମହିଳା କିମ୍ବା ପୁରୁଷ ଶାରୀରିକ ସମ୍ପର୍କ ରଖି ବିବାହ ପ୍ରତିଶ୍ରୁତି ପୂରଣ କରିପାରୁ ନାହାନ୍ତି, ତେବେ ତାହାକୁ ଦୁଷ୍କର୍ମ କୁହାଯିବ ନାହିଁ। ଲିଭ-ଇନ ରିଲେସନକୁ ନେଇ ଆଜି ଏଭଳି କିଛି ବଡ଼ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ପାଞ୍ଚବର୍ଷ ହେବ କଲ ସେଣ୍ଟରର ଦୁଇ କର୍ମଚାରୀ ଲିଭ-ଇନ-ରିଲେସନସିପରେ ରହିଥିଲେ। ପରେ ଉକ୍ତ ଯୁବତୀଙ୍କୁ ଛାଡ଼ି ଯୁବକ ଜଣକ ଅନ୍ୟ ଯୁବତୀଙ୍କୁ ବିବାହ କରିଥିଲେ। ଏହାପରେ ଲିଭ-ଇନ-ରିଲେସନ୍‌ରେ ରହିଥିବା ସଂପୃକ୍ତ ଯୁବତୀ ଜଣକ ଯୁବକଙ୍କ ବିରୋଧରେ ମିଛ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ଆଣିଥିଲେ। ଏପରିକି ଯୁବକଙ୍କ ବିରୋଧରେ ଯୁବତୀ ଜଣକ ଦୁଷ୍କର୍ମ ଭଳି ଅଭିଯୋଗ ମଧ୍ୟ ଆଣିଥିଲେ। ସୁପ୍ରିମକୋର୍ଟ ଏକ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲାରେ ଶୁଣାଣି କରି ଏହାକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ ଏକେ ସିକରୀ ଏବଂ ଏସ୍ ଅବଦୁଲା ନଜୀର କହିଛନ୍ତି ଯେ, ଯଦି ଜଣେ ଯୁବକ ଏବଂ ଯୁବତୀ ଲିଭ-ଇନ୍ ରିଲେସନ ସମୟରେ ଆପୋଷ ସହମତିରେ ଶାରୀରିକ ସମ୍ପର୍କ ରଖି ପରେ ବିବାହ ନକରନ୍ତି, ତେବେ ଉକ୍ତ ଯୁବକଙ୍କ ବିରୋଧରେ ଦୁଷ୍କର୍ମ ମାମଲା ଦାୟର କରାଯାଇପାରିବ ନାହିଁ। ଦୁଷ୍କର୍ମ ଏବଂ ସହମତିରେ ଶାରୀରିକ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ରହିଛି। ଏପରି ପରିସ୍ଥିତିରେ, ଅଭିଯୁକ୍ତ ବିବାହ କରିବାକୁ ଚାହୁଁଛନ୍ତି ନା ଅନ୍ୟ ଉଦ୍ଦେଶ୍ୟ ପାଇଁ ସେ ଏହି ସମ୍ପର୍କ ଗଠନ କରିଛନ୍ତି ତାହା ଉପରେ ନଜର ରଖିବା ଉଚିତ୍ ସର୍ବୋଚ୍ଚ ଅଦାଲତ କହିଛନ୍ତି। କେବଳ ସେତିକି ନୁହେଁ ଏହା ମଧ୍ୟ ପରୀକ୍ଷା କରାଯିବା ଉଚିତ ଯେ ଯୁବକ ଜଣକ କେବଳ ନିଜର ଲୋଭ ସହିତ ଶାରୀରିକ ସ୍ଥାପନ କରିଛନ୍ତି କି? କିନ୍ତୁ ଯଦି ଯୁବକ ମିଥ୍ୟା ପ୍ରତିଶ୍ରୁତି ନ ଦେଇ ଏବଂ ଉଭୟଙ୍କ ସହମତିରେ ଶାରୀରିକ ସମ୍ପର୍କ ରହିଥିଲା, ତେବେ ଦୁଷ୍କର୍ମ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚେତାବନୀ

# ପ୍ରତି ୪ ଜଣରେ ଜଣଙ୍କୁ ଶୁଣିବାରେ ହେବ ସମସ୍ୟା

**ଜେନେଭା :** ସମଗ୍ର ବିଶ୍ୱ କରୋନା ମହାମାରୀ ସହିତ ଲଢ଼େଇ କରୁଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ନୂଆ ବିପଦ ସମ୍ପର୍କରେ ସତର୍କ କରାଇଛି। ହୁ' କହିଛି ଯେ, ଆସନ୍ତା କିଛି ବର୍ଷ ମଧ୍ୟରେ ବିଶ୍ୱ ଜନସଂଖ୍ୟାର ଏକ ଚତୁର୍ଥାଂଶ ଲୋକ ଶୁଣିବା ଶକ୍ତି ହରାଇବା ଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏ ସମ୍ପର୍କରେ ପ୍ରକାଶ ପାଇଥିବା ଗୋଟିଏ ରିପୋର୍ଟରେ ହୁ' କହିଛି ଯେ, ସମ୍ଭାବ୍ୟ ବିପଦକୁ ସାମ୍ନା କରିବା ପାଇଁ ଆମକୁ ଚିକିତ୍ସା ଓ ସଚେତନତା ଉପରେ ଅଧିକ ଫୋକସ କରିବାକୁ ପଡିବ। ଏବେଠାରୁ ହିଁ ସମସ୍ୟାର ମୁକାବିଲା କରିବାକୁ ଆମକୁ ରଣନୀତି ପ୍ରସ୍ତୁତ କରିବାକୁ ହେବ। ନଚେତ ସ୍ଥିତି ଭୟଙ୍କର ହୋଇଯିବ ବୋଲି ହୁ' ଚେତାଇ ଦେଇଛି। ହୁ'ର ରିପୋର୍ଟ ଅନୁଯାୟୀ, ୨୦୫୦ ସୁଦ୍ଧା ବିଶ୍ୱ ଜନସଂଖ୍ୟାର ଏକ ବୃହତ ଅଂଶ ଶୁଣିବା ଶକ୍ତି ହରାଇ ପାରନ୍ତି। ପ୍ରତି ୪ ଜଣରେ ଜଣେ ଏହି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୭୦୦ ନିୟୁତ ଲୋକଙ୍କୁ ଭଲ ଭାବେ ଶୁଣିବା ପାଇଁ ବିଭିନ୍ନ ଯନ୍ତ୍ରର ବ୍ୟବହାର ଓ ଚିକିତ୍ସା ପଦ୍ଧତିକୁ ଅବଲମ୍ବନ କରିବାକୁ ପଡିବ। ତେଣୁ ବର୍ତ୍ତମାନଠାରୁ ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ହୁ' ଶୁଣିବା ଜନିତ ପ୍ରସଙ୍ଗ ଉପରେ ପ୍ରଥମ ଥର ପାଇଁ ଏକ ରିପୋର୍ଟ ଜାରି କରିଛି। ଏଥିରେ କୁହାଯାଇଛି ଯେ, ସଂକ୍ରମଣ, ରୋଗ, ଜନ୍ମଗତ ସମସ୍ୟା, ଶବ୍ଦ ପ୍ରଦୂଷଣ ଓ ଜୀବନ ବଞ୍ଚିବାର ଶୈଳୀରେ ସୃଷ୍ଟି ହେଉଥିବା ତ୍ରୁଟି ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇପାରେ। ହୁ' ଚେତାବନୀ ଦେଇ କହିଛି ଯେ, ଯଦି ଏହି ଦିଗରେ ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନିଆ ନଯାଏ, ତେବେ ପରିସ୍ଥିତି ଅତ୍ୟନ୍ତ ଖରାପ ହୋଇଯିବ। ଏହି ସଙ୍କଟ ଦ୍ୱାରା ସ୍ୱାସ୍ଥ୍ୟକ୍ଷେତ୍ର ଗଭୀର ଭାବେ ପ୍ରଭାବିତ ହେବ। ଖାଲି ସେତିକି ନୁହେଁ, କମ୍ୟୁନିକେସନ, ଶିକ୍ଷା ଓ ରୋଜଗାର କ୍ଷେତ୍ର ମଧ୍ୟ କ୍ଷତିଗ୍ରସ୍ତ ହେବ। ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ୨୦% ଲୋକ ଶ୍ରବଣ ଶକ୍ତି ହରାଇବା ଜନିତ ସମସ୍ୟା ଦ୍ୱାରା ପୀଡିତ। ଆସନ୍ତା ତିନି ଦଶନ୍ଧି ମଧ୍ୟରେ ଏଭଳି ଲୋକଙ୍କ ସଂଖ୍ୟା ୧.୫ ଗୁଣ ବୃଦ୍ଧି ପାଇପାରେ। ୨୦୧୯ରେ ଏହି ସଂଖ୍ୟା ୧.୬ ବିଲିୟନ ଥିଲା। ୨୦୫୦ରେ ଏହା ୨.୫ ବିଲିୟନକୁ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ୨.୫ ବିଲିୟନ ଲୋକଙ୍କ ମଧ୍ୟରୁ ୭୦୦ ନିୟୁତ ଲୋକ ସାଂଘାତିକ ଶୁଣିବା ଜନିତ ସମସ୍ୟାରେ ପଡିବେ ଓ ସେମାନଙ୍କୁ ଚିକିତ୍ସା ଯୋଗାଇ ଯନ୍ତ୍ରର ବ୍ୟବହାର କରିବାକୁ ପଡିପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଡେମୋଗ୍ରାଫିକ୍ ଆଣ୍ଡ ପଲ୍ୟୁସନ ଟ୍ରେଣ୍ଡସ୍ ଯୋଗୁ ଲୋକଙ୍କ ଶରୀରରେ ଶ୍ରବଣ ଶକ୍ତି ହରାଇବା ଜନିତ ସମସ୍ୟା ସୃଷ୍ଟି ହେବାର ମୁଖ୍ୟ କାରଣ। ସେହିପରି ଚିକିତ୍ସା ସୁବିଧା ସମସ୍ତଙ୍କ ପାଖରେ ନ ପହଞ୍ଚିବା ମଧ୍ୟ ଏହି ସମସ୍ୟାର ଆଉ



ଏକ କାରଣ। ବିଶେଷକରି ସ୍ୱଳ୍ପ ଆୟକାରୀ ଦେଶମାନଙ୍କରେ ଅଧିକାଂଶ ଲୋକ ଆବଶ୍ୟକ ସୁବିଧା ଓ ଠିକ୍ ସମୟରେ ଚିକିତ୍ସା ସୁବିଧା ପାଆନ୍ତି ନାହିଁ। ଏଭଳି ରାଷ୍ଟ୍ରରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୮୦% ଲୋକ ବସବାସ କରନ୍ତି। ଏଥିଯୋଗୁ ପରିସ୍ଥିତି ଅଧିକ ଖରାପ ହୋଇପାରେ। ଏହି ସମସ୍ୟାକୁ ରୋକିବା ପାଇଁ ହୁ' ପକ୍ଷରୁ କିଛି ପ୍ରସ୍ତାବ ମଧ୍ୟ ଦିଆଯାଇଛି। ହୁ' କହିଛି ଯେ, ସର୍ବସାଧାରଣ ସ୍ଥାନରେ ଲାଉଡ ସ୍ପିକରର ଶବ୍ଦ ହ୍ରାସ କରିବା ଓ ଶ୍ରବଣ ଶକ୍ତି ହ୍ରାସ କରୁଥିବା ରୋଗର ନିରାକରଣ ପାଇଁ ଟିକାର ବ୍ୟବସ୍ଥା କରାଯିବା ଉଚିତ। ଏଥିସହ ସମସ୍ୟା ଚିହ୍ନଟ କରିବାକୁ ହୁ' ବ୍ୟବସ୍ଥିତ ସ୍କ୍ରିନିଂ ପାଇଁ ମଧ୍ୟ ପରାମର୍ଶ ଦେଇଛି। ହୁ'ର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଡାନୋମ୍ ଗେବ୍ରିୟସ କହିଛନ୍ତି ଯେ, ଶ୍ରବଣ ଶକ୍ତି ହରାଇବା ସମସ୍ୟାର ମୁକାବିଲା କରିବାରେ ଆମର ସାମୂହିକ ବିଫଳତା ଯୋଗୁ ପ୍ରତିବର୍ଷ ଏକ ଟ୍ରିଲିୟନ ଆମେରିକୀୟ ଡଲାରର କ୍ଷତି ସହିବାକୁ ପଡୁଛି। ଏହି ସମ୍ଭାବ୍ୟ ବିପଦକୁ ଧ୍ୟାନରେ ରଖି ଆମକୁ ଏହା ବିରୋଧରେ ଅଭିଯାନ ଆରମ୍ଭ କରିବା ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି।

# ସିବିଏସ୍‌ଇ ପରୀକ୍ଷା ତାରିଖରେ ପରିବର୍ତ୍ତନ

**ଭୁବନେଶ୍ୱର :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ତାରିଖରେ ସାମାନ୍ୟ ପରିବର୍ତ୍ତନ। ମେ' ୧୫ରେ ଅନୁଷ୍ଠିତ ହେବାକୁ ଥିବା ଦଶମ ଶ୍ରେଣୀର ବିଜ୍ଞାନ ବିଷୟ ପରୀକ୍ଷା ମେ' ୨୧ରେ, ମେ' ୨୧ରେ ହେବାକୁ ଥିବା ଗଣିତ ବିଷୟ ପରୀକ୍ଷା ଜୁନ୍ ୨କୁ ଘୁଞ୍ଚାଇ ଦିଆଯାଇଛି। ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ବିଜ୍ଞାନ ବିଭାଗର ପଦାର୍ଥ ବିଜ୍ଞାନ ବିଷୟ ପରୀକ୍ଷା ପୂର୍ବରୁ ମେ' ୧୩ରେ ଧାର୍ଯ୍ୟ ହୋଇଥିଲା। ମାତ୍ର ଏହି ପରୀକ୍ଷାକୁ ଜୁନ୍ ୮କୁ ଘୁଞ୍ଚାଯାଇଛି। ବାଣିଜ୍ୟ ବିଭାଗର ମ୍ୟାଥମେଟିକ୍ସ ଓ ଆପ୍ଲାଏଡ୍ ମ୍ୟାଥମେଟିକ୍ସ ପରୀକ୍ଷା ମେ' ୩୧ରେ ହେବ। କଳା ବିଭାଗର ଭୂଗୋଳ ବିଷୟର ପରୀକ୍ଷା ଜୁନ୍ ୨ ପରିବର୍ତ୍ତେ ଜୁନ୍ ୩ରେ ଅନୁଷ୍ଠିତ ହେବ।

# ଏନ୍‌ସିଏଇଆର ତାଲିକାରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ



**ଭୁବନେଶ୍ୱର :** ୨୦୨୦-୨୧ରେ ଜମି ରେକର୍ଡରେ ଓଡ଼ିଶା କରିଛି ବଡ ଅଗ୍ରଗତି। ନ୍ୟାସନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ ରିସର୍ଚ୍ଚ ବା ଏନ୍‌ସିଏଇଆର ତାଲିକାରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ସ୍ଥାନ ପାଇଛି। ତଥ୍ୟ ପହଞ୍ଚାଇବାରେ ଅନ୍ୟ ରାଜ୍ୟଠୁ ଆଗରେ ରହିଛି ଓଡ଼ିଶା। ୮୬.୫୪% ମାର୍କ ସହ ଓଡ଼ିଶା ଶୀର୍ଷ ସ୍ଥାନ ଦଖଲ କରିଛି। ଓଡ଼ିଶା ପଛକୁ ଅଛନ୍ତି ପଶ୍ଚିମବଙ୍ଗ ଓ କର୍ଣ୍ଣାଟକ। ୱେବସାଇଟ୍‌ରେ ଜମି ସଂକ୍ରାନ୍ତୀୟ ଡାଟା ସହଜରେ ଉପଲବ୍ଧ ହେଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୱେବସାଇଟ୍‌ରେ ଡାଟା ଉପଲବ୍ଧ ହେଉଛି। ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ପ୍ରସ୍ତୁତ ହୋଇଛି ତାଲିକା। ସେହିପରି ଜମି ରେକର୍ଡର ଡିଜିଟାଇଜେସନରେ ମଧ୍ୟ ଓଡ଼ିଶା ଶୀର୍ଷରେ ରହିଛି। ରେକର୍ଡର ଶହେ ପ୍ରତିଶତ ଡିଜିଯାଇଜେସନ କରିପାରିଛି ଓଡ଼ିଶା। ଜମି ରେକର୍ଡ ଓ ସେବା ଇଣ୍ଡେକ୍ସରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଏହି କ୍ଷେତ୍ରରେ ଓଡ଼ିଶାର ସ୍କୋର ରହିଛି ୭୭.୨%। ଏହି କ୍ଷେତ୍ରରେ ଗତବର୍ଷଠୁ ୧୪.୪% ଓଡ଼ିଶା ଉନ୍ନତି କରିଛି।

# ଏଣିକି ଲଟେରୀ ମାଧ୍ୟମରେ ମଦ ଲାଇସେନ୍ସ



**ଭୁବନେଶ୍ୱର :** ମଦ ଲାଇସେନ୍ସ ନିୟମ ବଦଳିଲା। ଆଉ ହେବନି ଲାଇସେନ୍ସର ନବୀକରଣ। ଏବେ ଲଟେରୀ ମାଧ୍ୟମରେ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ମିଳିବ। ଏନେଇ ଅବକାରୀ ବିଭାଗ ନୂଆ ନିର୍ଦ୍ଦେଶନାମା ଜାରି କରିଛି। ତେବେ ଏହି ନୂଆ ନିର୍ଦ୍ଦେଶନାମା ଦ୍ୱାରା ଏବେ ମଦ ବ୍ୟବସାୟୀ ଚିନ୍ତାରେ ପଡିଯାଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଜାରି ହୋଇଥିବା ନୂଆ ନିର୍ଦ୍ଦେଶନାମା ଅନୁଯାୟୀ, ଲଟେରୀ ମାଧ୍ୟମରେ ଲାଇସେନ୍ସ ପାଇବା ପରେ ଏହାର ବୈଧତା ୫ ବର୍ଷ ରହିବ। ତେବେ ନୂଆ ନିୟମ ଆସିବା ପରେ ପୁରୁଣା ବ୍ୟବସାୟୀଙ୍କ ଲାଇସେନ୍ସ ରଦ୍ଦ ହେବ। ନୂଆ ଲାଇସେନ୍ସ ପାଇବାକୁ ହେଲେ ଲଟେରି ପ୍ରକ୍ରିୟାରେ ସାମିଲ ହେବାକୁ ପଡିବ। ଏଥିପାଇଁ ଅବକାରୀ ବିଭାଗ ୱେବସାଇଟ୍‌କୁ ଯାଇ ଆଧାର, ପ୍ୟାନ୍ କାର୍ଡ, ଆୟକର ପ୍ରମାଣପତ୍ର ଓ ଏକଲକ୍ଷ ଟଙ୍କା ଜମା କରି ଅନଲାଇନ୍ ଜରିଆରେ ଆବେଦନ କରିପାରିବେ। ତେବେ ଲଟେରିରେ ନାଁ ନଉଠିଷଲ ଏକଲକ୍ଷ ଟଙ୍କା ଫେରାସ୍ତ ହେବନାହିଁ। କିନ୍ତୁ ଯେଉଁମାନଙ୍କ ନାଁ ଉଠିବ, ସେମାନଙ୍କୁ ୬ଲକ୍ଷ ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଦେବାକୁ ପଡିବ। ଏହାଦ୍ୱାରା ୧୫ ବର୍ଷ ଧରି ମଦ ବ୍ୟବସାୟ କରି ଆସୁଥିବା ବ୍ୟବସାୟୀ ଓ ସେଠାରେ କାମ କରୁଥିବା କର୍ମଚାରୀ ପ୍ରଭାବିତ ହେବେ ବୋଲି ମଦ ବ୍ୟବସାୟୀ ସଂଘ କହିଛି। ସେହିପରି କରୋନା ପାଇଁ ସର୍ବନିମ୍ନ ଗ୍ୟାରେଣ୍ଟି କୋଟା ପୂରଣ ହୋଇନଥିବାରୁ ବର୍ତ୍ତମାନର ଅଧିକାଂଶ ବ୍ୟବସାୟୀ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିବେ ନାହିଁ। ଏହାସହ ବାହାର ରାଜ୍ୟର ବ୍ୟବସାୟୀଙ୍କ ଦୌରାତ୍ମ୍ୟ ବଢ଼ିବ ବୋଲି ସଂଘ ଆଶଙ୍କା କରିଛି। ଅନ୍ୟପକ୍ଷରେ ଅବକାରୀ ବିଭାଗ ସଚିବ କହିଚନ୍ତି, ଦୀର୍ଘବର୍ଷ ଧରି ଚାଲି ଆସୁଥିବା ନିୟମରେ ପରିବର୍ତ୍ତନର ଆବଶ୍ୟକତା ଥିଲା।

# ଓଡ଼ିଶାରେ ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ଦିଆଯାଉ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର :** ରାଜ୍ୟ ସରକାର ଯଥାଶୀଘ୍ର ଓଡ଼ିଶାର ବହୁସଂଖ୍ୟକ ସାମାଜ ତଥା ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ (ଏସଇବିସି)ଙ୍କୁ ଶିକ୍ଷା କ୍ଷେତ୍ରରେ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଖୁବ ଶୀଘ୍ର ସମ୍ବିଧାନ ଅନୁମୋଦିତ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବା ପାଇଁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ମୋଦି ସରକାରରେ ଦେଶରେ ଆର୍ଥିକ ଅନଗ୍ରସର ସବର୍ଣ୍ଣଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିରେ ୧୦ ପ୍ରତିଶତର ସ୍ଥାନ ସଂରକ୍ଷଣ ହୋଇଥିବା ବେଳେ ଏହାକୁ ମଧ୍ୟ ଓଡ଼ିଶାରେ ଲାଗୁ କରିବା ପାଇଁ ମଖ୍ୟମନ୍ତ୍ରୀ ସକରାତ୍ମକ ପଦକ୍ଷେପ ନେବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀ ଠାରେ ଗୁରୁବାର ସାମ୍ବାଦିକ ସମ୍ମିଳନୀ ଜରିଆରେ ପୁଣି ଥରେ ଏହି ଦୀର୍ଘଦିନର ଦାବୀକୁ ଦୋହରାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜ୍ୟର ମୋଟ ଜନସଂଖ୍ୟାର ୫୪ ପ୍ରତିଶତ ହେଉଛନ୍ତି ଓବିସି ଓ ଏସଇବିସି ବର୍ଗ। ତେବେ ଏହି ବର୍ଗର ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଥିବା ସୁଯୋଗରୁ ବଂଚିତ ହେବା କାରଣରୁ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିନାହିଁ। ଏଥିପାଇଁ ସେ ପୂର୍ବରୁ ତିନି ଥର ଅର୍ଥାତ୍ ଜୁଲାଇ ୨୫,୨୦୧୯, ଜାନୁଆରୀ ୧୫, ୨୦୨୦ ଏବଂ ଡିସେମ୍ବର ୩୧,୨୦୨୦ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦୀର୍ଘ ଦିନର ଦାବୀ ତଥା ଓବିସିଙ୍କୁ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଏବଂ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ଏସ୍‌ଓବିସି ବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବା ପାଇଁ ଅନୁରୋଧ କରିଛନ୍ତି। ଦେଶରେ ଦୀର୍ଘ ତିନି ଦଶନ୍ଧି ଧରି ଏହା ଲାଗୁ ହେଲା ପରେ ମଧ୍ୟ ଓଡିଶା ସରକାର କାହିଁକି ଏହି କ୍ଷେତ୍ରରେ ସଂରକ୍ଷଣ ଦେଉନାହାନ୍ତି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି। ଦେଶର ଅନେକ ରାଜ୍ୟ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିଥିବା ବେଳେ କର୍ଣ୍ଣାଟକ, ତାମିଲନାଡୁ, କେରଳ ଓ ବିହାର ଆଦି ରାଜ୍ୟ ସେସବୁ ରାଜ୍ୟ ଗୁଡିକରେ ଏହି ଜାତି ଗୁଡିକର ଜନସଂଖ୍ୟାରେ ଅଧିକ ଭାଗ କାରଣରୁ ଅଧିକ



ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଏହି ଜାତିଙ୍କ ପାଇଁ ଅଧିକ ପ୍ରତିଶତ ସଂରକ୍ଷଣ ଦେବା ପାଇଁ କୌଣସି ପ୍ରତିବନ୍ଧକ ନାହିଁ। ଇନ୍ଦ୍ରା ସ୍ୱହନୀ ଓ ଭାରତ ସରକାରଙ୍କ କେସ୍ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ବିଶେଷ ପରିସ୍ଥିତିରେ ସ୍ଥାନ ସଂରକ୍ଷଣ ନିର୍ଦ୍ଦିଷ୍ଟ ସୀମା ଠାରୁ ଅଧିକ ହୋଇପାରିବ ବୋଲି ରାୟ ପ୍ରକାଶ କରିଥିଲେ। ମହାରାଷ୍ଟ୍ରରେ ବିଜେପି ସରକାର ବା ଦେବେନ୍ଦ୍ର ଫର୍ଣ୍ଣାଡ଼ିସ କ୍ଷମତାରେ ଥିବା ବେଳେ ରାଜ୍ୟରେ ପଛୁଆ ଶ୍ରେଣୀର ଲୋକମାନଙ୍କ ପାଇଁ ଏପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏହାକୁ ମାନ୍ୟବର ବମ୍ବେ ହାଇକୋର୍ଟ ବୈଧ ଭାବରେ ସାମ୍ବିଧାନିକ ଅନୁମତି ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କର ସୀମା ଉପରେ ବିଶେଷ କାରଣ ଯୋଗୁଁ ସଂରକ୍ଷଣ ବଢାଇବାର ଅଧିକାରକୁ ସମ୍ମତି ପ୍ରଦାନ କରିଥିଲେ। ଓଡ଼ିଶାରେ ପାଖାପାଖି ୨୧୦ଟି ସମୁଦାୟକୁ ଏସଇବିସି ବର୍ଗରେ ଚିହ୍ନଟ କରାଯାଇଛି। ଯାହାର ବିଜ୍ଞପ୍ତି ୧୯୯୩ ମସିହାରୁ ଆରମ୍ଭ କରି ୨୦୧୭ ମସିହା ପର୍ଯ୍ୟନ୍ତ ପ୍ରକାଶିତ ହୋଇଛି । ଏହାର ଅର୍ଥ ସ୍ପଷ୍ଟ ଦିବାଲୋକରେ ସ୍ପଷ୍ଟ ଯେ ଓଡ଼ିଶା ସରକାରଙ୍କ ପାଖରେ ପଛୁଆ ବର୍ଗଙ୍କର ତାଲିକା ରହିଛି । 'ଦାସେ ଆଇଲେ ମୂଳରୁ ଗା' ନୀତିକୁ ଛାଡ଼ି ପଛୁଆ ବର୍ଗଙ୍କ ପାଇଁ ରାଜ୍ୟ ସରକାର ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରନ୍ତୁ। ସେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପାଖରେ ଗୋଟିଏ ଓବିସି ତାଲିକା ରହିଥିବା ବେଳେ ରାଜ୍ୟ ପାଖରେ ମଧ୍ୟ ଏସଇବିସି ତାଲିକା ରହିଛି। ରାଜ୍ୟ ସରକାର ନିଜସ୍ୱ ଏସଇବିସି ତାଲିକା ଏବଂ କେନ୍ଦ୍ରର ଓବିସି ତାଲିକାକୁ ନେଇପାରିବେ ଯାହା ଶିକ୍ଷା ଏବଂ ରୋଜଗାର କ୍ଷେତ୍ରରେ ସଂରକ୍ଷଣ ଯୋଗାଇବା ପାଇଁ ଉପଯୋଗୀ ହୋଇପାରିବ। ତେଣୁ ବହୁସଂଖ୍ୟକ ସମାଜକୁ ଏହି ସାମ୍ବିଧାନ ଅଧିକାର ପାଇବାରୁ ବଂଚିତ କରାନଯାଉ। ସମ୍ବିଧାନର ଧାରା ୧୫(୪) ଓ ୧୬(୪) ଅଧୀନରେ ଓବିସି ବର୍ଗଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣର ବ୍ୟବସ୍ଥା ଥିଲେ ମଧ୍ୟ ଓଡିଶା ସରକାର ସଂରକ୍ଷଣ ବ୍ୟବସ୍ଥା କରୁନାହାନ୍ତି। ଏହା ରାଜନୈତିକ ପ୍ରସଙ୍ଗ ନୁହେଁ, ସାମାଜିକ, ସାମାଜିକ ନ୍ୟାୟ, ସାମାଜିକ ସଶକ୍ତିକରଣ ଓ ସାମାଜିକ ସମରସତାର ପ୍ରସଙ୍ଗ। ତେଣୁ ମୁଖ୍ୟମନ୍ତ୍ରୀ ରାଜନୈତିକ ବାଦବିବାଦରୁ ବାହାରକୁ ଯାଇ ଏସଇବିସି ଓ ଓବିସି ବର୍ଗଙ୍କ ପାଇଁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଉପଯୁକ୍ତ ସାମ୍ବିଧାନିକ ଅଧିକାର ପ୍ରଦାନ କରନ୍ତୁ। ଏହା ଦ୍ୱାରା ସମାଜରେ ସାମାଜିକ ଓ ଆର୍ଥିକ ବୈଷମ୍ୟତା ଦୂର ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# କଳାହାଣ୍ଡିରେ ନୂଆ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ

**ଭବାନୀପାଟଣା,(ଅନିଲ ପଟ୍ଟନାୟକ) :** କଳାହାଣ୍ଡି ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣା ଠାରେ ନୂଆ ଜିଲ୍ଲା ଓ ଦୌରାଜଜ୍ ଅଦାଲତ ବା କୋର୍ଟ ବିଲଡିଂ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ଏସ୍.ମୁରଲୀଧର ଏହି ନିବନିର୍ମିତ କୋର୍ଟ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ସଞ୍ଜୀବ ପାଣିଗ୍ରାହୀ ଓ କଳାହାଣ୍ଡି ଜିଲ୍ଲା ଓ ଦୌରାଜଜ ପ୍ରଦୀପ ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିପାଇଁ ଜିଲ୍ଲା ସ୍ତରରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଥିଲା।



# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ନୋଡାଲ ବୈଠକ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାପାଳଙ୍କ କକ୍ଷଠାରେ ଆଜି ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲାପାଳ ଡାକ୍ତର ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ନୋଡାଲ ଅଧିକାରୀ, ପିଡି ଡିଆରଡିଏ ରମାକାନ୍ତ ନାୟକ, ଉପଜିଲ୍ଲାପାଳ ଭାସ୍କର ରୋଇତ, ଏପିଡି ଡିଆରଡିଏ (ଏଡିଏମ୍‌ଏନ୍) ରତ୍ନାକର ସାହୁ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମୌସୁମୀ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲ୍ଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗାଇପାଇ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଅମରେନ୍ଦ୍ର ପାଢ଼ୀ, ଜିଲ୍ଲା ନିଯୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ରଙ୍କ ବ୍ୟତୀତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ନିମାଇ ଚରଣ ସୁତାର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମେହେରୁ ମିଶା ବେଗମ, ଜିଲ୍ଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଞ୍ଚାନନ ପଣ୍ଡାଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।



ବୈଠକରେ ନବରଙ୍ଗପୁର ଜିଲ୍ଲାରେ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଓ ବିକାଶ ମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ନବରଙ୍ଗପୁର ସଦର ମହକୁମାଠାରେ ଏକ ସ୍ଥାୟୀ ହେଲିପ୍ୟାଡ ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ଅର୍ଥ ମଞ୍ଜୁର କରିଥିବା ଜିଲ୍ଲାପାଳ ଗୃହରେ ଜଣାଇବା ସହିତ ନିର୍ବାହୀ ଯନ୍ତ୍ରୀ, ଗୃହ ନିର୍ମାଣ ବିଭାଗ ନବରଙ୍ଗପୁରଙ୍କୁ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନବରଙ୍ଗପୁର ପିଡବ୍ଲ୍ୟୁଡି ବଙ୍ଗଳା ଠାରୁ ଜିଲ୍ଲା ପୋଲିସ ରିଜର୍ଭ ଅଫିସ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟର ବହୁତ ବିଳମ୍ବ ଯୋଗୁଁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ତୁରନ୍ତ ଶେଷ କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାୟପୁର ଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଭାରତମାଳା ନବରଙ୍ଗପୁର ଜିଲ୍ଲା ଦେଇ ଯାଇଥିବା ପ୍ରୋଜେକ୍ଟର ଭୂଅର୍ଜନ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଚଳିତ ଗ୍ରୀଷ୍ମ ଋତୁରେ କିଭଳି ଲୋକମାନେ ପିଇବା ପାଣି ସୁବିଧାରେ ପାଇପାରିବେ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହିତ ଯେଉଁମାନେ ସରକାରୀ କାର୍ଯ୍ୟାରୀ ଅବହେଳା କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# 'ସଉଦା ଅଛି, ରୋଷେଇଆ ନାହିଁ'



**ଭୁବନେଶ୍ୱର :** ରାଜ୍ୟ ସରକାର ପଂଚାୟତରାଜ ଦିବସକୁ ବହୁ ଆଡମ୍ବର ଭାବେ ପାଳନ କରିବାର ଦୃଶ୍ୟ ଦେଖିବାକୁ ମିଳିଛି। ରାଜ୍ୟର ଗ୍ରାମାଂଚଳର ବିକାଶ ପାଇଁ ପଂଚାୟତରାଜ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ୟୁପିଏ ସରକାରଙ୍କ ଅମଳରେ ୨୦୧୪ ମସିହା ପୂର୍ବରୁ ୧୩ଦଶ ଅର୍ଥ କମିଶନ ସୁପାରିଶ ଆଧାରରେ ପ୍ରତିଟି ପଂଚାୟତର ବିକାଶ ପାଇଁ ପ୍ରତି ବର୍ଷ ମାତ୍ର ୧ରୁ ୫ ଲକ୍ଷ ଟଙ୍କା ମିଳୁଥିଲା । ମାତ୍ର ଗରୀବଙ୍କ ପାଇଁ ସମର୍ପିତ ମୋଦି ସରକାର ୨୦୧୫ ମସିହାଠାରୁ ୧୪ର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଆଧାରରେ ପ୍ରତି ପଂଚାୟତକୁ ପ୍ରତି ବର୍ଷ ସର୍ବନିମ୍ନ ୪୦ଲକ୍ଷ ଟଙ୍କାରୁ ସର୍ବାଧିକ ୧ କୋଟି ଟଙ୍କା ପ୍ରଦାନ କରିଛନ୍ତି । । ଏହି ଅର୍ଥରେ ସ୍ଥାନୀୟ ପଂଚାୟତର ଉଜ୍ଜ୍ୱଳା ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ମାର୍କେଟ କଂପ୍ଲେକ୍ସ ଆଦି ନିର୍ମାଣ କରାଯାଇ ପଂଚାୟତର ନିଜସ୍ୱ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ କରାଯାଇପାରିବ । ପ୍ରତିଟି ପଂଚାୟତର ବିକାଶ ପାଇଁ ମୋଦି ସରକାର ପ୍ରଚୁର ପରିମାଣରେ ଅର୍ଥ ପଠାଉଛନ୍ତି । ମାତ୍ର ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ନୀତି କାରଣରୁ ଅର୍ଥ ବିନିଯୋଗ ହୋଇନପାରି କେନ୍ଦ୍ରକୁ ପୁଣି ଫେରିଯାଉଛି । ଗତ ୬ ବର୍ଷରେ ରାଜ୍ୟର ଗ୍ରାମାଂଚଳରେ ଯାହା କିଛି ବିକାଶ ହୋଇଛି, ତାହା କେବଳ ମୋଦି ସରକାରଙ୍କ ଅର୍ଥରେ ହୋଇଛି । ମୋଦିଙ୍କ ଲାଇଟ ଗାଁ ଦାଣ୍ଡକୁ ଉଜ୍ଜଳ କରିଛି । ମାତ୍ର ଅନ୍ୟ ପଟେ ରାଜ୍ୟର ଅର୍ଦ୍ଧାଧିକ ପଂଚାୟତରେ ନିର୍ବାହୀ ଅଧିକାରୀ ପଦବୀ ଖାଲି ପଡିଛି । ବ୍ଲକରେ ଜେଇ ଓ ଆଫିଓ କର୍ମଚାରୀ ପଦବୀ ଖାଲି ପଡିଛି । ତେଣୁ ଯେଉଁ କାମ ହେଉଛି, ତାହା ମଧ୍ୟ ଅତି ନିମ୍ନ ମାନର । ମୋଦି ପଠାଇଥିବା ଅର୍ଥ ପଂଚାୟତରେ ଅଛି, ମାତ୍ର ଖର୍ଚ୍ଚ ହୋଇପାରୁନାହିଁ । ଝସଉଦା ଅଛି, ମାତ୍ର ରୋଷେଇଆ ନାହିଁ? ବୋଲି କହି ତାଚ୍ଛଲ୍ୟ କରି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ ବିଧାନସଭା କ୍ଷେତ୍ରର ବିଭିନ୍ନ ଗ୍ରାମ ଗସ୍ତ କରି ବିକାଶର ବାସ୍ତବ ଚିତ୍ର ଦେଖିଲା ପରେ ଗ୍ରାମାଂଚଳର ବିକାଶରେ ରାଜ୍ୟ ସରକାର ବାଧକ ସାଜିଥିବା ସ୍ପଷ୍ଟ ଜଣାପଡିଛି ।




ଭୁବନେଶ୍ୱର : ବଜାରର ୨୪ତମ ସ୍ୱନକ୍ଷତ୍ର ଦିବସ ପାଳିତ

# 'ଶିକ୍ଷା ପରିବର୍ତ୍ତନର ଆଧାର'

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ୫-ଟି କାର୍ଯ୍ୟକ୍ରମ ଅଧିନରେ ଅନୁସୂଚିତ ଜନଜାତି, ଜାତି ବିକାଶ ବିଭାଗର ଅନେକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିରେ ୩ଟି ଆକାଂକ୍ଷା ହଷ୍ଟେଲ ଓ ୬୮ଟି ଅନ୍ୟ ଛାତ୍ରାବାସ ଉଦ୍‌ଘାଟନ, ହଷ୍ଟେଲରେ ରହୁଥିବା ୫.୭୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମୋ ଛାତ୍ରାବାସ କାର୍ଡ, ୫୦ ହଜାର ଛାତ୍ରଛାତ୍ରୀଙ୍କୁ ବୃତ୍ତି, ମାତୃଭାଷା ଭିତ୍ତିକ ଶିକ୍ଷାଦାନ ସଂହତି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହିସବୁ କାର୍ଯ୍ୟକ୍ରମ ଗୁଡିକ ବିଭାଗର କାର୍ଯ୍ୟକ୍ରମରେ ଅଧିକ ଦକ୍ଷତା ଓ ସ୍ୱଚ୍ଛତା ଆଣିବାରେ ସହାୟକ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଶିକ୍ଷା ହେଉଛି ପରିବର୍ତ୍ତନର ଆଧାର। ଜନଜାତି ଭାଇଭଉଣୀ ମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଉପରେ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଜନଜାତି ପିଲାମାନେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଦେଖାଇ ପାରିଛନ୍ତି। ପ୍ରାଥମିକ ଶିକ୍ଷା ପାଇଁ ମାତୃଭାଷା ସବୁଠାରୁ ଉତ୍ତମ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାତୃଭାଷା ଜରିଆରେ ହିଁ ପିଲାମାନେ ସହଜରେ ଶିକ୍ଷା ଗ୍ରହଣ କରିପାରନ୍ତି। ଆଜି ଆରମ୍ଭ ହେଉଥିବା ସଂହତି କାର୍ଯ୍ୟକ୍ରମ ଦ୍ୱାରା ଦେଢ଼ଲକ୍ଷ ପିଲା ସୁବିଧାରେ ପାଠ ପଢ଼ିପାରିବେ। ସେହିପରି ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମୋ ଛାତ୍ରାବାସ କାର୍ଡ, ଓଡ଼ିଶା ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲରେ ପୋଷ୍ଟ ମାଟ୍ରିକ୍ ସ୍କଲାରସିପ୍ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯାଉଛି। ଏହି ଦୁଇଟି ଯୋଜନାରେ ଛଅ ଲକ୍ଷରୁ ଅଧିକ ପିଲା ଉପକାର ପାଇବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ପ୍ରାଥମିକ ସ୍ତରରେ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ ପାଇଁ ସଂହତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିରେ ୧.୫ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ। ସେହିପରି ହଷ୍ଟେଲ ମାନଙ୍କରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ମୋ ଛାତ୍ରାବାସ କାର୍ଡ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହାଦ୍ୱାରା ଅନୁସୂଚିତ ଜନଜାତି ଓ ଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ଥିବା ୬୭୦୦ ହଷ୍ଟେଲର ୫.୭୫ଲକ୍ଷ ଛାତ୍ରଛାତ୍ରୀ ଉପକାର ପାଇବେ। ସେହିପରି ଓଡ଼ିଶା ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲ ଜରିଆରେ ୫୦ ହଜାର ଛାତ୍ରଛାତ୍ରୀଙ୍କୁ ୧୦୧ କୋଟି ଟଙ୍କା ପରିମାଣର ବୃତ୍ତି ପିଲାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଇଛି। ଅନୁସୂଚିତ ଜନଜାତି, ଜାତି ପିଲାମାନଙ୍କୁ ସହରର



ଭଲ ସ୍କୁଲରେ ଶିକ୍ଷା ଦେବା ପାଇଁ ଆକାଂକ୍ଷା ଯୋଜନା ଚାଲୁଅଛି। ଏହି ଯୋଜନାରେ ଆଜି ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ୩ଟି ଆକାଂକ୍ଷା ହଷ୍ଟେଲ ଉଦ୍‌ଘାଟନ କରିଥିଲେ। ଏହାସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ୬୮ଟି ଛାତ୍ରାବାସ ଲୋକାର୍ପିତ କରିଥିଲେ। ଏହି ଛାତ୍ରାବାସ ଗୁଡିକ ପାଇଁ ୧୫୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପିଲାମାନଙ୍କ ଦକ୍ଷତା ବିକାଶ ଆମର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ପ୍ରୟାସ ଯୋଜନାରେ ୭୫୦୦ରୁ ଅଧିକ ଏସ୍‌ଟି, ଏସ୍‌ସି ଓ ଓବିସି ପିଲାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅର୍ଥରିଟ୍ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି। ଆପଦଗ୍ରସ୍ତ ଜନଜାତିଙ୍କ ପାଇଁ ଆଜି ଆରମ୍ଭ ହୋଇଥିବା ପୁଷ୍ଟି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହା ହେଉଛି ରାଜ୍ୟ ସରକାରଙ୍କ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଆଜିମ ପ୍ରେମଜୀ ଫିଲାନ୍ଥ୍ରୋପି ଇନ୍‌ଟିଏଟିଭର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଆମର ୩୫୦୦ ପିଭିଟିଜି ଚାଷୀ, ୨୩ ହଜାର ଶିଶୁ ଏବଂ ୨୫ ହଜାର ମା ଉପକାର ପାଇବେ। ଏହି କାର୍ଯ୍ୟକ୍ରମ ରାଜ୍ୟର ୧୧୩୮ଟି ପିଭିଟିଜି ଗ୍ରାମରେ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମ ଗୁଡିକ ଦ୍ୱାରା ଆମର ଜନଜାତି, ଜାତି ପିଲାମାନେ ଆଗକୁ ବଢ଼ିବା ସହିତ ସେମାନଙ୍କର ପ୍ରକୃତ ସଶକ୍ତିକରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରରୁ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଆଜିର କାର୍ଯ୍ୟକ୍ରମ ଦ୍ୱାରା ଜନଜାତି, ଜାତି ଛାତ୍ରଛାତ୍ରୀମାନେ ଆଗକୁ ବଢ଼ିବା ସହିତ ଓଡ଼ିଶାର ବିକାଶରେ ଯୋଗଦାନ ରଖିପାରିବେ ବୋଲି କହିଥିଲେ। ସେହିପରି ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଓ ରାଉରକେଲା ବିଧାୟକ ସାରଦା ନାୟକ ମଧ୍ୟ ଭିଡିଓ କନଫରେନ୍ସି ଜରିଆରେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଆପଦଗ୍ରସ୍ତ ଜନଜାତିଙ୍କ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ନବରଙ୍ଗପୁର ଓ କେନ୍ଦୁଝରର ଦୁଇଜଣ ବୃତ୍ତି ପାଇଥିବା ଛାତ୍ରଛାତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ନିଜର ମତାମତ ରଖି ଏହାଦ୍ୱାରା ସେମାନଙ୍କର ଉଚ୍ଚଶିକ୍ଷାରେ ସୁବିଧା ହେବ ବୋଲି ପ୍ରକାଶ କରିଥିଲେ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପିକେ ଜେନା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର


ଭୁବନେଶ୍ୱର, ୮ - ୧୪ ମାର୍ଚ୍ଚ, ୨୦୨୧

# ସମୟର ଆହ୍ୱାନ-ପରିବର୍ତ୍ତନ

ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ନିଜ ଜୀବନର ଭବିଷ୍ୟତ ସହଜରେ ଆକଳନ କରିଜାଣନ୍ତି। ଯେଉଁଥିପାଇଁ ସେମାନେ ପ୍ରତ୍ୟେକ କାର୍ଯ୍ୟ ଅତୀତ ଓ ଭବିଷ୍ୟତର ହିସାବ ସହିତ କରନ୍ତି। ଆଗାମୀ ଦିନ କେଉଁଭଳି ହେବ, ସମୟ କିଭଳି ଅତିବାହିତ କରିବାକୁ ପଡିବ ସେ ବିଷୟରେ ସମ୍ପୃକ୍ତ ବ୍ୟକ୍ତି ପୂର୍ବାନୁମାନ ଲଗାଇବାରେ ସଫଳ ହେଉଥିଲା ବେଳେ କେବଳ ଜୀବନ ଚାଲୁଛି ତ ଚାଲୁ ଭାବନା ରଖି ଯେଉଁମାନେ ବଞ୍ଚିଥାନ୍ତି, ପରବର୍ତ୍ତୀ ସମୟରେ ଦୁର୍ଘଟଣାରେ ପଡି ବଞ୍ଚିବାକୁ ଅସ୍ତବ୍ୟସ୍ତ ହେବା ବା ଛଟପଟ ହେବା ଅତ୍ୟନ୍ତ କଷ୍ଟଦାୟକ। ଯେଉଁ ସମସ୍ୟା ଆପେ ଆପେ ଆସେ ତାହାର ନିରାକରଣ ବା ସମାଧାନ ପାଇଁ ମଣିଷ ଚେଷ୍ଟାକରେ, ସଫଳ ହୁଏ। ସଫଳତାର ମାତ୍ରା କମ ବେଶି ଅପେକ୍ଷା ଦୁଶ୍ଚିନ୍ତାରୁ ମୁକ୍ତି ମିଳିଥାଏ। ହେଲେ ଇଚ୍ଛାକୃତ ସମସ୍ୟା, ଯାହା ପରିବାର ସଦସ୍ୟ, ବନ୍ଧୁ ପରିଜନଙ୍କ ଆଡୁ ସୃଷ୍ଟି ହେଉଥାଏ ତାହାର ସମାଧାନ ଯନ୍ତ୍ରଣାଦାୟକ। କାରଣ ଛେଁ ଶୋଇବ ଯିଏ, ତାକୁ ଉଠେଇବ କିଏ ଭଳି ସବୁକଥା ଜାଣି କିଛିଲୋକ ଅନ୍ୟକୁ ମାନସିକ ଯନ୍ତ୍ରଣା ଦେବା ସହିତ ଆର୍ଥିକ କ୍ଷତିରେ ପକାଇଥାନ୍ତି। ଯଦ୍ୱାରା ଜଣେ ବ୍ୟକ୍ତି ଯେତେ ବିପଦମୁକ୍ତ ହେବାକୁ ଚାହିଁଲେ ବି ତାହା ସହଜ ହୋଇନଥାଏ, ବା ଆଦୌ ହୋଇନଥାଏ। ଆଜିକାଲି ଏଭଳି ବିପଦ ସୃଷ୍ଟିକାରୀଙ୍କ ପାଇଁ ପରିବାର ଭାଙ୍ଗିଯିବା ସହିତ, ତମାମ ଜୀବନ ଭୟ ଓ ଆଶଙ୍କା ଭିତରେ ରହିଥାଏ। ଯେଉଁଥିପାଇଁ ସମସ୍ୟା ଭୋଗ କରୁଥିବା ବ୍ୟକ୍ତିର ଜୀବନ ପ୍ରତି ମୋହ ତୁଟି ଆସେ। ହୁଏତ ଏଥିପାଇଁ ଆତ୍ମହତ୍ୟା ଶ୍ରେଷ୍ଠ ଉପାୟ ବୋଲି ଚିନ୍ତା କରିବାକୁ ପଡେ। କିଛି ଲୋକଙ୍କ ଅପାରଗତା ପାଇଁ ପରିବାରର ପ୍ରତ୍ୟେକ ସଦସ୍ୟ ଦୁଃଖ କଷ୍ଟ ସହିବାକୁ ବାଧ ହୋଇପଡନ୍ତି। ଯଦିଓ ଆଇନରେ ଏଥିରୁ ନିସ୍ତାର ପାଇଁ ଅନେକ ନିୟମ ରହିଛି, ତଥାପି ଆଇନର ଆଶ୍ରୟ ଦ୍ୱାରା ସାମୟିକ ଆଶ୍ୱସ୍ତି ମିଳୁଥିଲେ ବି ଏହା ଶାନ୍ତି ପ୍ରଦାନ କରିନଥାଏ। ଅଜାଗା ଘା ଦେଖି ହୁଏନି କି ଦେଖେଇ ହୁଏନି ଭଳି ପରିବାରର କେହି ବି ସଦସ୍ୟ ଏଭଳି କରୁଥିଲେ, ସେ ପରିବାର ଋଣଗ୍ରସ୍ତ, ଲଜ୍ଜିତ ଓ ଆତଙ୍କିତ ଅବସ୍ଥାରେ ରହି ପରିଶେଷରେ ଉଜୁଡିଯାଏ। ଏହି ଉଜୁଡିଯିବା ବା ପରିବାର ଭାଙ୍ଗିଯିବା ପଛରେ ବାହ୍ୟ ଶତ୍ରୁଙ୍କ ଅପେକ୍ଷା ଗୃହ ଶତ୍ରୁ ବିଶେଷ ଦାୟୀ। କାରଣ ଏମାନେ ନିଜ ଅଯୋଗ୍ୟତାକୁ ଢାଙ୍କି ତା ଉପରେ ମିଛ ପ୍ରଲେପ ଲଗାଇ ବାହାରକୁ ସୁନ୍ଦର ଅଭିନୟ କରିଥିଲେ ସୁଦ୍ଧା ଭିତରେ ଅତ୍ୟନ୍ତ ଭ୍ରଷ୍ଟ, କ୍ରୋଧି, ସ୍ୱାର୍ଥପର, ନିର୍ଲଜ ପରି ଜୀବନଯାପନ କରି ଅନ୍ୟର ଉପାର୍ଜନର ଅଧିକ ଅଂଶ ଲୁଟିନିଅନ୍ତି। ଫଳରେ ସମସ୍ୟା ଗମ୍ଭୀର ରୂପ ଧାରଣ କରିଥାଏ। ପରେ ଏଭଳି ଜଟିଳ ସମସ୍ୟାମାନ ସୃଷ୍ଟି ହୋଇଥାଏ ଯେ, ପରିବାର ପାଇଁ ନିଜକୁ ପୂର୍ଣ୍ଣ ଭାବେ ତ୍ୟାଗ କରିଥିବା ବ୍ୟକ୍ତି ସମାଜରେ ଉପହାସିତ ଓ ଲାଞ୍ଛିତ ହେବାକୁ ଯେଭଳି ବାଧ ହୋଇଥାଏ। ତଥାପି ଏତେସତ୍ତ୍ୱେ ଏଭଳି ନିର୍ଯାତନାରୁ ସହଜରେ ମୁକ୍ତି ମିଳିପାରେନି। ସ୍ଥଳ ବିଶେଷରେ ମାମଲା କୋର୍ଟ କଚେରୀ କିମ୍ବା ମୁରବୀଙ୍କ ପାଖକୁ ଯାଇଥାଏ। ତେଣୁ ବାହ୍ୟ ଚରିତ୍ର ଓ ଅନ୍ତଃଚରିତ୍ର ମଧ୍ୟରେ ଥିବା ପାର୍ଥକ୍ୟ ଯୋଗୁ ନାନା ସମସ୍ୟା ଦେଖାଦେଇଛି।

ସମ୍ବାଦକୀର୍ତ୍ତି



ତାରକ ମହାନ୍ତି

କୃତ୍ରିମ ବ୍ୟବହାର ବା ଛଳନାପୂର୍ଣ୍ଣ ବ୍ୟବହାର ଦ୍ୱାରା ଜଣେ ଜଣକୁ ଠକି ଚାଲିବାର ପ୍ରୟାସ ସମାଜ ବ୍ୟବସ୍ଥାକୁ ରୁଗ୍ଣ କରିଦେବା ସହିତ ମାନବିକତା ପ୍ରତି ବିଶ୍ୱାସଘାତ ତିଆରି କରୁଛି। ମାତ୍ରାଧିକ ଲୋଭର ବଶବର୍ତ୍ତୀ ମଣିଷ ଏତେଦୂର ସ୍ୱାର୍ଥପର ହୋଇଗଲାଣି ଯେ, ନିଜ ପରିଚୟ ଗୋପନ ରଖି ସ୍ୱତନ୍ତ୍ର ପରିଚୟର ଅଧିକାର ହେବା ଦୌଡରେ ନିଜକୁ ଏଭଳି ସାମିଲ ରଖୁଛି, ସେଥିରେ କାହାର କେତେ ସ୍ୱାର୍ଥ ହାନୀ ହେଲା ସେଥିପ୍ରତି ମୋଟେ ନିଘା ରହୁନାହିଁ। ଆତ୍ମଗର୍ବ ନିଶାରେ ଟଳମଳ ବ୍ୟକ୍ତି ନିଜ ସମ୍ପର୍କ ବାହାରେ ଅନେକ ନୂତନ ସମ୍ପର୍କ ସୃଷ୍ଟି ଜରିଆରେ କ୍ଷମତାର ପରାକ୍ରମ ଦେଖାଇ ଚାଲିଛି। ଯେଉଁ କ୍ଷମତା ମଣିଷକୁ ଅନ୍ଧ କରିଦିଏ, ସେଭଳି କ୍ଷମତା ହାତମୁଠାରେ ରଖି କେତେ ଅପଯଶ ଅର୍ଜନ ହେଉଛି ତାହାର ହିସାବ କାହାରି ପାଖରେ ନାହିଁ। ସମୟକ୍ରମେ ଧନୀ ହୋଇଯାଇଥିବା କିଛି ବ୍ୟକ୍ତି ନିଜର ପାରିବାପଣିଆକୁ ଏତେମାତ୍ରାରେ ଗର୍ବ ଅନୁଭବ କରନ୍ତି ଯେ, ଯେଉଁଥିରେ ସଂସ୍କାର ରୂପକ ବ୍ୟବସ୍ଥା ବିଦୀର୍ଣ୍ଣ ହୋଇପଡେ।

ଖୋଳପା ଭିତରେ ଶରୀର ଢାଙ୍କିଲା ଭଳି ଛଦ୍ମବେଶି ମଣିଷ ସବୁପ୍ରକାର କୁକର୍ମରେ ଲିପ୍ତ ରହି ଅର୍ଥ ଉପାର୍ଜନ କରନ୍ତି। ବାହାରକୁ ଏମାନଙ୍କ ଭଦ୍ରମୁଖା ଜଳଜଳ ଦିଶୁଥିଲେ ବି, ଏମାନଙ୍କ ମନ ଭିତରେ କିନ୍ତୁ ଅନ୍ୟ ପାଇଁ ଘୃଣା, ଈର୍ଷା, କ୍ରୋଧ ଭରି ହୋଇଥାଏ। ଯେକୌଣସି ସାଧାରଣ କଥାରେ ଏଭଳି ଚରିତ୍ର ମାନେ ଖୁବ ହିସ୍ର ଆଚରଣ, ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବାକୁ ପଛଘୁଞ୍ଚା ଦିଅନ୍ତିନାହିଁ। ଅନାବଶ୍ୟକ କଥାରେ ନିଜର ଗୁରୁତ୍ୱ ବଢ଼ାଇବାକୁ ଯାଇ ମିଛରେ ତମ୍ବିତୋଫାନ କରି ଗର୍ଜନ କରନ୍ତି। ସେମାନଙ୍କ ଅଭିପ୍ରାୟ ଏଇଆ ଥାଏ ଯେ, ସେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏହା ସମସ୍ତେ ଜାଣନ୍ତୁ। ହେଲେ ଏମାନଙ୍କର ସତ କଥା ସହିବାର ଧୈର୍ଯ୍ୟ ବା କ୍ଷମତା ନଥାଏ। କେତେକ କ୍ଷେତ୍ରରେ ଦେଖାଯାଇଛି, କିଛି ବ୍ୟକ୍ତି ପ୍ରତି କଥାରେ ଅନ୍ୟ ଉପରେ ଦୋଷ ଲଦି ନିଜେ ସ୍ୱଚ୍ଛ ହେବାର ବୁଦ୍ଧି ପ୍ରୟୋଗ କରନ୍ତି। ହୁଏତ ଏଭଳି କୁବୁଦ୍ଧି କେତେକାଂଶରେ ଏମାନଙ୍କୁ ସହାୟ ହୋଇଥାଏ। ଯେଉଁଥିପାଇଁ ଗୋଟେ ପରେ ଗୋଟେ ନ୍ୟାୟରେ ଅନ୍ୟ ପାଇଁ ବିପଦ ସୃଷ୍ଟି କରିବା ଏମାନଙ୍କ ଅଭ୍ୟାସରେ ପରିଣତ ହୋଇଯାଏ। ସାମାଜିକ ବିଧି ବ୍ୟବସ୍ଥା ଅନୁଶୀଳନ କଲେ ଆମ ଦେଶର ସଂସ୍କୃତି ସମଗ୍ର ବିଶ୍ୱକୁ ଗୋଟିଏ ରଜ୍ଜୁରେ ବାନ୍ଧି ରଖିବାର ପ୍ରେରଣା ଦିଏ। ସମସ୍ତେ ଭଲରେ ରୁହନ୍ତୁ ଓ ସୁଖରେ ରୁହନ୍ତୁ ଚିନ୍ତାଧାରା ଉପରେ ପର୍ଯ୍ୟବେସିତ ଆମର ସଂସ୍କାର। କିନ୍ତୁ ଏଭଳି ପବିତ୍ର ଭାବନା ବାହାରକୁ ଯାଇ ସାମ୍ପ୍ରତିକ ମଣିଷ ସ୍ୱାର୍ଥକୁ ନେଇ ଏତେ ବ୍ୟସ୍ତ ଯେ, ତା ଆଖିରେ କେବଳ ସମ୍ପତ୍ତି ଆହରଣର ନିଶା ଘାରିଛି। ଆତ୍ମିକ ସଂସ୍କାର ନଥିବା ବ୍ୟକ୍ତି କେବେ ପୃଥିବୀର ମଙ୍ଗଳ କାମନା କରିପାରେନାହିଁ। ତେଣୁ ଜଗତ କଲ୍ୟାଣ ଆଧାରରେ ଜୀବନକୁ ଗଢ଼ି ତୋଳିବା ବ୍ୟକ୍ତିର ମୂଳ ଲକ୍ଷ୍ୟ ହେବା ଉଚିତ। ରାଗ ରୋଷ ବିଦ୍ୱେଷ ଭାବନା ଜୀବନକୁ ସଂକୁଚିତ ଓ ପଙ୍କିଳ କରିପକାଏ। ଏଭଳି ଭାବନାରୁ ନିବୃତ୍ତ ନରହିଲେ ମଣିଷ ଈଶ୍ୱରତ୍ୱ ପ୍ରାପ୍ତିର ସ୍ୱପ୍ନ ଦେଖିବା ଅସମ୍ଭବ। ଦିବ୍ୟଜ୍ଞାନ ବ୍ୟକ୍ତି ନିଜର ଅନ୍ତରପୁରୁଷର ନିର୍ଦ୍ଦେଶ ଓ ବିବେକାନୁମୋଦିତ କାର୍ଯ୍ୟ କରୁଥିଲା ବେଳେ ସ୍ୱାର୍ଥୀ ଓ ଅହଂକାରୀମାନେ କେବଳ ନିଜ ଚିନ୍ତା କରିଥାନ୍ତି। ତେଣୁ ସମାଜ କଲ୍ୟାଣରେ ନିଜର କଲ୍ୟାଣ କଥାଟିକୁ ଏମାନେ ସମ୍ପୂର୍ଣ୍ଣ ପାଶୋରି ଦେଇଥାନ୍ତି କିମ୍ବା ଏହାକୁ ଅବଜ୍ଞା କରୁଥିବାର ଦେଖାଯାଏ। ଯେମିତି ସୂର୍ଯ୍ୟ ଉଦୟ ହେଲେ ତାଙ୍କ କିରଣ କେଉଁଠି ପଡିବ ତାହା ସେ ନିର୍ଦ୍ଧାରଣ ନକରି ସମଗ୍ର ଜୀବଜଗତକୁ ଆଲୋକ ପ୍ରଦାନ କରିଥାନ୍ତି, ସେଭଳି ମଣିଷ ନିଜର କର୍ତ୍ତବ୍ୟ ଦ୍ୱାରା ସମସ୍ତଙ୍କର ଭଲ ଚିନ୍ତା କରିବା କଥା। ଏଭଳି ହୋଇପାରିଲେ ବ୍ୟକ୍ତିର କ୍ଲେଶ ଲାଘବ ହେବା ସହ ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇଥାଏ। କିଛିଦିନର ଅଭିନୟ ମାଧ୍ୟମରେ ଅନେକ କିଛି କରିବାକୁ ହୋଇଥାଏ। ତନ୍ମଧ୍ୟରେ ଭଲ କର୍ମର ଫଳ ଭଲ ହୋଇଥିଲା ବେଳେ ଅପକର୍ମ ପାଇଁ ଉଚିତ ଦଣ୍ଡ ଭୋଗିବାକୁ ପଡେ। ବିଳମ୍ବରେ ହେଉ ପଛେ କୌଣସି କୁକର୍ମ ମଣିଷକୁ ଆନନ୍ଦ ଦେଇପାରେନାହିଁ।


## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଭାରତର ସୁରକ୍ଷା



ସୌମେନ୍ଦ୍ର ଜେନା

ଦୀର୍ଘ ନଅମାସରୁ ଅଧିକ କାଳଧରି ଲଦାଖର ପାଙ୍ଗୋଙ୍ଗ ସୋ ହ୍ରଦ କୂଳରେ ଚକାମାଡି ବସିଥିବା ଚୀନ ସେନାଙ୍କୁ ଶେଷରେ ପଛକୁ ହଟିବାକୁ ପଡିଛି । ମାସ ମାସ ଧରି ଗ୍ଲୋବାଲ ଟାଇମ୍ସରେ ଯେଉଁସବୁ ମିଛ ବାହାଦୂରୀଭରା କାହାଣୀମାନ ପ୍ରକାଶ ପାଉଥିଲା ସେସବୁ ଏବେ ହ୍ରାସ ପାଇଛି । ଭାରତକୁ ବାରମ୍ବାର ନାଲିଆଖି ଦେଖାଇ ଆସୁଥିବା ଚୀନକୁ ନିଜର କୃତକର୍ମର ଫଳ ଭୋଗ କରିବାକୁ ହୋଇଛି । ଆର୍ଥିକ, ରାଜନୀତିକ, କୂଟନୈତିକ ଏବଂ ସାମରିକ କ୍ଷେତ୍ରରେ ସଣ୍ଢୁଆସୀ ଆକ୍ରମଣର ସମ୍ମୁଖୀନ ହେବାକୁ ଅସମର୍ଥ ଚୀନ ସରକାରଙ୍କୁ ନିଜ ପୂର୍ବ ନିଷ୍ପତ୍ତିକୁ ବଦଳାଇବାକୁ ପଡିଛି । ଏସବୁ ଯେ ତତ୍‌କାଳ ସମ୍ଭବପର ହୋଇଛି ତା ନୁହେଁ । ବର୍ତ୍ତମାନ ସରକାରର ଦୃଢ ନିଷ୍ପତ୍ତି ଏବଂ ପ୍ରତିରକ୍ଷା ବାହିନୀର ମନୋବଳ ଯୋଗୁ ଚୀନକୁ ଏବେ ପରାଭବ ଭୋଗ କରିବାକୁ ପଡିଛି । ଚୀନ ସରକାରଙ୍କ ସାମ୍ରାଜ୍ୟବାଦୀ ନୀତିକୁ ବିଶ୍ୱସାରା ସମାଲୋଚନା କରାଯିବା, ଛୋଟ ଛୋଟ ଦେଶଗୁଡିକ ମଧ୍ୟ ଭାରତର ଦୃଢ ସଂକଳ୍ପକୁ ଅନୁସରଣ କରିବାକୁଯାଇ ଭିନ୍ନ ଭିନ୍ନ କ୍ଷେତ୍ରରେ ଚୀନା ସେନାଙ୍କୁ ପଛକୁ ହଟିବାକୁ ବାଧ କରିଛନ୍ତି । କହିବାକୁ ଗଲେ ଭାରତ ସରକାରଙ୍କ କଠୋର ନିଷ୍ପତ୍ତି ଏବଂ ସେନାର ଅଦମ୍ୟ ସାହସ ପଛରେ ଦେଶର ଜନତାଙ୍କ ଦୃଢ ସମର୍ଥନ ହିଁ ଏପରି ଏକ ସଫଳତା ଆଣିଦେଇଛି । ତେବେ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଦେଶ ଓ ଦେଶ ବାହାରେ ନେତୃତ୍ୱର ପରାକାଷ୍ଠା, ପ୍ରତିରକ୍ଷା ପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ,ସେନାବାହିନୀର ଆବଶ୍ୟକ ଯୁଦ୍ଧ ସରଞ୍ଜାମ ଯୋଗାଣ, ସ୍ୱଦେଶୀ ଯୁଦ୍ଧାସ୍ତ୍ରକୁ ପ୍ରୋତ୍ସାହନ, ବେସରକାରୀ ଶିଳ୍ପସଂସ୍ଥାର ପ୍ରତିରକ୍ଷା ବିକାଶ ଓ ଉତ୍ପାଦନ କ୍ଷେତ୍ରରେ ସହଯୋଗ ଯୋଗୁ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଏବେ ଆମେରିକା, ରୁଷିଆ ଓ ଚୀନ ପରେ ଚତୁର୍ଥ ଶକ୍ତିଶାଳୀ ରାଷ୍ଟ୍ର ଭାବେ ମୁଣ୍ଡ ଟେକିଛି । ନିକଟରେ ଜାନୁଆରୀ ମାସରେ ବିଶ୍ୱ ସାମରିକ ଶକ୍ତିକୁ ବିଚାର କରି ବାର୍ଷିକ ଡିଫେନ୍ସ ରିଭ୍ୟୁର ବାର୍ଷିକ ସଂଖ୍ୟା ପ୍ରକାଶ ପାଇଛି । ସେଥିରେ ୫୦ଟି ବିଷୟକୁ ବିଚାରକରି ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତହିଁରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି । ଏଥିରେ ୧୩୮ଟି ରାଷ୍ଟ୍ରର ସାମରିକ ଦକ୍ଷତାକୁ ନେଇ ବିଚାର କରାଯାଇଥିଲା । ତାଲିକା ଶୀର୍ଷରେ ଥିବା ଆମେରିକାର ୯୦୪ଟି ଲଢୁଆ ହେଲିକପଟର, ୧୧ଟି ବିମାନବାହୀ ପୋତ,୪୦୦୦୦ ଯୁଦ୍ଧଯାନ, ୬୮ଟି ସବମେରିନ ରହିଛି । ତା ତଳକୁ ଦ୍ୱିତୀୟ ସ୍ଥାନରେ ଥିବା ରାଷ୍ଟ୍ର ରୁଷିଆର ୭୮୯ଟି ଲଢୁଆ ଯୁଦ୍ଧବିମାନ,୫୩୮ଟି ଲଢୁଆ ହେଲିକପଟର, ୧୩୦୦୦ ଯୁଦ୍ଧ ଟ୍ୟାଙ୍କ, ୬୪ଟି ସବମେରିନ ରହିଛି । ତୃତୀୟ ସ୍ଥାନରେ ଥିବା ଚୀନର ୧୨୦୦ ଯୁଦ୍ଧ ବିମାନ, ୩୨୭ଟି ଲଢୁଆ ହେଲିକପଟର, ୭୯ ସବ୍‌ମେରିନ, ୩୫୦୦୦ ଯୁଦ୍ଧଯାନ ରହିଛି । ଚତୁର୍ଥ ସ୍ଥାନରେ ଥିବା ଭାରତର ୫୪୨ଟି ଯୁଦ୍ଧ ବିମାନ, ୩୭ଲଢୁଆ ହେଲିକପଟର, ୧୭ ସବ୍‌ମେରିନ ସହ ୪୭୩୦ ଟ୍ୟାଙ୍କ ରହିଛି । ଏସବୁ ଦୃଷ୍ଟିରୁ ଦେଖିଲେ ଭାରତର ମୁଖ୍ୟ ଶତ୍ରୁରାଷ୍ଟ୍ର ଭାବେ ଏବେ ସରକାର ଚୀନକୁ ଗଣା କରୁଥିବାରୁ ସହସା ପ୍ରତିହତ ପାଇଁ ପାକ୍ ସୀମାପଟେ ମୁତୟନ ଥିବା ଆଗୁଆ ବାହିନୀକୁ ଚୀନ ସୀମାକୁ ଅଣାଯାଇଛି ।

ସେ ଦୃଷ୍ଟିରୁ କେନ୍ଦ୍ର ବଜେଟରେ ପ୍ରତିରକ୍ଷା ବାବଦକୁ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୪୭୮୧୯୬ କୋଟିର ବ୍ୟୟ ବରାଦ କରାଯାଇଛି । ପୂର୍ବବର୍ଷ ଏହି ବରାଦ ୪୭୧୩୭୮ କୋଟି ଥିଲା । ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହି ବ୍ୟୟବରାଦ ମାତ୍ର ୧.୪ ପ୍ରତିଶତ ବୃଦ୍ଧି ହୋଇଥିଲେ ହେଁ କରୋନା ଯୋଗୁ ୧୦ମାସ ବନ୍ଦଥିବା ଦେଶପାଇଁ ଏହି ଅର୍ଥ ବରାଦ ବହୁତ ବଡକଥା । ଗୋଟିଏ ପଟେ ୨୬ଲକ୍ଷ ପେନସନ୍ ଭୋଗୀ ପ୍ରତିରକ୍ଷା କର୍ମଚାରୀ ଥିବା ଯୋଗୁ ବାର୍ଷିକ ପ୍ରାୟ ୨୪.୨ ପ୍ରତିଶତ ଅର୍ଥ କେବଳ ପେନସନ ଦେବାରେ ଖର୍ଚ୍ଚ ହୋଇଯାଉଛି । ଦୀର୍ଘ ୭୦ବର୍ଷ କାଳ ହେଲା ସମାଜବାଦୀ ରାଷ୍ଟ୍ର ଢାଞ୍ଚାରେ ସଂଖ୍ୟାଧିକ ପ୍ରତିରକ୍ଷା ପ୍ରତିଷ୍ଠାନକୁ ଭାରତ ସରକାର ଧଳାହାତୀ ପରି ପୋଷି ଆସୁଛନ୍ତି । ଦେଶରେ ଡିଆର୍‌ଡିଓ ଅଧିନରେ ୫୨ଟି ପରୀକ୍ଷାଗାର ରହିଛି । ଏହାବାଦ ୩୯ଟି ଗୁଳିଗୋଳା ନିର୍ମାଣକାରୀ କାରଖାନା, ୪ଟି ଯୁଦ୍ଧପୋତ କାରଖାନା, ୫ଟି ସରକାର ଅଧିନସ୍ଥ ସଂସ୍ଥା ରହିଛି । ଏସବୁ କାରଖାନାରେ ପ୍ରାୟ ୨ଲକ୍ଷ କର୍ମଚାରୀ ଚାକିରୀ କରୁଛନ୍ତି । ସରକାରୀ ନିୟନ୍ତ୍ରଣାଧୀନ ଏହି ସଂସ୍ଥାଗୁଡିକରେ କାର୍ଯ୍ୟରତ କର୍ମଚାରୀଙ୍କ ଅଯୋଗ୍ୟତା, ଅପାରଗତା ଓ ଅଳସୁଆପଣ ଯୋଗୁ ଦେଶ ଭିତରେ ଯେତେ ପରିମାଣରେ ଯୁଦ୍ଧାସ୍ତ୍ର ଉତ୍ପାଦନ ହେବା କଥା ତାହା ହୋଇପାରୁନାହିଁ । ଅଥଚ ଏହିସବୁ ସଂସ୍ଥାଗୁଡିକୁ ବଞ୍ଚାଇ ରଖିବା ପାଇଁ ସରକାର ଢେର ଅର୍ଥ ବ୍ୟୟ କରି ଚାଲିଛନ୍ତି । ଆମେରିକା, ଇସ୍ରାଏଲ, ବ୍ରିଟେନ, ରୁଷିଆ, ଫ୍ରାନ୍ସ ପରି ପ୍ରମୁଖ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନକାରୀ ରାଷ୍ଟ୍ରଗୁଡିକରେ ବେସରକାରୀ ସଂସ୍ଥାଗୁଡିକର ଭୂମିକା ଅଧିକ ରହିଛି । ଆମେରିକା ପୃଥିବୀରେ ପ୍ରତିରକ୍ଷା ଉତ୍ପାଦନ ରପ୍ତାନୀରେ ପ୍ରଥମ ସ୍ଥାନରେ ଥିଲାବେଳେ ସେଠାରେ ସବୁକିଛିର ଉତ୍ପାଦନ ବେସରକାରୀ ସଂସ୍ଥାମାନେ କରୁଛନ୍ତି । ଭାରତ ସରକାର ଆତ୍ମନିର୍ଭର ଭାରତ ସଂକଳ୍ପ ନେଇ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏହାକୁ ଅଧିକ ଲାଗୁକରିବା ସହ ଧଳାହାତୀ ପ୍ରାୟ ବସିରହିଥିବା ସ୍ଥାଣୁ ସରକାରୀ ସଂସ୍ଥାଗୁଡିକୁ ବନ୍ଦ କରି ସେହି ଅର୍ଥ ପ୍ରତିରକ୍ଷା ଆଧୁନିକୀକରଣ କ୍ଷେତ୍ରରେ ବିନିଯୋଗ କରିବା ଜରୁରୀ ହେଲାଣି । ଭଲକଥା ହେଲା ଯେ କେନ୍ଦ୍ର ସରକାର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଟାଟା, ଏଲ୍‌ଏଣ୍ଡଟି, ମହିନ୍ଦ୍ରାଗ୍ରୁପ, ଭାରତ ଫୋର୍ଜ, ଅଶୋକ ଲେଲାଣ୍ଡ ପରି ଦେଶୀ ପୁରୁଣା କମ୍ପାନୀଗୁଡିକୁ ସାମିଲ କରି ସଫଳତା ଲାଭ କରିଛନ୍ତି । ଟାଟା ଗ୍ରୁପ ନିକଟରେ ଜର୍ମାନୀର ଏକ ଯୁଦ୍ଧ ବିମାନ ନିର୍ମାଣକାରୀ ସଂସ୍ଥାକୁ ଅଧିଗ୍ରହଣ କରି ଭାରତ ପାଇଁ ଯୁଦ୍ଧ ବିମାନ ନିର୍ମାଣ କରିବାକୁ ଅଣ୍ଟା ଭିଡିଛି । ମଇ ମାସ ମଧ୍ୟରେ ବିମାନର ମଡେଲ ପ୍ରସ୍ତୁତି କରାଯାଇ ପ୍ରଦର୍ଶନ କରାଯିବ । ଏ କ୍ଷେତ୍ରରେ ଅନ୍ୟ ବେସାମରିକ କର୍ମାନୀମାନେ ଓହ୍ଲାଇଲେ ବାୟୁସେନାର ଅଭାବ ଦୂର ହେବ ଏଥିରେ ସନ୍ଦେହ ନାହିଁ । କାରଣ ଭାରତର ସିପୟାର୍ଡ କମ୍ପାନୀଗୁଡିକ ଅତୀତରେ ପୃଥିବୀର ସବୁ ଦେଶରେ ଟେଣ୍ଡର ପ୍ରତିଦ୍ୱନ୍ଦ୍ୱିତାରେ ଅଂଶଗ୍ରହଣ କରୁନଥିଲେ । ଏବେ କିନ୍ତୁ କେନ୍ଦ୍ର ସରକାର ସେଥିପ୍ରତି ନଜର ଦେବାକୁ କହିବା ପରେ କୋଲକାତାର ଗାର୍ଡନରିଚ୍ ସିପୟାର୍ଡ ଚୀନ ସିପୟାର୍ଡକୁ ପଛରେ ପକାଇ ଦକ୍ଷିଣ ଆମେରିକାରୁ ଫେରି ନିର୍ମାଣର ଅର୍ଡର ପାଇଛି । ଏହା ପୂର୍ବରୁ ଦେଶର ସିପ୍‌ୟାର୍ଡଗୁଡିକରୁ ସହଯୋଗୀ ରାଷ୍ଟ୍ରମାନଙ୍କ ପାଇଁ ଗସ୍ତପୋତ ନିର୍ମାଣ ହୋଇସାରିଛି । ଏ କ୍ଷେତ୍ରରେ ଟିଟାଗଡ ଗ୍ରୁପ ଏବଂ ଏଲ୍‌ଏଣ୍ଡଟି ପରି ବେସରକାରୀ ସଂସ୍ଥାମାନେ ମଧ୍ୟ ପ୍ରବେଶ କରିସାରିଛନ୍ତି । ପ୍ରତିରକ୍ଷା ସଂସ୍ଥାଗୁଡିକରେ ବାବୁଗିରି ପାଇଁ ଅନେକ ଛୋଟ ଛୋଟ ଶିଳ୍ପ ବରବାଦ ହେଉଥିବା ଯୋଗୁ ଏ କ୍ଷେତ୍ରରେ ବେସରକାରୀ ବଡସଂସ୍ଥାର ପ୍ରବେଶ ହେଲେ ଚିତ୍ର ଓ ଚରିତ୍ର ବଦଳିଯିବ ଏଥିରେ ସନ୍ଦେହ ନାହିଁ । କାରଣ ଭାରତ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ନକରି ଆଜିଯାଏ ବିଦେଶୀ ରାଷ୍ଟ୍ରଗୁଡିକରୁ କ୍ରୟ କରି ଅନେକ ଅର୍ଥ ଅପଚୟ କରି ଆସିଛି । ସ୍ୱଦେଶୀ ଶିଳ୍ପଗୁଡିକୁ ଏ କ୍ଷେତ୍ରରେ ପ୍ରବେଶ ପାଇଁ ସୁବିଧା ଦେଲେ ଆଗାମୀ ଦିନମାନଙ୍କରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ଉପରେ ନିର୍ଭରଶୀଳତା ମଧ୍ୟ ହ୍ରାସ ପାଇବ, ଯାହା ଏବେ ଦେଖାଦେଇଛି ।

ପ୍ରତିରକ୍ଷା କ୍ଷେତ୍ରରେ ଥିଏଟର କମାଣ୍ଡ ସୃଷ୍ଟି ପାଇଁ ବର୍ତ୍ତମାନର ସରକାରଙ୍କ ଉଦ୍ୟମକୁ ଏକ ସଫଳ ପ୍ରୟାସ କହିଲେ ଠିକ୍ ହେବ । କାରଣ ୧୯୬୨ ଯୁଦ୍ଧରେ ଭାରତର ବାୟୁସେନା ଆଦୌ ନିଜକୁ ସାମିଲ କରିନଥିବା ସ୍ଥଳେ କାରଗିଲ୍ ଯୁଦ୍ଧରେ ବହୁ ବିଳମ୍ବରେ ସାମିଲ ହୋଇଥିଲା । ସୀମାନ୍ତର ଯୁଦ୍ଧ ଦେଶର ଯୁଦ୍ଧ, କୌଣସି ନିର୍ଦ୍ଦିଷ୍ଟ ବାହିନୀର ଯୁଦ୍ଧ ନୁହେଁ । ଯୁଦ୍ଧବେଳେ ଦେଶର ତିନିବାହିନୀ ମିଳିତ ଭାବେ ଯେପରି ଯୁଦ୍ଧର ସମ୍ମୁଖୀନ ହେବେ ଏବଂ ପରସ୍ପର ମଧ୍ୟରେ ଉତ୍ତମ ତାଳମେଳ ରଖିପାରିବେ, ମିଳିତ କମାଣ୍ଡର ତାହା ମୁଖ୍ୟ ଲକ୍ଷ୍ୟ ରହିବ । ଚଳିତବର୍ଷ ମଇ ମାସ ସୁଦ୍ଧା ଏୟାର ଡିଫେନ୍ସ କମାଣ୍ଡ ଏବଂ ମାରିଟାଇମ କମାଣ୍ଡ ଗଠନ କାର୍ଯ୍ୟ ଶେଷ ହେବ । ଏୟାର ଡିଫେନ୍ସ କମାଣ୍ଡର ମୁଖ୍ୟାଳୟ ପ୍ରୟାଗରାଜରେ କାର୍ଯ୍ୟ କରିବ । ସେଠାରେ ତିନିବାହିନୀ ମିଳିତ ଭାବେ କାର୍ଯ୍ୟ କରିବେ । ବାୟୁସେନାର ଜଣେ ଅଧିକାରୀ ଏହାର ନେତୃତ୍ୱ ନେବେ । ଏପ୍ରିଲରେ ଏହି କମାଣ୍ଡ କାର୍ଯ୍ୟାରମ୍ଭ କରିବ । ସେହିପରି ମାରିଟାଇମ୍ସ କମାଣ୍ଡର କରୱାର (କର୍ଣ୍ଣାଟକ) ଠାରେ ମୁଖ୍ୟ କାର୍ଯ୍ୟାଳୟ କାର୍ଯ୍ୟ କରିବ । ଏହି ଦୁଇ କମାଣ୍ଡ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ବିପିନ ରାୱତଙ୍କୁ ରିପୋର୍ଟ କରିବେ । ତିନି ସେନା ବାହିନୀଙ୍କ ମଧ୍ୟରେ ଏହି କମାଣ୍ଡ ସମନ୍ୱୟ ରକ୍ଷା କରିବ ।

ତେଣୁ କେନ୍ଦ୍ର ସରକାର ପ୍ରତିରକ୍ଷା ନିଷ୍ପତ୍ତିରେ ସେନାଧିକାରୀଙ୍କୁ ଅଧିକ କ୍ଷମତା ପ୍ରଦାନ କରି ପୂର୍ବର ପ୍ରଶାସକଙ୍କ କ୍ଷମତାଙ୍କୁ ହ୍ରାସ କରିଛନ୍ତି । ସ୍ୱଦେଶୀ ଅସ୍ତ୍ରଶସ୍ତ୍ରର ଉତ୍ପାଦନ ଏବଂ ରପ୍ତାନୀ ପାଇଁ ନିକଟରେ ବାଙ୍ଗାଲୋର ଏୟାରସୋ ଆୟୋଜନ ବେଳେ ଗୁରୁତ୍ୱ ଦିଆଯାଇଥିଲା । ଆଗାମୀ ଦିନରେ ଆରବ ରାଷ୍ଟ୍ରଙ୍କ ସୁରକ୍ଷାରେ ପାକ୍ ସେନା ବଦଳରେ ଭାରତର ମୁସଲିମ ଯବାନଙ୍କୁ ମୁତୟନ କରାଯିବା ପାଇଁ ପ୍ରୟାସ ଜାରି ରହିଛି । ଏମିରେଟ ସହ ଭାରତର ସେନା ମିଳିତ ସମରାଭ୍ୟାସ ହୋଇଛି । ଏହିସବୁ ସହଯୋଗୀ ରାଷ୍ଟ୍ରମାନଙ୍କୁ ସ୍ୱଦେଶୀ କ୍ଷେପଣାସ୍ତ୍ର, ହାଲୁକା ଅସ୍ତ୍ର, ଯୁଦ୍ଧ ବିମାନ, ରାଡାର ଆଦି ଅନେକ ପ୍ରତିରକ୍ଷା ସାମଗ୍ରୀ ବିକ୍ରି କରିବା ପାଇଁ ଭାରତ ସରକାର ସ୍ଥିର କରିଛନ୍ତି । ସେ ଦିଗରେ ସକାରାତ୍ମକ ଆଲୋଚନା ମଧ୍ୟ ଜାରି ରହିଛି । ପ୍ରତିରକ୍ଷା କ୍ଷେତ୍ରରେ ଅର୍ଥସଂଗ୍ରହ ପାଇଁ ଏହି ଉଦ୍ୟମ ସଫଳ ହେଲେ ଆଗାମୀ ଦିନରେ ଅଧିକରୁ ଅଧିକ ଅର୍ଥ ଯୁଦ୍ଧାସ୍ତ୍ର ଗବେଷଣା ଏବଂ ଉତ୍ପାଦନ ପାଇଁ ଉପଲବ୍ଧ ହୋଇପାରିବ । କାରଣ ପାଙ୍ଗଙ୍ଗସୋ ମାମଲାରେ ଚୀନ ସେନା ପଛକୁ ହଟିବା ପରେ ଏବେ ସରକାର ଯୁଦ୍ଧାସ୍ତ୍ର ସଂଗ୍ରହ ପାଇଁ ପ୍ରୟାସ,ଉତ୍ପାଦନ ଏବଂ ମିଳିତ ପ୍ରସ୍ତୁତି ଉପରେ ଅଧିକ ଜୋର ଦେବେ ବୋଲି ଜଣାପଡିଛି । ଯଦିଓ ଚଳିତବର୍ଷ ବଜେଟରେ ମାତ୍ର ୧ ପ୍ରତିଶତ ସାମରିକ ବ୍ୟୟ ବରାଦ ବଢିଛି ତଥାପି ସାମରିକ ଆଧୁନିକୀକରଣ ଲାଗି ପ୍ରାୟ ୧୯ପ୍ରତିଶତ ଅର୍ଥ ପ୍ରଦାନ ବଢିଛି । ଆବଶ୍ୟକ ଉନ୍ନତ ଯୁଦ୍ଧାସ୍ତ୍ର ସଂଗ୍ରହ ଓ ଉତ୍ପାଦନ ଲାଗି ଏବେ ଅଧିକ ଗୁରୁତ୍ୱ ଦିଆଯାଇଛି । ନିଷ୍ପତ୍ତିକୁ ତ୍ୱରିତ କରାଯାଇଛି । ବାଙ୍ଗାଲୋରର ଏକ ଷ୍ଟାଟଅପ୍ କମ୍ପାନୀ ଟନବୋ ଇମେଜିଂ ସଂପ୍ରତି ମାନବବାହୀ ଟ୍ୟାଙ୍କ ବିଧ୍ୱଂସୀ ରକେଟର ନିର୍ମାଣ ପାଇଁ ନିକଟରେ ହାଇଦ୍ରାବାଦର ସରକାରୀ ସଂସ୍ଥା ଭାରତ ଡାଇନାମିକ୍ସ ଲିମିଟେଡ ସହ ବୁଝାମଣା କରିଛି । ଏହି ରକେଟକୁ ସେନା କାନ୍ଧରେ ବୋହିନେଇ ମାଡକରି ପାରିବେ । ଏହାର ଓଜନ ବହୁତ କମ୍ ରହିଛି । ଏହାର ମୂଲ୍ୟ ମଧ୍ୟ ବାହାର ରକେଟଠାରୁ ୫୦ ପ୍ରତିଶତ କମ୍ ରହିବ । ପ୍ରଦର୍ଶନ ପରେ ଏହି ସଂସ୍ଥା ୧୨୩୦୦ ରକେଟ ସେନାବାହିନୀକୁ ଯୋଗାଇବ । ଆଜିଯାଏ ସରକାରଙ୍କ ସଂସ୍ଥା ଭାରତ ଡାଇନାମିକ୍ସର କ୍ଷେପଣାସ୍ତ୍ର ଉତ୍ପାଦନ କ୍ଷେତ୍ରରେ ଏକାଧିକାର ଥିଲାବେଳେ ଏବେ ବେସରକାରୀ ସଂସ୍ଥା କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ଆଗେଇ ଆସିବା ଦେଶପାଇଁ ଏକ ସୁଖବର ନିଶ୍ଚୟ।

କେନ୍ଦ୍ର ସରକାର ଦେଶର ପ୍ରତିରକ୍ଷାକୁ ଶକ୍ତିଶାଳୀ କରିବା ପାଇଁ ପ୍ରତିରକ୍ଷା କ୍ରୟ ନୀତି ୨୦୧୬କୁ କାର୍ଯ୍ୟକାରୀ କରି ପ୍ରତିରକ୍ଷା କ୍ଷେତ୍ରରେ ୪୦% ବିଦେଶୀ ପୁଞ୍ଜିନିବେଶ ସ୍ୱୟଂକ୍ରିୟ ମାର୍ଗରେ ଏବଂ ୧୦୦ ପ୍ରତିଶତ ନିବେଶ ସରକାରୀ ମାର୍ଗରେ କରିବାପାଇଁ ସରଳ ବ୍ୟବସ୍ଥା ଆଣିଛନ୍ତି । ବିପଦାବସ୍ଥାରେ ସେନାବାହିନୀର ଅଗ୍ରଣୀ ଭୂମିକାକୁ ନିଶ୍ଚିତ କରିବାଲାଗି ବର୍ତ୍ତମାନର ସରକାର ,ଜାମ୍ମୁ-କାଶ୍ମୀର ବନ୍ୟା କାଳରେ ଅପରେସନ ମେଘରାହତ, ହୁଡହୁଡ ବାତ୍ୟାବେଳେ ଆନ୍ଧ୍ରପ୍ରଦେଶରେ ଅପରେସନ ଲେହର, ନେପାଳ ଭୂକମ୍ପ ବେଳେ ଅପରେସନ ମୈତ୍ରୀ, ଫୁଟକାଲ ନଦୀରେ ଭୂସ୍ଖଳନ ବେଳେ ଅପରେସନ ଫୁଟକାଲ ୨୦୨୧ରେ ଅପରେସନ ଭାକସିନ୍ ମୈତ୍ରୀ ଚଳାଇ ସଫଳ ହୋଇଛନ୍ତି । ମଧ୍ୟ ପ୍ରାଚ୍ୟ ଯୁଦ୍ଧବେଳେ ଅପରେସନ ରାହତ ମାଧ୍ୟମରେ ଲକ୍ଷ ଲକ୍ଷ ପ୍ରବାସୀ ଭାରତୀୟଙ୍କୁ ଭାରତୀୟ ବାୟୁ ସେନା ଓ ନୌସେନା ବିଦେଶରୁ ଫେରାଇ ଆଣିବାକୁ ସକ୍ଷମ ହୋଇଥିଲେ ।

ମୋଦି ସରକାର ଦେଶର ପ୍ରତିରକ୍ଷାକୁ ସୁଦୃଢ କରିବା ସହ ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ ବୃଦ୍ଧି ପାଇଁ ବିଶେଷ ଦୃଷ୍ଟି ଦେଇଛନ୍ତି । ମାର୍ଚ୍ଚ ୨୦୨୦ରେ ବିଶ୍ୱଶାନ୍ତି ଗବେଷଣା ସଂସ୍ଥା (ସିପ୍ରି)ର ଘୋଷଣା ଅନୁଯାୟୀ ଭାରତ ଯୁଦ୍ଧାସ୍ତ୍ର ରପ୍ତାନୀ କ୍ଷେତ୍ରରେ ବିଶ୍ୱର ୨୩ତମ ସ୍ଥାନ ଦଖଲ କରିଛି । ରିପୋର୍ଟ ଅନୁଯାୟୀ ଭାରତ ୨୦୧୮-୧୯ରେ ୧୦୭୪୫ କୋଟି, ୨୦୧୭-୧୮ରେ ୪୬୮୨ କୋଟି ଏବଂ ୨୦୧୬-୧୭ରେ ୧୫୨୧ କୋଟି ଯୁଦ୍ଧାସ୍ତ୍ର ରପ୍ତାନୀ କରିଥିଲା ଯାହା ଗତ ପାଞ୍ଚବର୍ଷରେ ୭୦୦ ପ୍ରତିଶତ ବୃଦ୍ଧି ପାଇଛି । ଏହାର ସଫଳତା ପଛରେ ସରକାରଙ୍କ ଅସ୍ତ୍ରରପ୍ତାନୀ ନୀତି ଓ ପ୍ରଣାଳୀକୁ ସରଳ କରାଯିବା, ସରକାରୀ ଏବଂ ବେସରକାରୀ କମ୍ପାନୀଗୁଡିକୁ ଏଥିପାଇଁ ଅନୁମତି ପ୍ରଦାନ ମୁଖ୍ୟ କାରଣ ଭାବେ ରହିଛି । ସେମିତି ୨୦୧୪ରେ ଯୁଦ୍ଧ ଉପକରଣ ରପ୍ତାନୀ ୨୦୦୦ କୋଟିରୁ ବଢି ୨୦୨୦ ବେଳକୁ ତାହା ୧୭ ହଜାର କୋଟିକୁ ଛୁଇଁଥିଲା । ୨୦୨୫ବେଳକୁ ଏହି ପରିମାଣ ୩୫ ହଜାର କୋଟିକୁ ଛୁଇଁବ ବୋଲି ଆଶା କରାଯାଉଛି । ଏଠାରେ କହିବା ଠିକ୍ ହେବ ଯେ ଅଗଷ୍ଟ ୨୦୧୪ ଯାଏ ଦେଶରେ ପ୍ରତିରକ୍ଷା ନୀତି ନଥିଲା । ବୈଦେଶିକ ବାଣିଜ୍ୟ ନୀତି ଅନୁଯାୟୀ ଯାହା ଅଳ୍ପ ଅଳ୍ପ ରପ୍ତାନୀ ହେଉଥିଲା । ମୋଦି ସରକାର ୨୦୧୪ ସେପ୍ଟେମ୍ବର ବେଳକୁ ଏହି ନୀତି କାର୍ଯ୍ୟକାରୀ କରାଇଥିଲେ । ଏବେ ଏହାର ସଫଳତା ଦେଖିବାକୁ ମିଳୁଛି । ଏ କ୍ଷେତ୍ରରେ ଭାରତପାଇଁ ଯଥେଷ୍ଟ ସୁଯୋଗ ରହିଛି । କାରଣ ପଡଶାରୁ ଅଧିକ ଆଫ୍ରିକୀୟ ଗରିବ ରାଷ୍ଟ୍ର ଏବଂ ମଧ୍ୟ ପ୍ରାଚ୍ୟ ଦେଶଗୁଡିକରେ ଆଦୌ ପ୍ରତିରକ୍ଷା ସାମଗ୍ରୀର ଉତ୍ପାଦନ ନାହିଁ । ସେମାନେ ପାଶ୍ଚାତ୍ୟ ରାଷ୍ଟ୍ର,ଚୀନ ଏବଂ ରୁଷିଆଠାରୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା କ୍ରୟ କରିଥାନ୍ତି । ଆଜି ଏହିସବୁ ରାଷ୍ଟ୍ରଗୁଡିକ ସହ ଭାରତର ସଂପର୍କ ବହୁତ ଭଲ ରହିଥିବା ହେତୁ ଅଧିକ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ ହୋଇପାରିବ । ଫଳରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ବଡ ଆମଦାନୀକାରୀ ରାଷ୍ଟ୍ରରୁ ରପ୍ତାନୀକାରୀ ରାଷ୍ଟ୍ର ଦିଗରେ ଯିବାକୁ ସକ୍ଷମ ହେବ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଇଏ କି ପ୍ରକାର ସକାଳୁଆ ସ୍କୁଲ ?



ପ୍ରଦୀପ୍ତ ଆଚାର୍ଯ୍ୟ

ଆଜି ସକାଳୁ ସମୀର ବାବୁ ଆସୁଆସୁ ଆରମ୍ଭ କରିଦେଲେ,ଭାଇ ଜାଣିଲେଣିନା,ମୁଁ ଆଜିଠାରୁ ମୋ ନାତିକୁ ସ୍କୁଲ୍ ଯିବା ବନ୍ଦ କରିଦେଇଛି ।ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି,କାହିଁକି କଣ ଅସୁବିଧା ହେଲା ?ତତ୍‌କ୍ଷଣାତ ସେ କହିଲେ,ଆପଣ ସକାଳୁଆ ସ୍କୁଲର ସମୟ ନିର୍ଘଂଟ ଜାଣିଛନ୍ତିତ ?ଆଉ ସକାଳୁଆ ସ୍କୁଲ ହେବାର କାରଣ କଣ ?ମୁଁ କହିଲି ପ୍ରଚଣ୍ଡ ଗ୍ରୀଷ୍ମରୁ ତ୍ରାହି ପାଇବା ନିମନ୍ତେ ତ ସକାଳୁଆ ସ୍କୁଲ୍ ହୁଏ ।ସେ କହିଲେ ଠିକ୍ ଅଛି,ତାହେଲେ କୁହନ୍ତୁ ଦିନ ଚାରିଟାରେ ଖରା କମ୍ ନା ଦିନ ଗୋଟାଏରେ ଖରା କମ୍ ?ମାର୍ଚ୍ଚ ପହିଲାରୁ ସକାଳୁଆ ସ୍କୁଲ୍ ହେବ ବୋଲି ନିଷ୍ପତି କରାଗଲା,ଦଶମ ପିଲାଙ୍କର ସକାଳ ନଅରୁ ପାଠପଢା ଆରମ୍ଭ ହୋଇ ଦିନ ଗୋଟାଏ ଯାଏ ଚାଲିବ ବୋଲି ସ୍ଥିର କରାଗଲା ।ଠିକ୍ ଦୁଇଦିନ ପରେ ନିଷ୍ପତିରେ ପରିବର୍ତ୍ତନ କରାଯାଇ,ଦିନ ବାରଟାରେ ଛୁଟି କରାଯିବ ବୋଲି ସ୍ଥିର କରାଗଲା ।ଦିନ ବାରଟା ଗୋଟାଏରେ ସ୍କୁଲ୍ ଭିତରେ ରହିବା ନିରାପଦ ନାଁ ସେତିକିବେଳର ପ୍ରଚଣ୍ଡ ଖରାରେ ଘରକୁ ଫେରିବା ନିରାପଦ ?ପ୍ରାୟ ପ୍ରତ୍ୟେକ ବିଦ୍ୟାଳୟରେ ଏବେ ପାନୀୟ ଜଳ ବ୍ୟବସ୍ଥା ଓ ପଙ୍ଖାର ସୁବିଧା ଅଛି। ଘରକୁ ଫେରିଲେ କଣ ସୁବିଧା ହେବ,ଆଉ ବିଦ୍ୟାଳୟରେ ରହିଲେ କଣ ଅସୁବିଧା ହେବ,ମୁଁ ବୁଝିପାରୁ ନାହିଁ ।କୋଭିଡ ନିୟମାନୁଯାୟୀ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ,ନବମ ଏବଂ ଦଶମ ଶ୍ରେଣୀର ପିଲାମାନଙ୍କ ପାଇଁ ଅଲଗା ଅଲଗା ସମୟ ଧାର୍ଯ୍ୟ କରାଯାଇଥିଲା ।ନୂତନ ବ୍ୟବସ୍ଥା ଅନୁସାରେ,ନବମ ଶ୍ରେଣୀ ସାତ ରୁ ନଅ ଏବଂ ଦଶମ ଶ୍ରେଣୀ ଆଠ ରୁ ବାର ହେବ ବୋଲି ନିଷ୍ପତି ନିଆଗଲା ।ଆଠ ରୁ ନଅ ଯେଉଁ ଏକଘଂଟା ଏକାଠି କ୍ଲାସ୍ ହେବ,ତାହା କିପରି ହେବ ?ଯଦି ଏକଘଂଟା ପିଲାଙ୍କୁ ଏକାଠି ପାଠ ପଢାଇ ହେବ,ତେବେ ସାତ ରୁ ଏଗାର ଚାରିଘଂଟା ଏକାଠି ପଢାଇଲେ କଣ ଅସୁବିଧା ହେବ ?ନବମ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଦୁଇଘଂଟା ସମୟ ମଧ୍ୟରେ ଛଅଗୋଟି ବିଷୟର ବିଭିନ୍ନ ବିଭାଗକୁ ପଢାଇବା , କେତେ ସମ୍ଭବ,ତାହା କେବଳ ଅନୁଭୁତି ସଂପନ୍ନ ବ୍ୟକ୍ତି ହିଁ କହିପାରିବେ । ଦଶମ ଶ୍ରେଣୀର ଶହେ ଦିନ ଶିକ୍ଷାଦାନ କାର୍ଯ୍ୟକୁ ,ସକାଳୁଆ ସ୍କୁଲର ସୀମିତ ସମୟ ମଧ୍ୟରେ ,କିପରି ଶେଷ କରିହେବ, ତାହା ମଧ୍ୟ ଅନୁମେୟ । କେବଳ ଅଗିକୁ ବାଇଗଣ ନିକ୍ଷେପ ସଦୃଶ କାର୍ଯ୍ୟ । ଯେନତେନ ପ୍ରକାରେ ପାଠ ପଢାଇ,ପରୀକ୍ଷା କରିଦେଲେ ଦାୟିତ୍ୱ ଶେଷ ।ମୁଁ କହିଲି,ଏଥିରେ ସରକାର ବା କଣ କରି ପାରିବେ ?କରୋନା ମହାମାରୀ ପାଇଁତ ସବୁ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ୍‌ଯାଇଛି ।ପୂର୍ବ ବର୍ଷତ ସକାଳ ସକାଳୁଆ ସ୍କୁଲ୍ ଛଅଟା ତିରିଶ ରେ ଆରମ୍ଭ ହୋଇ ଦଶଟା ତିରିଶରେ ଛୁଟି ହେଉଥିଲା ।ତେଣୁ ସାଂପ୍ରତିକ୍ ପରିସ୍ଥିତି ସାଙ୍ଗରେ ତାଳ ଦେଇ ଆମକୁ ଗତି କରିବାକୁ ପଡିବ ।ଆମେ ନିଜ ଦାୟିତ୍ୱରେ ପିଲାଙ୍କୁ ଶିକ୍ଷା ଦେବାର ବିକଳ୍ପ ବ୍ୟବସ୍ଥା କରିବା ଉଚିତ୍ ।ସବୁ କଥାରେ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଲେତ ହେବ ନାହିଁ ?ସରକାର ଶହେ ଦିନ ଭିତରେ, ଦଶମ ଶ୍ରେଣୀର ଶିକ୍ଷା,ଯୁଦ୍ଧକାଳୀନ ଭିତିରେ ଶେଷ କରିବାକୁ ପ୍ରୟାସ କରୁଥିବା ବେଳେ, ପାଖାପାଖି ଗୋଟିଏ ବର୍ଷ ଘରେ ରହି, ନାମକୁ ମାତ୍ର ଅନ୍ ଲାଇନ୍ ଶିକ୍ଷା ପ୍ରଦାନ କରି ପୂର୍ଣ ବେତନ ପାଇଥିବା, ଶିକ୍ଷକ ଶିକ୍ଷିକା ମାନେ ରବିବାର ଶିକ୍ଷାଦାନକୁ ବିରୋଧ କରିବା କଣ ଯୁକ୍ତିଯୁକ୍ତ ?କରୋନା ମହାମାରୀ ନିମନ୍ତେ, ପୃଥିବୀର ସମସ୍ତ ଦେଶ ଏବଂ ସମସ୍ତ କ୍ଷେତ୍ର ପ୍ରଭାବିତ ।ବିଶେଷ ଭାବରେ ଶିକ୍ଷାକ୍ଷେତ୍ର, କାରଣ କୋମଳମତି ଛାତ୍ରଛାତ୍ରୀ ମାନେ ଏଥି ସହିତ ଜଡିତ ।ବର୍ତମାନର ସାର୍ବଜନୀନ ଭୟଙ୍କର ସମସ୍ୟାକୁ, ସହୃଦୟତାର ସହିତ ଗଭୀର ଅନୁଧ୍ୟାନ କରି, ପ୍ରଚଳିତ କାମଚଳା ବ୍ୟବସ୍ଥାକୁ ଗ୍ରହଣ କରିନେବା ହିଁ ବିଜ୍ଞତାର ପରିଚୟ। ସମୟ ବଳବାନ୍। ପୁଣି ସ୍ୱାଭାବିକ୍ ଅବସ୍ଥା ଫେରି ଆସିବ। ଏ ଦୁର୍ଦ୍ଦିନ ସବୁଦିନ ରହିବ ନାହିଁ ।ବିପଦ ବେଳେ ଧୈର୍ଯ୍ୟ ହିଁ ଲୋଡା। ଆପଣ କଣ କହୁଛନ୍ତି, କୁହନ୍ତୁନା? ସମୀର ବାବୁ କହିଲେ ମୁଁତ , ସେଇଥିପାଇଁ ,ନାତିକୁ ଆଉ ସ୍କୁଲ୍ ନପଠାଇ,ଘରେ ରହି କିପରି ପାଠ ପଢି ପାରିବ ତା ବ୍ୟବସ୍ଥା କରୁଛି। ସରକାରତ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା, ଅଭିଭାବକ ମାନଙ୍କ ଇଚ୍ଛାଧୀନ କରିଦେଇଛନ୍ତି। ନିଜ ଦାୟିତ୍ୱରେ ଛାଡିବା ନିମନ୍ତେ ସ୍ୱିକାରୋକ୍ତି ଲେଖାଇ ନେଇଛନ୍ତି। ତେଣୁ ପ୍ରଚଣ୍ଡ ଗ୍ରୀଷ୍ମରେ ବାରଟା ସମୟରେ ଘରକୁ ଫେରିବାଟା ,ନିରାପଦ ନୁହେଁ ଚିନ୍ତାକରି, ମୁଁ ତାର ସ୍କୁଲ ଯିବା ବନ୍ଦ କରିଦେଇଛି। ପ୍ରଥମେ ଜୀବନ, ତାପରେ ଜୀବିକା। କୁହନ୍ତୁ ମୁଁ କଣ ଭୁଲ୍ କରିଛି ? ସରକାରଙ୍କ ସହିତ ସମସ୍ତ ସହଯୋଗର ହସ୍ତ ପ୍ରସାରିତ କରିବା ନିମନ୍ତେ, ଯୁକ୍ତିର ବିଫଳତାରେ,ମୁଁ ନିରୁତର ରହିଲି।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର,କଟକ*
*ମୋ-୬୩୭୧୫୯୩୨୨୦*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

ସାମାନ୍ୟ ହସି ବିଚିତ୍ର କହିଲା- ବୁଝିଲା ଗୋଲେଖ ଭାଇ, ତମେ ଅଯଥାରେ ବ୍ୟସ୍ତ ହେଉଛ, ଏଇ ଯେଉଁସବୁ କମ୍ପାନୀ ଆସୁଛନ୍ତି ବୋଲି ଶୁଣୁଛ, ସେମାନେ ସମସ୍ତେ ନୂଆ ଡାହାଣୀ, ପହିଲେ ପହିଲେ ଘୁଅ ଅଧିକ ଖାଇବେ, ନଚେତ୍ ଡାହାଣୀ ବୋଲି ଲୋକେ ଡରିବେ କେମିତି? ଯାଉ କିଛି ଦିନ, ଦେଖିବ ଡାହାଣୀ କୋଡରେ ବସି ଲୋକେ ଖେଳ ଦେଖାଇବେ- ବ୍ୟସ୍ତ କାହିଁକି?

ନାଁ-ମ, ଏଇଟା ଗୋଟେ ପ୍ରାଇଭେଟ୍ କମ୍ପାନୀ। ସେମାନଙ୍କ କଥା ଜାଣିନ କି? ଜନ୍ଦା ଯଦି ସିରା ପିଇଗଲା, ତେବେ ସେମାନେ ଜନ୍ଦାକୁ ଚିପି ତା' ପେଟରୁ ସିରାତକ ନିଗାଡି ବାହାର କରିବେ। ପୂରା ବେପାରୀ ସେମାନେ। ଲାଭରେ ଲକ୍ଷ୍ୟ। ସେଥିପାଇଁ ତ ଆଜି ସାରା ଦେଶରେ ଗୋଟିଏ ଗୋଟିଏ ପ୍ରାଇଭେଟ୍ କମ୍ପାନୀ ଉପରକୁ ଉପରକୁ ଉଠୁଛନ୍ତି। ଯେତେ ସବୁ ସରକାରୀ ସଂସ୍ଥା ଥିଲା ବୁଡି ବୁଡି ଯାଉଛି।

ଯିବନି- ସରକାରୀ ସଂସ୍ଥାରେ କିଏ ପଚାରେ ନା ଚିନ୍ତାକରେ ସଂସ୍ଥା କେମିତି ଚାଲୁଛି? ସଂସ୍ଥା ଯାଇ ଦରିଆରେ ବୁଡିବଣି, କିନ୍ତୁ କର୍ମଚାରୀମାନଙ୍କର ଦରମା ମିଳୁଥିବ, ବୋନସ୍ ମିଳୁଥିବ, ସେଥିକୁ ଘଡିକୁ ଘଡି ଧର୍ମଘଟ କରି ଦରମା ବଢ଼ାଉଥିବେ। ଆଉ ସରକାରୀ ସଂସ୍ଥାରେ କୌଣସି କାମ କ'ଣ ବିନା ପଇସାରେ ହେବ। ଦରମାଟା ତାଙ୍କର ପ୍ରାପ୍ୟ ସେମାନେ ପାଇବେ, ଲାଞ୍ଚଟା ନାର୍ଯ୍ୟ ଅଧିକାର, ନ ନେଲେ କାମ ହେବ ନାହିଁ। ସେଥିପାଇଁ ତ ଏବେ ସରକାର ଗୋଟିକ ପରେ ଗୋଟିଏ ସଂସ୍ଥାକୁ ପ୍ରାଇଭେଟ୍ ହାତକୁ ଟେକି ଦେଉଛି।

ତୁ ଯାହା କହୁଛୁ ସବୁ ସତ, ହେଲେ ସରକାରୀ ସଂସ୍ଥାରେ ଯେଉଁ ଚରିତ୍ରମାନେ ଅଛନ୍ତି ବେସରକାରୀ ସଂସ୍ଥାରେ ତ ସେଇମାନେ ରହିବେ ନା? ପ୍ରାଇଭେଟ୍ କମ୍ପାନୀ ତ ସ୍ୱର୍ଗରୁ ପୁଣ୍ୟ ମାନବ ମାନଙ୍କୁ ଆଣି ଚାକିରିରେ ରଖିବ ନାହିଁ, ଯିଏ ଯିବେ ସେମାନେ ତ ଏଇ ସିଷ୍ଟମ ଭିତରୁ ଯିବେନା?

ହେଲେ ତମେ ଯାହା କୁହ ଗୋଲେଖ ଭାଇ- ପ୍ରାଇଭେଟ୍ ସଂସ୍ଥାରେ ଏ ଦୁର୍ନୀତି ଫୁର୍ନୀତି ଟିକେ କମ୍ ହେବ।

ଏ ଯେଉଁ ନୂଆ କମ୍ପାନୀ ଆସୁଛି ବିଜୁଳି ବିଭାଗକୁ ନେବା ପାଇଁ, ତମେମାନେ ତା'ର ଆସିବା ପୂର୍ବରୁ ଫଅଁ-ଫଅଁ ଶୁଣି ଡରିଗଲଣି ତେବେ ତମେମାନେ ବୋଧେ ସେ 'ଗାତର ମହିଳା' ଗପ ଶୁଣିନ?

ଗାତର ମହିମା କ'ଣ?

ହଉ କୈଳାଶ ତ ଚାଲିଗଲା, ଆଉ ତିନିଜଣିଆଁରେ ତାସ୍ ପାଲି କ'ଣ ପଡିବ, ତମକୁ ଗାତର ମହିମା ଗପଟି କହୁଛି ଶୁଣ।

କଥା କ'ଣ କି, ଗୋଟେ ପୋଖରୀ ହୁଡାରେ ପାଣିକୁ ଲାଗି କରି ରହିଥିବା ଗୋଟେ ଗାତରେ ଧଣ୍ଡ ସାପଟିଏ ରହୁଥିା। ଗୋଟେ କେଉଟ ସବୁଦିନ ମାଛ ଧରିବା ପାଇଁ ସେ ପୋଖରୀରେ ପଶେ। ସେ ସବୁ ଗାତରେ ହାତ ପୂରାଇ ମାଛ, କଙ୍କଡା, ଚିଙ୍ଗୁଡି ଇତ୍ୟାଦି ଧରେ। ଧଣ୍ଡ ସାପଟି ରହୁଥିବା ଗାତରେ ମଧ ହାତ ପୁରାଏ। ଧଣ୍ଡଟିକୁ ହାତରେ ଧରି ବାହାର କରି ଦେଇ, ସିଏ ତା'ର ଗାତ ଭିତରେ ଥିବା ମାଛ, କଙ୍କଡାକୁ ଧରି ଚାଲିଯାଏ। କେଉଟଟିର ଏହି ନିତିଦିନିଆ ମାଛ ଧରା କାମ ଓ ଧଣ୍ଡକୁ ଭିଡିଆଣି ବାହାରକୁ ଫିଙ୍ଗି ଦେବାର ଦୃଶ୍ୟଟିକୁ ପୋଖରୀ ହୁଡାରେ ଥିବା ଗୋଟେ ଗଛ କୋରଡରେ ରହୁଥିବା ନାଗ ସାପଟି ସବୁଦିନ ଦେଖେ। ଧଣ୍ଡଟିକୁ ଧରି କେଉଟ ଯେମିତି ଅବଜ୍ଞାରେ ଫିଙ୍ଗିଦିଏ, ଏହା ସମଗ୍ର ସର୍ପକୂଳକୁ ଏକ ଅପମାନ ବୋଲି ତା'ର ହୃଦବୋଧ ହେଲା।

ଥରେ କେଉଟଟି ଧଣ୍ଡକୁ ଛାଟି ଫିଙ୍ଗି ଦେଇ ମାଛ ଧରି ଚାଲିଯିବା ପରେ ନାଗସାପଟି ଧଣ୍ଡ ପାଖକୁ ଯାଇ କହିଲା- ଧିକ୍ ତୋ' ସର୍ପ ଜନ୍ମ। ସାମାନ୍ୟ ଗୋଟେ ଲୋକ ସବୁଦିନ ଆସି ତୋତେ ଏପରି ହୀନସ୍ତା କରୁଛି, ଅଥଚ ତୁ ଚୁପ୍‌ଚାପ ସହି ଯାଉଛୁ। ମୁଁ ମାନୁଛି ତୋର ବିଷ ଟାଣ ନୁହଁ, ହେଲେ କାମୁଡି ତ ପାରିବୁ?

ଧଣ୍ଡଟି କହିଲା- ପରିବେଶ ଓ ପରିସ୍ଥିତି ଯାହା ମୁଁ ସେଥିରେ କିଛି କରିପାରିବି ନାହିଁ।

ତୁ ନିବୀର୍ଯ୍ୟ ବୋଲି- ମୋତେ ପରିବେଶ ଓ ପରିସ୍ଥିତି କଥା କହୁଛୁ।

ସର୍ପରାଜ ମୁଁ ବୁଝୁଛି- ଆପଣଙ୍କ କ୍ରୋଧର କାରଣ- ମାତ୍ର ପରିବେଶ ଓ ପରିସ୍ଥିତି ଯାହା ସେଥିରେ ବିଶେଷ କିଛି କରିହେବନି। କେବଳ ଯାହା ଘଟୁଛି ତାକୁ ଚୁପ୍‌ଚାପ୍ ସହିଯିବାକୁ ହେବ।

ହଉ ଛାଡ- କି ପରିବେଶ ଓ ପରିବେଶ କଥା କହୁଛୁ, କାଲି ସେ ଗାତ ଭିତରେ ମୁଁ ପଶିବି, ଦେଖିବି କେମିତି କିଛି କରି ହେଉନି। ହଉ, ତମ କଥା ରହୁ ସର୍ପରାଜ- କାଲି ତମେ ଗାତ ଭିତରେ ପଶ।

(କ୍ରମଶଃ)

# ମଧୁକ୍ଷରା ସ୍ୱପ୍ନ ଭୁବନ



**ଅନୀତା ପାଣି**

ସୁନୀଳ ସାଗର ବକ୍ଷେ
ଅଶାନ୍ତ ଉର୍ମିମାଳା
ଦର୍ଶକକୁ ଦେଇ ପାରେ
ଅପାର ଆନନ୍ଦ
ବଶୀଭୂତ କରିପାରେ
ଅଶାନ୍ତ ମନକୁ
ନୀଳ ନର୍ତ୍ତନେ କରି ବିମୋହିତ।
ସାଗର ଜୁଆରିଆ ପଣ
କୌତୁକେ ଉପଭୋଗ୍ୟ
କିଛି କ୍ଷଣେ ବେଳାଭୂମିରେ
ବିଲୀନ ନୀଳ ଲହରୀ।
ମନ ତଳେ ଆନ୍ଦୋଳିତ
ଜୁଆର ଭଟ୍ଟା ଦେଖି କିଏ ପାରୁଛି?
କେତେ ସପନ ଲହଡି
ବିବେକ ବେଳାଭୂମିରେ
ସତ୍ତା ହଜାଇ ଦେଇଛି।
ମନର ଅଶାନ୍ତପଣ କିଏ
କରିଛି କରାୟତ
ଚାହୁଁ ଚାହୁଁ ଧରାଶାୟୀ
ହୋଇଛି ଯା ସପନ ସଉଧ।
ତଥାପି, ଅଭିମାନେ ଉଠିପଡ଼ି
ଆଖିରେ ଆଖି ଏ ସପନ ବୋଲି
ମନର ଅଗଣା ଡେଇଁ



କଳକଳ ଛଳଛଳ
ଛନ୍ଦାୟିତ ଝରଣା ଲକ୍ଷ୍ୟ ଧରି
ନବୀନ ଆଶା ଅସୁମାରି
ସପନକୁ କୋଳାଗ୍ରତ କରି
ଧାଉଁ ଥାଏ ସାଗରରେ
ହଜିଯିବା ପାଇଁ।
ଉର୍ମିମାଳା ସମ ଅବିରତ
ତରଙ୍ଗାୟିତ ଏ ମନ........
ସମ୍ପର୍କ ପଥେ ଭେଟିଛି
ଅବିଶ୍ୱାସ, ଇର୍ଷା, ଛଳନା, ଅଲୋଡା
ନୀଳ ସୁବିଶାଳ ଆବେଗ ଲହରୀ।
ବାରବାର ଆନ୍ଦୋଳିତ
ପ୍ରତିଘାତକୁ ଅଙ୍ଗୀକାର କରି
ଅହଂ ବିସର୍ଜ ଦେଇ
ଖୋଜେ ପ୍ରୀତିଭରା ଆଲିଙ୍ଗନ
ମଧୁଭରା ସୁକୋମଳ ବଚନ
ମଧୁକ୍ଷରା ସ୍ୱପ୍ନର ଭୁବନ।

*ସାଉଥ ବଳଣ୍ଡା, ତାଳଚେର*
*ଫୋ-୮୩୨୭୭୦୫୯୭୦*

# ଖବର ଆସିଛି



**ତୃପ୍ତି ରଞ୍ଜନ ଦାସ**

ଖବର ଆସିଛି
ତମେ ଆଉ ଆଗ ପରି ଦିଶୁନାହଁ
ଯେମିତି ଝଲସୁଥିଲ ଶେଷ
ଫେବୃଆରୀରେ
ଧସି ହେଇ ଛୁଇଁଥିଲ ମୋ ରକ୍ତ
ମାଂସର ପୃଥିବୀକୁ ବିନା ସୂଚନାରେ

ମୋ ଭଡା ଘର ବାହାରେ କିଏ
ଚୁଡି ଭାଙ୍ଗୁଛି
ଖବର ଆସିଛି, ଠିକ ମୋ ପରି
ଦେହଟିଏ ପାଇଁ...
ବିଗତ ରଜନୀରୁ
ତୁମ ଆପାର୍ଟମେଣ୍ଟ ବାହାରେ
କୋହର ସାହାନାଇ ଛୁଟୁଛି

ଆଜି ପୃଥକ ପୃଥକ ଭାବେ
ଜୁଇ ଜଳେ, ଛାତିର ପଠାରେ
ଧୂଆଁରେ କଟକ ସାରା ପୋଡା ଶବର ଗନ୍ଧ
ତମେ ଆଉ ଫେରିବନି ଦୁର୍ଗର
ଛାଇକୁ, ଗୋଲାପି ଓଢ଼ଣୀ
ଅଜାଡି ମୁହଁରେ

ଭିଡ ଭିତରେ ନଥିବା ପଣଟେ ବହି ଯାଉଛି
ଖବର ଆସିଛି, କିଏ ମୋ
ଦୁଃଖର ସୌଧରେ ତା
ଭାଗ୍ୟକୁ ଖୋଜି...
ଚର୍ଚ୍ଚ ବାହାରେ
ନିରବ ପ୍ରାର୍ଥନା କରି ନିଜ
ଛାଇରେ କ୍ରୁଶକୁ ଦେଖୁଛି



ଖବର କାଗଜରୁ ପଢ଼ିଲ
ମୁଁ ମରିସାରିଲିଣି ବୋଲି
ଗୋଟିଏ ଯୁଦ୍ଧରେ
ଦୁହେଁ ଦୁହିଁଙ୍କୁ ଛାଡ଼ିଥିଲେ
ଯେବେ ସେବେଠୁ ଆରମ୍ଭ ଏ
ମୃତ୍ୟୁ ମହୋତ୍ସବ
ତୁମେବି ଜିଇଁବା ଭୁଲି
ସାରିଲଣି ଗୋଟିଏ ଦଶନ୍ଧି ତଳେ

ଏଇଠି ସଞ୍ଜଟିଏ ଦହଗଞ୍ଜ
ହୁଏ ଚାହି-ଟାପରା ଶୁଣି
ମନ ମାରି ବସେ ସେଇ ନଷ୍ଟ
ନଦୀ ତୀରେ ଯେଉଁଠି ଆମେ
ନଷ୍ଟତାରେ ଶ୍ରେଷ୍ଠତା ଦେଖି
ପ୍ରତି ବିନ୍ଦୁ ରକ୍ତକୁ କରିଥିଲେ ପାଣି

ମନେ ଅଛି ମାୟା
ସରି ଆସୁଥିବା ରାତିର ଅନ୍ତିମ ପ୍ରହର
ଗୋଟିଏ ଅନ୍ୟମନସ୍କତାରେ
ସ୍ଥାଣୁ ହେଉଥିବା ଏ ସହର ଛାତିରେ
ସେମାନେ ଆମ ପ୍ରେମକୁ
ପାପ କହି ସିଞ୍ଚିଥିଲେ ଜହର
ଖବର ଆସିଛି ସେମାନେ
ଆଉ ନାହାଁନ୍ତି
ଜହରର ଜ୍ୱାଳାରେ...
ଏ ପୃଥିବୀ ପୁଣି ଗର୍ଭବତୀ ହେଇଛି
ମଳୟ ଛୁଆଁରେ।

*କାଦୁଅପଡା, ଜଗତସିଂହପୁର*



# ମକର ଆସିଛି ଫେରି



**ବିଜୟ କୁମାର ପଣ୍ଡା**

(ପୂର୍ବପ୍ରକାଶ ଉତ୍ତାରୁ)

ବସ୍ତିରୁ ଖଣି ତିନି ମାଇଲ ବାଟ ହେବ..ଗାଡ଼ିରେ ଯିବା ଆସିବାର ସୁବିଧା ନାହିଁ। ପାହାଡିଆ ରାସ୍ତା ନିଛାଟିଆ, କେହି କେହି ଚେରମୂଳି କି ଫଳମୂଳ ଖୋଜା ଖୋଜା କରିବାକୁ କେବେ କେବେ ଉପରକୁ ଯାଏ। ନହେଲେ ସେମିତି ଯା ଆସ ନାହିଁ। କୁସୁମ ବି କବେ କେବେ ଯାଇଛି ସେଇ ରାସ୍ତା ଦେଇ ମା ସହ ଖଣିକୁ।

ଟିଫିନ ବାକ୍ସଟା କୁସୁମ ହାତରୁ ନେବାବେଳେ ସାବି ବିବ୍ରତ ହୋଇ କହୁଥିଲା.

ଏତେ ଖରାରେ ତୁ ଏଠିକି ଆସିବୁନି ଆଉ ମା। ମୁଁ ମୋ ଲାଗି କିଛି ଯୋଗାଡ଼ କରିଦେବି। ପିଲାଟା ମୋର ଖରାରେ ଝାଉଁଳି ଯାଉଛି। ତା ଛଡ଼ା ନିଛାଟିଆ ରାସ୍ତା..ସବୁବେଳେ ସମୟ ସମାନ ନାହିଁ।

ମା'ର ମମତା ପିଲାର ମୁହଁ ଦେଖି ତାର କୌଣସି ଦୁଃଖ ବା ଆସନ୍ନ ଦୁଃଖର କଳନା କରିପାରେ।

କୁସୁମ ଖରାରେ ଫେରିଲା।

କିଛି ସମୟ ପରେ ତାକୁ ମଟର ଗାଡ଼ିର ଶବ୍ଦ ଶୁଭିଲା। କୁସୁମ ତା ବାଟରେ ଚାଲିଲା ଆଗକୁ। କିଛି ବାଟ ଗଲାପରେ କୁସୁମ ଦେଖିଲା ଠିକାଦାର ତା ମଟର ଗାଡ଼ିରେ ଆସୁଛି।

ତା ମନରେ ପ୍ରଶ୍ନ ଆସୁଥାଏ ଏଇଟା ତ ବସ୍ତିକୁ ଯିବା ବାଟ। ଠିକାଦାର ଟା ଇଆଡ଼େ କାହିଁକି !! ତା' ଛଡ଼ା ସେ ତ କେବେ ତାକୁ ବସ୍ତିକୁ ଆସିବାର ଦେଖିନି !! କେବଳ ଯେବେ ସେ ଖଣିକୁ ଯାଇଛି ତାକୁ ଦେଖିଛି।

ଠିକାଦାର ଟିକେ ଆଗକୁ ଯାଇ ଗାଡ଼ି ରଖି କୁସୁମକୁ କହିଲା ମୋ ଗାଡ଼ିରେ ବସ୍। ମୁଁ ତୋତେ ତୋ ଘରେ ଛାଡ଼ି ଦେଇ ଆସିବି। ବହୁତ ଖରା, ଛୋଟ ପିଲାଟା..ଏତେ ବାଟ ଜାଲିକି କେମିତି ଯିବୁ? ଆସ ମୋ ଗାଡ଼ିରେ ଛାଡ଼ିଦେବି। କୁସୁମ ସିଧା ସିଧା ମନା କରିଦେଲା।

ଦେଖ ବାବୁ, ଏଇ ଖଣିକୁ ଯିବା ଆସିବା ଆମର ଅଭ୍ୟାସ। ମୋ ମା' କାହିଁ କେତେ ବର୍ଷରୁ ଯାଉଛି। ତମେ ଜମା ବ୍ୟସ୍ତ ହୁଅନି। ତା ଛଡ଼ା..ମୋର ତମ ସହ ପରିଚୟ କିଛି ନାହିଁ। ମୁଁ ତୁମ ଗାଡ଼ିରେ କାହିଁକି ବସିବି? କୁସୁମ ଉତ୍ତର ଦେଲା।

ଠିକାଦାର କହିଲା ତୁ ସିନା ମୋତେ ଭଲକି ଚିହ୍ନିନୁ ..ହେଲେ ତୋ ମା ସହ ମୋର ଅନେକ ଦିନର ପରିଚୟ। ତୁ ଭଲ ପଢୁଛୁ ବୋଲି ମୋତେ ତୋ ମା କହେ। ସିଏ ପରା ମୋତେ ପଠେଇଛି ତୋତେ ଘରେ ଛାଡ଼ିଦେବା ପାଇଁ !!

କୁସୁମ ପାଠ ପଢୁଆ ପିଲା, ଜାଣିଗଲା ଇଏ ଡ଼ାହା ମିଛ କହୁଛି।

ବାବୁ ଆମେ ତ ଗରିବ ଲୋକ, ଦିନ ମଜୁରିଆ। ଆମ ପ୍ରତି କାହିଁକି ଏତେ ଦରଦ !! ଆମ ପାଖରେ କଣ ଅଛି !!

ଖାଲି ଧନ ନଥିଲେ କଣ ହେବ, ତମ ପାଖେ ମନ ଅଛି ବାକି ବହୁତ କିଛି ଅଛି। ତୁ ଛୋଟପିଲା ସେ କଥା ବୁଝିବୁନି। ଆସ ମୋ ଗାଡ଼ିରେ। ଠିକାଦାର କୁସୁମର ହାତ ଧରି ତାକୁ ଧିରେ ତା ଆଡ଼କୁ ଟାଣି ଆଣିଲା। କୁସୁମ ଠିକାଦାର ର ଏମିତି ବ୍ୟବହାର କୁ ଠିକ ବୁଝିପାରୁଥିଲା। ତା ହାତଟା ଛାଟି ଦେଇ ଜୋରରେ ପାଦ ଉଠେଇ ଚାଲିବାକୁ ଲାଗିଲା।

ଆଗକୁ ଛୋଟିଆ ବଣଟିଏ ଥାଏ ଯାହାକୁ ପାର ହେଲେ ବସ୍ତି ଆସେ। ନାନା ପ୍ରକାର ଗଛ, ଝାଡ଼ି ଇତ୍ୟାଦି ବଣକୁ ଟିକେ ଘଞ୍ଚ କରି ଦେଇଥାଏ। ହେଲେ ଏବେ ସେତେ ସବୁଜିମା ନାହିଁ, ବଣରେ ଲୁଚିବାକୁ ଚେଷ୍ଟାକଲେ ଧରାପଡ଼ିଯିବାର ଭୟ। ସେ କିନ୍ତୁ ଜାଣିଥିଲା ଠିକାଦାରକୁ ଏ ଜାଗା ନୂଆ।

କୁସୁମ ସାହସ ଜୁଟାଇ ବଣ ଆଡକୁ ଦଉଡ଼ିଲା। ପାଦ ଉଠାଇଲା ବେଳେ ଶୁଖିଲା ପତ୍ରର ଖସ୍ ଖସ୍ ଶବ୍ଦ। କାଠହଣା ଚଢ଼େଇର ଠକ ଠକ ଶବ୍ଦ ସବୁ ଯେମିତି ତା ପାଦ ଶବ୍ଦ ସହ ମିଶିଯାଇ ତାର ଅବସ୍ଥିତିକୁ ଆକଳନ କରିବାରେ ସାହାଯ୍ୟ କରୁଥିଲେ। ହେଲେ ବି ସାହସ ହାରିଲାନି ସେ। ଗୋଟିଏ ଝାଡ଼ି ପଛରେ ଲୁଚିଗଲା।

ଠିକାଦାର ବି ସେଇ ଶବ୍ଦ ସବୁକୁ ଆକଳନ କରି ବଣ ଭିତରକୁ ପଶୁଥାଏ କୁସୁମର ଅନୁସନ୍ଧାନରେ।

ଏତେ ସବୁ ଦୌଡ଼ା ଦୌଡ଼ିରେ କୁସୁମ ଥକି ଯାଇଥିଲା। ଏ ଖରାଟା ବି ଜୋରରେ ହେଉଛି। ଶୋଷ ହେଲାଣି, ଭୋକ ବି ଲାଗିଲାଣି। ହାଲିଆ ମାରି ବସିଯାଇଥିଲା। ଗୋଡ଼ ଆଉ ଉଠୁନଥିଲା।

ଏଇ ସମୟରେ ମନେ ପଡ଼ିଲା ମିନି ଆଉ ତା ସାଙ୍ଗ ମାନେ ବଣଭୋଜି ଯିବା କହୁଥିଲେ।

: ମିନି ମିନି.. ବଞ୍ଚା ମୋତେ..ମିନି ..ମିନି.. ରଡ଼ି ଛାଡୁଥିଲା କୁସୁମ।

ମନରେ ଡର ଘାରୁଥାଏ..ତାର ଚିତ୍କାର ଶୁଣି କାଳେ ସେ ଠିକାଦାରଟା ତାକୁ ଧରିପକେଇବ କି !!

ତା ଡର ସତ ହେଲା। ଠିକ ପାଞ୍ଚ ମିନିଟ ଭିତରେ ଠିକାଦାର ତା ପିଛାକରି ତା ପାଖେ ପହଂଚି ଯାଇଥିଲା।

ଠିକାଦାରର ଲମ୍ବା ହାତଟା ତା ଦେହ ଆଡ଼କୁ ଲମ୍ବି ଆସୁଥିଲା। କଞ୍ଚା ମାଂସର ଭୋକରେ ଠିକାଦାର ଟା ଘାଇଲା ବାଘ ଶିକାର ଉପରକୁ ଝାମ୍ପି ପଡିଲା କୁସୁମ ଉପରକୁ।

କୁସୁମ କୌଶଳରେ ଖସି ଯାଇ, ପାଖରେ ଥିବା ଝାଡ଼ିରୁ ଶୁଖିଲା କାଠ ଖଣ୍ଡେ ଟାଣିଆଣି କ୍ରିକେଟ ବ୍ୟାଟ ଭଳି ବୁଲେଇ ଠିକାଦାରକୁ ପାହାରେ ଦେଲା। ଠିକାଦାର ଟା ତଳେ ପଡ଼ି ପୁଣି ଉଠିଲା।

ବଞ୍ଚାଅ ବଞ୍ଚାଅ ଚିତ୍କାରରେ ବଣ ଟା ଫାଟି ପଡୁଥିଲା। ଚିତ୍କାର ଶୁଣି ମିନି ଆଉ ତାର ସାଙ୍ଗ ଆସି ପହଞ୍ଚିଲେ। ମିନିର ସାଙ୍ଗମାନେ ଠିକାଦାରକୁ ନିର୍ଘୁମ ମାଡ଼ ଦେଲେ। ମାଡ଼ ଖାଇ ଠିକାଦାର ଟା ସେଠୁ ପଳେଇଲା।

: ମୋତେ କ୍ଷମା କରିଦେ ସାଙ୍ଗ। ଆଜି ମୁଁ ତୋ ସାଙ୍ଗରେ ଥିଲେ ହୁଏତ ଏମିତି କିଛି ଘଟି ନଥାନ୍ତା।

ମିନି ଆଉ କୁସୁମ ପରସ୍ପରକୁ ଆଲିଙ୍ଗନ କରି କାନ୍ଦୁଥିଲେ। କୁସୁମକୁ ନେଇ ମିନି ଘରକୁ ଗଲା। ମିନି କୁସୁମକୁ ପ୍ରତିଶ୍ରୁତି ଦେଲା ଆମେ ଦୁହିଁଙ୍କ ମକର ବଉଳ ସମ୍ପର୍କ ଆହୁରି ସୁଦୃଢ ହେବ। ଆମେ ଗତ ଥର ଭଳି ସାଥିହୋଇ ମେଳାକୁ ଯିବା।

ଏ ମକର ସଂକ୍ରାନ୍ତିରେ ତା ମକରକୁ ଫେରି ପାଇଛି ବୋଲି କୁସୁମ ଖୁସିରେ ବିଭୋର ହେଉଥିଲା।

*ସମ୍ପାଦକ-କନକପ୍ରଭା*
*ସବଙ୍ଗ, ସିମୁଳିଆ, ବାଲେଶ୍ୱର*
*ଯୋଗାଯୋଗ : ୯୭୩୯୫୯୧୮୧୬*

# କବିତାର କଥା

(ଭାଗ-୯)



**ଉମାକାନ୍ତ ରାଉତ**



# ମାଟି-କବିତାର ରାଜପଥ

ସ୍ରୋତସ୍ୱିନୀ ନଦୀଟିଏ ଭଳି କବିତାର ଧାରା ମୁକ୍ତ। ପ୍ରବାହିତ ହେଲାବେଳେ ସେ ନିଜ ଇଚ୍ଛା ଓ ସୁବିଧା ମତେ ବହିଯାଏ। କାହାର ଇଚ୍ଛା-ଅନିଚ୍ଛା ଶୃଙ୍ଖଳ ବେଷ୍ଟନୀ ଭିତରେ ସିଏ ନିଜକୁ ବାନ୍ଧି ରଖେ ନାହିଁ। ସେଥିପାଇଁ ତ କେତେବେଳେ ସିଏ ଛନ୍ଦବଦ୍ଧ ତ ଆଉ କେତେବେଳେ ମୁକ୍ତଛନ୍ଦ। କେତେବେଳେ ସରଳ ତ ପୁଣି କେତେବେଳେ ଜଟିଳ ଓ ବକ୍ରକେନ୍ଦ୍ରିକ। କେତେବେଳେ ସୁବୋଧ ଗାଈଆଳର ବଇଁଶୀ ସ୍ୱର ତ ଆଉ କେତେବେଳେ ସାଙ୍କେତିକ ଓ ପ୍ରତୀକମାନଙ୍କର ସାହାନାଇ।

ହେଲେ ଯେତେ ଧାରା, ଉପଧାରା, ଶାଖା, ପ୍ରଶାଖା ଖୋଲିଲେ ବି ମୁଖ୍ୟ ଧାରାଟିକୁ ଆଡ଼େଇ ଯିବା ଅର୍ଥ ଆଲୋକ ସନ୍ଧାନରେ ଯାଇ ବତୀଖୁଣ୍ଟର ବାର୍ ଲାଇଟ୍‌ରେ ପିଟିହୋଇ ଅଜାଣତରେ ଆତ୍ମାହୁତି ଦେବା। କାବ୍ୟାଲୋକର ସନ୍ଧାନରେ ବାହାରିଥିବା ବାସ୍ତବ କବି ମହମବତୀ ଆଲୁଅରେ ଝାସ ନଦେଇ ସୂର୍ଯ୍ୟ ଅନ୍ତରର ରହସ୍ୟ ଭେଦ କରିବାକୁ ବ୍ରତୀ ହୁଏ ଏବଂ ଏକ ପ୍ରଲମ୍ବିତ ଯାତ୍ରା ପାଇଁ ମୁଖ୍ୟ ରାଜପଥକୁ ଆବୋରି ନିଏ।

ପଦପଦବୀ, କ୍ଷମତା, ପ୍ରତିଷ୍ଠା ତଥା ଯଶକାଙ୍ଗାଲତାର ମୋହରେ ମୁଖ୍ୟ ରାସ୍ତାଟିକୁ ଆଡ଼େଇ ଦେବାର ଦୁଃସାହସ ଯଦି କିଏ କରିବସେ, ସିଏ ହୁଏ ପୃଥିବୀର ନିକୃଷ୍ଟତମ ନିର୍ବୋଧ।

ଜାତୀୟ ରାଜପଥରୁ ଯେତେ ଶାଖା କି ଉପପଥ ତିଆରି କରାଗଲେ ବି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ମୁଖ୍ୟ ରାଜପଥର ଦୀର୍ଘତାକୁ ହିଁ ସ୍ୱୀକାର କରିବାକୁ ପଡ଼ିବ ଓ ତାହାର ସାହାରା ନେବାକୁ ପଡ଼ିବ। ଅନ୍ୟଥା ଶାଖାପଥକୁ ଯେତେ ପ୍ରଶସ୍ତ କଲେ ବି ତାହା କସ୍ମିନ୍ କାଳେ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇପାରିବ ନାହିଁ। ଯେହେତୁ ତାହା ଦୀର୍ଘ/ପ୍ରଲମ୍ବିତ ନୁହେଁ ଏବଂ ତା'ର ବିସ୍ତୃତି ଏକ ନିର୍ଦ୍ଦିଷ୍ଟ ଓ ସୀମିତ ସ୍ଥାନଯାଏ ମାତ୍ର। ଯେତେ ଯାହା ଇଜିମ୍ ଫିଜିମ୍, ବିମ୍ବ ଡିମ୍ବ, ରିଏଲିଜିମ୍, ମଡର୍ଣ୍ଣଜିମ୍, ଫେମିନିଜିମ୍, ହାଇକୁ ଫାଇକୁ ଯାହା ବି କର ମୁଖ୍ୟ ରାଜପଥକୁ ଏଡାଇ ଦେଇ କବି ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ନାହିଁ। ଲକ୍ଷ୍ୟ ଛୁଇଁବାକୁ ଅବଶେଷରେ ପୁଣି ସେଇ ପ୍ରଲମ୍ବିତ, ପ୍ରଶସ୍ତ ମୁଖ୍ୟ ରାଜରାସ୍ତାକୁ ହିଁ ଫେରିବାକୁ ପଡିବ।

କାବ୍ୟ କବିତାର ରାଜପଥ କ୍ଷେତ୍ରରେ ଏହି ସତ୍ୟ ମଧ ପ୍ରଜୁଜ୍ୟ। ମୁଖ୍ୟ ରାଜପଥରେ ଅଗ୍ରସର ହେବାକୁ ହେଲେ ଆମକୁ ମାଟିମନସ୍କ ହେବାକୁ ପଡ଼ିବ। ଆମେ ଦେଶ କାଳ ପାତ୍ର ସହ ନିବିଡ଼ ହେବାକୁ ବାଧ। ନିଜେ ନିଜର ଦର୍ପଣ ସାଜି ଆତ୍ମମ୍ଭରିତାର ଅବାସ୍ତବ ପ୍ରତିଛବିରେ ମୋହିତ ନହୋଇ ସମାଜର ଦର୍ପଣ ସାଜି କହିଦେବାକୁ ପଡ଼ିବ ------

କବିତାରେ କହିଛି ବୋଲି ତ
କହି ପାରିଛି ଏତେ କଥା
କଥାସବୁ କାଳର କପାଳରେ
ଝୋଟି ହୋଇ ଲଟକିଛି !

ଏଠାରେ ସୂଚେଇ ଦେବା ଉଚିତ୍ ହେବ ଯେ କବିତାର ରାସ୍ତାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଅର୍ଥ ହିଁ ରାସ୍ତା ଚାଲିବା। ଏହା ଏକ ନିରନ୍ତର ପ୍ରକ୍ରିୟା ଯାହାର ଶେଷ ହିଁ ଶେଷହୀନତା।

ଆକାଶର ଅନନ୍ତ ସୀମା ଆଉ ସମୁଦ୍ରର ବେସାଲିସ୍ ଢେଉରାଜିଙ୍କର ଅସରାପଣ ଭଳି ହିଁ କବିତାର ଅସରା ଯାତ୍ରା, ଅସରାପଣ। କବିତା ନିଃଶ୍ୱାସ ପ୍ରଶ୍ୱାସର ଅବାରିତ ଚାଲି ଭଳି ଏକ ନନ୍ ଷ୍ଟପ୍ କ୍ରିୟା। ସେ ଚାଲି ବନ୍ଦ ହେବା ଅର୍ଥ ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହେବା। ନିଃଶ୍ୱସ ପ୍ରଶ୍ୱାସ ବନ୍ଦ ହେବା ଅର୍ଥ ଜୀବନର ଅବସାନ। ସୁତରାଂ ରାସ୍ତା ଚାଲିବା ବନ୍ଦ ହେବା ମାନେ କବିତାର ବାଟ ବନ୍ଦ ହେବା।

ହେଲେ କବିତା ତ ଏକ ସ୍ୱତଃ ପ୍ରବାହ, ସ୍ରୋତସଲିଳା ଫାଲଗୁନି, ପଥର ଛାତି ଫଟେଇ କୁଳୁ କୁଳୁ ବହିଯାଇପାରୁଥିବା ତଟିନୀର ଅମୀୟ ଧାରା!

ସବୁ ଅମୃତ ଧାରାର ମୂଳାଧାର ହିଁ ସେଇ ମାଟି। ସେଇ ମାଟି ହିଁ କବିତାର ରାଜପଥ। ସେଥିପାଇଁ ଆମ ସମୟର ଜଣେ ଅନୁଭବି କବି ପିତାମ୍ବର ତରାଇ କହନ୍ତି .......

"ନଦୀର କଡୁ ଆଣିଲି ସଖୀ
ଝୁଡିଏ ଓଦାମାଟି
ଗଢିଲି ବସି ଦି' ଦିନ ଯାଏ
ପୁରୁଷ ନାରୀ ଦି'ଟି
ତା'ପରେ ଧରି ନଦୀର ଧାରେ
ଫିଙ୍ଗିଲି ଗୋଟି ଗୋଟି
ପରଦିନ ମୁଁ ଦରାଣ୍ଡି ହେଲି
ମାଟି ତ ଖାଲି ମାଟି
ମାଟିରୁ ସିମେଣ୍ଟ, ଇଟା କଂକ୍ରିଟ୍‌ରେ
ବହୁତ ହେଲାଣି ଗଢ଼ା
ମନ୍ଦିର ମସଜିଦ୍ ଗୀର୍ଜା ଗୁରୁଦ୍ୱାର
ନିଷିଦ୍ଧ ପାଚେରୀ ବେଢ଼ା
ଆଜି ଭାଙ୍ଗିଦିଅ କାଲିପାଇଁ ସଖୀ
ନ'ଥିବ ହେ ମାଟି ଛଡ଼ା"

ମୁଁ ବିଶ୍ୱାସ କରେ ଯେ ଆନ୍ତର୍ଜାତୀୟ ସାହିତ୍ୟର ଗତିଧାରା ସହ ସଂଯୋଗ ରକ୍ଷା କରି ଓଡ଼ିଆ ସାହିତ୍ୟରେ ବୈପ୍ଳବିକ ପରିବର୍ତ୍ତନର ଏକ ଧାରା ସୃଷ୍ଟି କରିଥିଲେ ମଶାଣିର ଫୁଲ ଓ ମାଟିର ତାଜ୍ କବି ସଚ୍ଚି ରାଉତରାୟ।

ସେହି ଦୃଷ୍ଟିରୁ ତାଙ୍କୁ ଓଡ଼ିଆ ସାହିତ୍ୟର ଅନନ୍ୟ ଓ ଅସାଧାରଣ ସାହିତ୍ୟ ସାଧକ କହିବାରେ ତିଳେମାତ୍ର ଦ୍ୱିଧା ନାହିଁ। ତାଙ୍କର ବୈପ୍ଳବିକ କାବ୍ୟ ବାଜିରାଉତ କେବଳ ଓଡିଆମାନଙ୍କ ମନରେ ନୁହେଁ, ବରଂ ସର୍ବଭାରତୀୟ ସ୍ତରରେ ମା' ମାଟି ପାଇଁ ଏକ ବୈପ୍ଳବିକ ଅନୁପ୍ରେରଣା ଜାଗରିତ କରିଥିଲା। କାରଣ ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ସାନଭାଇ କବି ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଝଐର ଇଙଇଞଗଇଘ ଇଙଣ ଇଘଉ ଙଞଐରଜ ଚଙ-ରଗଝ ନାମରେ ଏହାର ଅନୁବାଦ କରିଥିଲେ। ଏହା ସମବାୟ ପବ୍ଲିସରସ୍ ଓ ପରେ ପରେ ପ୍ରବାସୀ ପ୍ରେସ୍ କଲିକତାରୁ ପ୍ରକାଶ ପାଇ ଓଡିଶାମାଟିର ସାଧାରଣ ଓ ନିରୀହ ଜନତାର ଅସାଧାରଣ ବୀରତ୍ୱ, ଅକଳନୀୟ ଗରିମା ଓ ଅଲଂଘ୍ୟ ପରାକ୍ରମର କଥାକୁ ବହୁଜନବିଦିତ କରିପାରିଥିଲା। ଆତ୍ମପ୍ରଚାର ଓ ପ୍ରଦର୍ଶନବିମୁଖ ଓଡିଆମାନଙ୍କର ଜନଜାଗରଣର ଗାଥାକୁ ସାରା ବିଶ୍ୱକୁ ଜଣାଇପାରିଥିଲା।

କହିବାର ତାତ୍ପର୍ଯ୍ୟ ହେଲା, ତାଙ୍କର କାବ୍ୟନାୟକ କୌଣସି ସମ୍ରାଟ, ରାଜାଧିରାଜ, ବିରାଟ ସେନାନାୟକ କିମ୍ବା ନେତା କି ମନ୍ତ୍ରୀ ନଥିଲେ। ସମଗ୍ର କାବ୍ୟର ପ୍ରଧାନ ଉପଜୀବ୍ୟ ଥିଲା ମାତ୍ର ବାରବର୍ଷର ଜଣେ ବାଳୁତ, ଯାହାକୁ ବାଉଳା କରିଥିଲା ମାଟିର ପ୍ରେମ, ମାଆର ଡାକ, ପ୍ରଜାମଣ୍ଡଳର (ମାଟିପ୍ରେମୀ ସାଧାରଣ ଜନତାଙ୍କର ସଂଗଠନ) ହୁକୁମ୍।

ମେଘ ବର୍ଷା ମେଦୁରିତ ଜୋର୍ ଜୋର୍ ଘଡ଼ଘଡ଼ି ମାରୁଥିବା କଳା ମିଚି ମିଚି ଅନ୍ଧାର ରାତିରେ ହାଲିଆ ହୋଇ ଶୋଇ ପଡିଥିବା ସେଇ ଅବୋଧ ବାଳକଟି ପଳ ପଳ ହିଂସ୍ର ଚାହାଣି ଓ ଜଙ୍ଗଲି ହସର ପ୍ରତିକ୍ରିୟାରେ, ମାଟି ମାଆ ପାଇଁ। ନିଦ ମଳ ମଳ ଆଖିରେ ସ୍ୱତଃ ଜବାବ୍ ଦେଇଥିଲା ..... ପ୍ରଜାମଣ୍ଡଳର ହୁକୁମ୍ ନାଇଁ। ଡଙ୍ଗା ନେଇପାରିବି ନାହିଁ।

ନୃଶଂସଙ୍କ ସଙ୍ଗୀନ୍ ମାଡ଼ ଓ ତୁହାକୁ ତୁହା ଗୁଳି ଚୋଟରେ ସେଇ ମାଟି ଉପରେ ତା'ର ରକ୍ତ ଜୁଡୁବୁଡୁ ଶରୀର ଟଳିପଡିଲା ସିନା, ମାଟି ଚୁମୁଥିବା ତାର ପବିତ୍ର ଶୋଣିତର ପୃଷ୍ଠଭୂମିରେ ନିର୍ମିତ ହୋଇଗଲା ମାଟିରୁ କବିତାର ରାଜପଥ --- "ବାଜିରାଉତ"

"ଛୋଟ ପୁଣି ଏତେ ସେ ବିରାଟ!
ଜୀବନ ପାରିଲା ନାହିଁ ରଖି ତାକୁ
ମୃତ୍ୟୁ ତାରେ ଛାଡିଦେଲା ବାଟ
ଲୁହାର ଫଉଜ ଗଲେ ଫାଟି
ମାଟିର କଙ୍କାଳ ସେ ଯେ କାହିଁ ଗଲା ?
ମାଟି ଖାଲି ମାଟି......"

ଅତଏବ ପ୍ରେମ ହେଉ, ଯୁଦ୍ଧ ହେଉ, ବିପ୍ଳବ ହେଉ କି ଶାନ୍ତି: ସବୁରି ମୂଳରେ ସେଇ ମାଟି (ମା'ଟି)।

ମାଟିକୁ ଛାଡ଼ି କବିତା କାହିଁ?

ମାଟି ହିଁ କବିତାର ରାଜପଥ, ଯାହା ବିନା ପାଦେ ବି ଚାଲିପାରେନା କବିତା।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ପରିବେଶ ପ୍ରଦୂଷଣ ଘେରରେ ଇଟାଭାଟି: ପ୍ରଶାସନ ନିରବଦ୍ରଷ୍ଟା



**ଜଗତସିଂହପୁର :** ସରକାରଙ୍କ ବିଧି ବ୍ୟବସ୍ଥା ଓ ଆଇନକାନୁନର ଖୋଲା ଉଲଘଂନ କରି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ୮ଗୋଟି ତହସିଲ ଅଂଚଳରେ ଶହ ଶହ ଇଟାଭାଟି ଓ ଚିମିନି ଭାଟି ଛତୁ ଫୁଟିବା ପରି ମାଡି ମାଡି ଚାଲିଛି। ବିଭିନ୍ନ ଗାଁ ଠାରୁ ଆରମ୍ଭ କରି ନଈ ପଠା ପର୍ଯ୍ୟନ୍ତ ଇଟାଭାଟି ଓ ଚିମିନି ଭାଟି ଗୁଡିକ ମାଫିଆ ମାନଙ୍କୁ ବିକ୍ରୟ ହେଉଥିବା ବେଳେ ତହସିଲ କର୍ତୃପକ୍ଷ ନିରବଦ୍ରସଷ୍ଟା ସାଜୁଛନ୍ତି। କେତେକ ସ୍ଥାନରେ ଇଟାଭାଟି ସଂଖ୍ୟା କମୁଥିବା ବେଳେ ମୁଖ୍ୟ ରାସ୍ତା କଡରେ ଓ ଘର ପାଖରେ ଚିମିନି ଭାଟି ସଂଖ୍ୟା ବଢିବାରେ ଲାଗିଛି। ବ୍ୟାପକ ଭାବେ ଇଟାଭାଟି ଓ ଚିମିନିଭାଟି ଗୁଡିକ ଘର ପାର୍ଶ୍ୱ ଅଂଚଳରେ ହେଉଥିବାରୁ ସ୍ଥାନୀୟ ପରିବେଶକୁ ନଷ୍ଟ କରିଦେବା ସହିତ ଗ୍ରାମାଂଚଳର ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ, ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ, ତହସିଲଦାର ଓ ରାଜସ୍ୱ ନିରିକ୍ଷକ ମାନଙ୍କ ସହିତ ଇଟା ମାଫିଆ ମାନଙ୍କ ଭିତିରି ବୁଝାମଣା ଯୋଗୁଁ ସରକାରୀ ଅଧିକାରୀ ମାନେ ସୁରକ୍ଷା କବଚ ସାଜିଥିବାର ଦେଖିବାକୁ ମିଳୁଛି। ଏକ ନିର୍ଭରଯୋଗ୍ୟ ସୁତ୍ରରୁ ଜାଣିବାକୁ ମିଳୁଛିଯେ ତିର୍ତୋଲ ଓ ବିରିଡି ବ୍ଲକ ଅଧିନରେ ଦୁଇଗୋଟି ଚିମିନିଭାଟିକୁ ପରିବେଶ ପ୍ରଦୁଷଣ ଜନିତ ପ୍ରମାଣପତ୍ର ମିଳିଛି, ହେଲେ ଗ୍ରାମମାନଙ୍କରେ ଇଟାଭାଟି ଗୁଡିକରେ ନିର୍ଗତ ହେଉଥିବା ଦୁଷିତ କୋଇଲା ଧୂଆଁ ବାହାରି ସ୍ଥାନୀୟ ଅଂଚଳର ପରିବେଶ ପ୍ରଦୁଷଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏପରିକି ଖରାଦିନ ତାତିକୁ ବେଆଇନ ମାଟି ଇଟା ନିର୍ମାଣ ଉପରେ ସରକାର ଅଙ୍କୁଶ ଲଗାଇଛନ୍ତି, ମାତ୍ର ସରକାରଙ୍କ ନିତି ନିୟମ ଓ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲଘଂନ କରୁଥିବାର ଦେଖାଯାଉଛି। ବିଭୀନ୍ନ ତହସିଲ କର୍ତୃପକ୍ଷ ମାନଙ୍କ ଅବହେଳାକୁ ନେଇ ଇଟାଭାଟି ମାଫିଆ ମାନେ ନିର୍ବିଘ୍ନରେ ବିଭିନ୍ନ ସ୍ଥାନରେ ଇଟା ପୋଡି ବେଶ ମାଲାମାଲ ହେଉଥିବା ବେଳେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବାର ଦେଖାଯାଉଛି। ତେଣୁ ବେଆଇନ ଭାବେ ପୋଡା ଯାଉଥିବା ଇଟାଭାଟି ବା ଚିମିନିଭାଟି ଉପରେ ପ୍ରଶାସନ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ମିଶନ ଶକ୍ତି' ...

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ସେମାନଙ୍କ ମହାସଂଘ ପାଇଁ କାର୍ଯ୍ୟ କରିବ। ପରିଚାଳନାରେ ଶୃଙ୍ଖଳା ରହିବ। ସୂଚନାଥାଉ କି, ରାଜ୍ୟରେ ୧୦ଟି ମେଗା ଜଳ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଯାଜପୁର, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଏସବୁ ପ୍ରକଳ୍ପ ନିର୍ମାଣ ହେବ। 'ଜଳ ଜୀବନ ମିଶନ' ଜରିଆରେ ରାଜ୍ୟ ସରକାର ତାହା କରିବେ। ପ୍ରକଳ୍ପ କାର୍ଯ୍ୟ ୨୪ ମାସ ଭିତରେ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି ବାଲେଶ୍ୱର ରେମୁଣାରେ ପ୍ରତିଷ୍ଠା ହେବାକୁ ଥିବା ସାଟେଲାଇଟ ସେଣ୍ଟର ପାଇଁ ୨୫ ଏକର ଜାଗା ଦିଆଯିବ। ଏହି ପ୍ରସ୍ତାବରେ କ୍ୟାବିନେଟ ମୋହର ଦେବା ସହିତ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ଆର୍ଥିକ କ୍ଷତିର ପୁନରୁଦ୍ଧାର କରିବା ସହିତ ପଛୁଆ ଅଞ୍ଚଳରେ ବିକାଶ ପାଇଁ 'ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ' ଏବଂ 'ଓଡ଼ିଶା ଅବକାରୀ ସେବା କ୍ୟାଡର' ପୁନର୍ଗଠନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍ ବୈଠକ ବସିଥିଲା। କୃଷି, ସାମାଜିକ ସୁରକ୍ଷା, ଅବକାରୀ, ଶକ୍ତି, ସାଧାରଣ ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଇସ୍ପାତ ଓ ଖଣି ଭଳି ଆଠ ବିଭାଗ ୧୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ, ୧୬ଟି ପ୍ରସ୍ତାବ ମଧ୍ୟରେ ବିଭିନ୍ନ ଜିଲ୍ଲାରେ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ପ୍ରମୁଖ ଥିଲା। ଏମିତି ୧୦ଟି ମେଗା ଜଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ସ୍କିମରେ ଏସବୁ ନିର୍ମାଣ କାର୍ଯ୍ୟ କରାଯିବ। ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ଓ ଭୁବନରେ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ହେଉଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଓ ରାଜକନିକା, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଖୋର୍ଦ୍ଧା, ଜଟଣୀ, ଚିଲିକା ଓ ଟାଙ୍ଗୀରେ ହେବ ଉକ୍ତ ପାନୀୟ ଜଳ ପ୍ରକଳ୍ପ। ସେହିପରି ଯାଜପୁର ଜିଲ୍ଲାର ବିଞ୍ଝାରପୁର ଓ ଯାଜପୁର ବ୍ଲକ, ସମ୍ବଲପୁର ଜିଲ୍ଲାର ୨ଟି ପଞ୍ଚାୟତ ଏବଂ ଝାରସୁଗୁଡ଼ା ବ୍ଲକର ୨ଟି ପଞ୍ଚାୟତରେ ମଧ୍ୟ ନିର୍ମାଣ ହେବ ପାନୀୟ ଜଳ ପ୍ରକଳ୍ପ। ଏହା ଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ। 'ଜଳ ଜୀବନ ମିଶନ' ଜରିଆରେ ରାଜ୍ୟ ସରକାର ଏହାକୁ ପ୍ରାଥମିକତା ଦେଉଛନ୍ତି। କେବଳ ଢେଙ୍କାନାଳ ଜିଲ୍ଲାରେ ୨୭୬ କୋଟି ୯୩ ଲକ୍ଷ ଟଙ୍କା ବ୍ୟୟ ହେବ। ସମ୍ବଲପୁର, ଝାରସୁଗୁଡ଼ା ପାଇଁ ୧୮୮ କୋଟି ୩୮ ଲକ୍ଷ ୬୩ ହଜାର , ଯାଜପୁର ଜିଲ୍ଲା ପାଇଁ ୨୪୫ କୋଟି ୯୮ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁରୀ ପ୍ରଦାନ କରାଯାଇଛି। ହାଇଦ୍ରାବାଦର ମେଗା ଇଞ୍ଜିନିୟରିଂ ସଂସ୍ଥାକୁ କାର୍ଯ୍ୟଭାର ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରକଳ୍ପ କାର୍ଯ୍ୟ ଶେଷ ପାଇଁ ୨୪ ମାସ ଧାର୍ଯ୍ୟ ସମୟ ହୋଇଛି। ଶ୍ରୀ ମହାପାତ୍ର କହିଥିଲେ, ବାଲେଶ୍ୱର ରେମୁଣାରେ ପ୍ରତିଷ୍ଠା ହେବ ସାଟେଲାଇଟ ସେଣ୍ଟର। ଏମ୍ସର ଏହି ସାଟେଲାଇଟ ସେଣ୍ଟର୍‌କୁ ୨୫ ଏକର ଜାଗା ଦେବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି 'ଓଡ଼ିଶା ଅବକାରୀ ସେବା କ୍ୟାଡର' ପୁନର୍ଗଠନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମୋହର ଲାଗିଥିଲା ବେଳେ 'ଓଡ଼ିଶା ଲୋକାୟୁକ୍ତ ଅଧିନିୟମ-୨୦୧୪' ସଂଶୋଧନ ପ୍ରସ୍ତାବ, 'ଓଡ଼ିଶା ଜିନ୍ଦ୍ରଷ୍ଟ ପୁର୍ନବାସ ସେବା ନିୟମ- ୨୦୧୧, ଓଡ଼ିଶା ଲୋକାୟୁକ୍ତ ଅଧିନିୟମ-୨୦୧୯ରେ ବାର୍ଷିକ ରିପୋର୍ଟ, ଓଏମ୍‌ସିକୁ ଆର୍ଥିକ କ୍ଷତିର ପୁନରୁଦ୍ଧାର କରିବା ସହିତ ପଛୁଆ ଅଞ୍ଚଳରେ ବିକାଶ ପାଇଁ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ଏବଂ ପାରାଦୀପରେ ୬୩୭.୪୫ କୋଟିର ବିଦ୍ୟୁତ ଭିତ୍ତିଭୂମି ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। 'ଏହି ପ୍ରକଳ୍ପ ଯୋଗୁଁ ରାଜ୍ୟରେ ସ୍ଥାପନ ହେଉଥିବା 'ପେଟ୍ରୋ କେମିକାଲ ଆଣ୍ଡ ପେଟ୍ରୋଲିୟମ ଇନଭେଷ୍ଟମେଣ୍ଟ ରିଜନ'(ପିସିପିଆଇଆର) ବିଦ୍ୟୁତ ଯୋଗାଣ ସମ୍ଭବ ହେବ ବୋଲି ମୁଖ୍ୟଶାସନ ସଚିବ ପ୍ରକାଶ କରିଥିଲେ।

### ବଢୁଛି ...

ବ୍ଲାକମେଲିଂ କରି ଅନେକ ଟଙ୍କା ନେଇଯାଇଥିଲା। ଯାହାକୁ ନେଇ ଟୁକୁନା ଓ ସାଗର ମଧ୍ୟରେ ବିବାଦ ଲାଗି ରହିଥିଲା। ଟୁକୁନା ବାରମ୍ବାର ସାଗରକୁ ହତ୍ୟା ଧମକ ଦେଉଥିଲା ବେଳେ ସାଗର ଓ ସୁଧୀର ମିଶି ଟୁକୁନାକୁ ପାନେ ଦେବା ପାଇଁ ମସୁଧା କରିଥିଲେ। ଶନିବାର ସକାଳେ ଅଚାନକ ଟୁକୁନା ସୁଧୀରକୁ ଭୁଜାଲିରେ ଆକ୍ରମଣ କରିବା ପରେ ସାଗର ଓ ସୁଧୀର ମିଶି ଟୁକୁନାକୁ କାବୁ କରିନେବା ସହିତ ନିଜ ପିକ୍‌ଅପ୍ ଭ୍ୟାନ୍‌ରେ ଉସାଇ ନୂଆପଲ୍ଲୀ ଥାନାରେ ଜିମା ଦେବାକୁ ଆଣୁଥିଲା ବେଳେ ଗାଡି ଭିତରେ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ତେଣୁ ଦୁଇଭାଇ ମିଶି ଭ୍ୟାନ୍ ଭିତରେ ଟୁକୁନାକୁ ଭୁଜାଲିରେ ହାଣିଦେବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଡି ଭିତରେ ଜଣେ ଯୁବକକୁ ହାଣୁଥିବା ଦେଖି ଇନ୍ଦ୍ରଧନୁ ମାର୍କେଟ ଅଞ୍ଚଳରୁ କିଛି ଲୋକ ଭ୍ୟାନ୍‌ର ପିଛା କରିଥିଲେ। ପିକ୍‌ଅପ୍ ଭ୍ୟାନ୍‌ଟି ନୟାପଲ୍ଲୀ ଭିଆଇପି କଲୋନୀ ଏନ୍-୧ ରାସ୍ତାରେ ଅଟକି ଯିବାରୁ ଲୋକେ ଦୁଇ ଅଭିଯୁକ୍ତଙ୍କୁ ଗାଡି ଭିତରୁ ଭିଡି ଆଣିଥିଲେ। ଯାହାକୁ ଦେଖି ସେଠାରେ ପଥଚାରୀମାନଙ୍କ ଭିଡ ଜମି ଯାଇଥିଲା। ଗାଡି ଭିତରେ ଜଣକୁ ହଣାଯିବା ଘଟଣା ଜଣାପଡିବା ପରେ ଲୋକେ ଉତ୍ତ୍ୟକ୍ତ ହୋଇପଡିଥିଲେ। ଯାହାଫଳରେ ଦୁଇ ଅଭିଯୁକ୍ତଙ୍କ ଉପରେ ମାଡ ଆରମ୍ଭ ହୋଇଯାଇଥିଲା। ଖବରପାଇ ନୂଆପଲ୍ଲୀ ଥାନା ପିସିଆର ୩ ପୋଲିସ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ ବି ଉତ୍ତ୍ୟକ୍ତ ଲୋକ କିଛି ବୁଝିବା ଅବସ୍ଥାରେ ନଥିଲେ। ଲୋକେ ଭାବିନେଲେ ଯେ ପୋଲିସ ଅଭିଯୁକ୍ତଙ୍କୁ ସହାୟତା ଦେଉଛି। ଯେଉଁଥିପାଇଁ ପିସିଆର କାଚ ଭାଙ୍ଗିଦେବା ସହ ଲୋକମାନେ ପୋଲିସ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ପରେ ଖବରପାଇ ଅଧିକ ସଂଖ୍ୟାରେ ପୋଲିସ ଫୋର୍ସ ସହ ଉଚ୍ଚପଦସ୍ଥ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯିବା ସହ ଟୁକୁନାର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ଲୋକ ଗହଳିର ସୁଯୋଗ ନେଇ ହତ୍ୟାକାଣ୍ଡର ପ୍ରତ୍ୟକ୍ଷ ସାକ୍ଷୀ ତଥା ବୋଲେରୋ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ସୂଚନାଯୋଗ୍ୟ, ଫେରାର ହୋଇଥିବା ବୋଲେରୋ ଡ୍ରାଇଭରଙ୍କୁ ପୋଲିସ ଖୋଜୁଛି। ମୃତ ଟୁକୁନା ନାମରେ ପୂର୍ବରୁ ଦୁଇଟି ମାମଲା ଥିଲା ବେଳେ ସେ ଜାମିନ୍‌ରେ ଥିବା ଜଣାପଡିଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ନମୁନା ଓ ଫିଙ୍ଗର ପ୍ରିଣ୍ଟ ଆଦି ଜବତ କରିବା ସହିତ ନିକଟରେ ଥିବା କେତେକ ସିସିଟିଭି ଫୁଟେଜ୍ ଜବତ କରାଯାଇଛି। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହା ଉପରେ ପୋଲିସ ଅଧିକ ତଦନ୍ତ ଜାରି ରଖିଥିଲା ବେଳେ ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ହୋଇଥିବା ଡିସିବି ଉମାଶଙ୍କର ଦାସ କହିଛନ୍ତି। ଟୁକୁନା ହତ୍ୟାକାଣ୍ଡକୁ ନେଇ ସାଲିଆସାହି ଅଞ୍ଚଳରେ ଉତ୍ତେଜନା ଦେଖାଦେବା ପରେ ସେଠାରେ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିବା ଜଣାପଡିଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କହିଛନ୍ତି ନୂଆପଲ୍ଲୀ ଥାନାଧିକାରୀ ଶରତ ସାହୁ। ହତ୍ୟାକାଣ୍ଡ ନେଇ ନୂଆପଲ୍ଲୀ ଥାନା ତିନିଟି ମାମଲା ରୁଜୁ କରିଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଏନେଇ ପୋଲିସ କମିଶନର ଡକ୍ଟର ସୁଧାଂଶୁ ଷଡଙ୍ଗୀ କହିଛନ୍ତି ଯେ, ହତ୍ୟା ହୋଇଥିବା ଟୁକୁନା ଦାସ ଜଣେ ଅପରାଧୀ। ତା' ନାମରେ ଅନେକ ଅପରାଧୀକ ମାମଲା ରହିଛି। ଟୁକୁନା ସାଗର ଓ ସୁଧୀରକୁ ଆକ୍ରମଣ କରିବା ପାଇଁ ଆସି ପ୍ରଥମେ ସାଗରକୁ ଆକ୍ରମଣ କରିଥିଲା। ଦୁଇଭାଇ ଜୀବନ ବଞ୍ଚାଇବାକୁ ଯାଇ ଟୁକୁନାକୁ ହତ୍ୟା କରିଛନ୍ତି। ତେବେ ରାଜଧାନୀରେ ବଢୁଥିବା ଅପରାଧକୁ ନେଇ ରାଜଧାନୀବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

### 'ପିଏମ୍-କିଷାନ ...

ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ସବୁ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଟଙ୍କା ପହଞ୍ଚୁନି। ଏନେଇ ଚିନ୍ତା ପ୍ରକଟ କରିବା ସହ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗତ ୧ ତାରିଖରେ ଚିଠି ଲେଖିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଜ୍ୟ ସରକାରଙ୍କ ଅଧିକାରୀ ତଥା ପ୍ରଶାସନ ଆବଶ୍ୟକୀୟ ପ୍ରକ୍ରିୟାର ଅନୁପାଳନ ନକରିବା ଯୋଗୁଁ ବହୁତ୍ କମ୍ ଚାଷୀ ଏହାର ଲାଭ ପାଉଛନ୍ତି ବୋଲି ସେ ଆକ୍ଷେପ କରିଥିଲେ। ଏହାର ଜବାବରେ ଗତ ୩ ତାରିଖରେ ଶ୍ରୀ ପ୍ରଧାନଙ୍କ ନିକଟକୁ ପାଲଟା ଏକ ଚିଠି ଲେଖି ଜବାବ ରଖିଥିଲେ ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ ରାଜ୍ୟରୁ ୪୦.୫ ଲକ୍ଷ ନୁହେଁ ବରଂ ମୋଟ ୪୩.୧୭ ଲକ୍ଷ କୃଷକ ପିଏମ୍ କିଷାନରେ ପଞ୍ଜିକୃତ ଅଛନ୍ତି। ତେବେ କେବଳ ୩୮.୬୫ ଲକ୍ଷ ଚାଷୀଙ୍କ ନାମ ଏହି ଯୋଜନାରେ ଟଙ୍କା ପ୍ରଦାନ ଲାଗି ଅନୁମୋଦନ କରିଛନ୍ତି କେନ୍ଦ୍ର ସରକାର। ଏପରିକି ଜଣେ ଚାଷୀ ପ୍ରଥମ କିସ୍ତିରେ ଟଙ୍କା ପାଇଥିବା ବେଳେ ଅନ୍ୟ କିସ୍ତି ମାନଙ୍କରେ ସମାନ ଚାଷୀ କିଭଳି ଟଙ୍କା ପାଇବାରୁ ବଞ୍ଚିତ ହେଲେ ଏନେଇ ଶ୍ରୀ ସାହୁ ପ୍ରଶ୍ନ କରିଥିଲେ। ଏଥିପାଇଁ ଅଧିକାଂଶ କ୍ଷେତ୍ରରେ ଯାନ୍ତ୍ରିକ ଏବଂ ଯାଞ୍ଚଗତ ତ୍ରୁଟି ଦାୟୀ ଥିଲେ ହେଁ ସଂଶୋଧନର କ୍ଷମତା କେବଳ ପିଏମ୍ କିଷାନ ଟେକ୍ନିକାଲ ଟିମ୍ ପାଖରେ ରହିଥିବା ଦର୍ଶାଇ ସେ ରାଜ୍ୟମାନଙ୍କୁ ଏନେଇ ଅଧିକା ସୁବିଧା ପ୍ରଦାନ କରିବା ଦିଗରେ କେନ୍ଦ୍ର ସରକାର ଚିନ୍ତା କରିବାକୁ ପ୍ରସ୍ତାବ ରଖିଥିଲେ। ଆଜି କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଶ୍ରୀ ପ୍ରଧାନ ମଧ୍ୟ ରାଜ୍ୟ କୃଷି ମନ୍ତ୍ରୀ ଶ୍ରୀ ସାହୁ ଉଲ୍ଲେଖ କରିଥିବା ଅସୁବିଧା ସଂପର୍କରେ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କୁ ଅତିରିକ୍ତ ବଲ୍କ ୱିଣ୍ଡୋ କ୍ଲିୟରାନ୍ସ କରିବା ପାଇଁ ଅନୁମତି ଦେବାକୁ ସେ ନିବେଦନ କରିଥିଲେ। ଏହାଦ୍ୱାରା ହିତାଧିକାରୀଙ୍କ ସ୍ଥଗିତ ଥିବା କିସ୍ତି ଟଙ୍କାକୁ ଠିକ୍ କରାଯାଇ ତୁରନ୍ତ ବ୍ୟାଙ୍କ୍ ଖାତାକୁ ପଠାଯାଇପାରିବ ବୋଲି ଶ୍ରୀ ପ୍ରଧାନ ଯୁକ୍ତି ରଖିଥିଲେ। ତେବେ ଓଡ଼ିଶା ସରକାର ପ୍ରକୃତ ଚାଷୀଙ୍କ ଯାଞ୍ଚ ପ୍ରକ୍ରିୟା କରିବା ପାଇଁ ପାଖାପାଖି ୧୪.୫ ଲକ୍ଷ ଚାଷୀଙ୍କ କିସ୍ତି ନଦେବା ପାଇଁ ନିର୍ଦ୍ଦେଶ ଜାରି କରିଥିବାର ଏହି ଚିଠିରେ ଉଲ୍ଲେଖ କରିଛନ୍ତି ଶ୍ରୀ ପ୍ରଧାନ। ଏହି ସଂଖ୍ୟା ସମଗ୍ର ଭାରତରେ ସର୍ବାଧିକ ବୋଲି କହିବା ସହ କିଭଳି ତୁରନ୍ତ ସବୁ ଚାଷୀ ଟଙ୍କା ପାଇବେ ସେଥିପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରଣାଳୟ ମଧ୍ୟରେ ଏକ ବୈଠକ ଡ଼କାଯାଉ ଏବଂ ଏହି ପ୍ରସଙ୍ଗରେ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ତୋମାର ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ସେ ନିବେଦନ କରିଥିଲେ ।

### ସବୁ ପଞ୍ଚାୟତରେ ...

ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଥିଲେ। ଏହି କେନ୍ଦ୍ର ଦ୍ୱାରା ସାଧାରଣ ଲୋକ ନିଜ ଘର ପାଖରେ ବିଭିନ୍ନ ପ୍ରକାରର ସରକାରୀ ସୁବିଧା ପାଇପାରିବେ। ଏଥିପାଇଁ ସେମାନଙ୍କୁ ଆଉ ବାରମ୍ବାର ଅଫିସ ଯିବାର ଆବଶ୍ୟକତା ରହିବ ନାହିଁ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଗାମୀ ଦିନରେ ରାଜ୍ୟର ସବୁ ପଞ୍ଚାୟତରେ ଗୋଟିଏ ଗୋଟିଏ ମୋ ସେବା କେନ୍ଦ୍ର ଖୋଲାଯିବ। ଏହାଦ୍ୱାରା ୮୦୦୦ ଯୁବକ ଯୁବତୀ ଆତ୍ମ ନିଯୁକ୍ତିର ସୁଯୋଗ ପାଇବେ। ସେହିପରି ସହରବାସୀ ତଥା କମ୍ପ୍ୟୁଟର ଜାଣିଥିବା ଲୋକମାନଙ୍କ ପାଇଁ ଓଡ଼ିଶା ୱାନ୍ ପୋର୍ଟାଲ ସେବା ଯୋଗାଇବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଦୁଇଟି କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ତଥା ସେବାର ଗୁଣାତ୍ମକ ମାନ, ତଦାରଖ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଅଗଷ୍ଟ ୨୦୧୯ ଦିନ ୫-ଟି ଉପକ୍ରମର ଶୁଭାରମ୍ଭ ଉଦ୍‌ଘାଟନ ସମୟରେ ମୁଖ୍ୟମନ୍ତ୍ରୀ ସରକାରୀ ଅଫିସକୁ ବିଭିନ୍ନ ସେବା ପାଇବା ପାଇଁ ଲୋକଙ୍କୁ ବାରମ୍ବାର ଯିବାରୁ ମୁକ୍ତି ଦେବାରେ ୫-ଟି ଉପକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କ୍ରୀଡା ଓ ଯୁବସେବା ଏବଂ ଇଲେକ୍‌ଟ୍ରୋନିକ ଆଣ୍ଡ ଟେକ୍ନୋଲୋଜି ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହାକୁ ମୁଖ୍ୟମନ୍ତ୍ରୀଙ୍କର ଏକ ଐତିହାସିକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ ଏବଂ ଏହାଦ୍ୱାରା ସମାଜର ସବୁ ବର୍ଗର ଲୋକ ଉପକାର ପାଇବେ ବୋଲି ମତ ଦେଇଥିଲେ। ମୋ ସେବା କେନ୍ଦ୍ରର ସୁବିଧା ନେଇଥିବା କୋଣାର୍କ, ହିଞ୍ଜିଳି, ଅତାବିରା, ନବରଙ୍ଗପୁର, ଭଦ୍ରକ ଓ ଗଜପତିର ହିତାଧିକାରୀମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ମତବିନିମୟ କରିଥିଲେ। ସେମାନେ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗର ସଚିବ ମନୋଜ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ସ୍ଥାନୀୟ ସାଂସଦ ଓ ବିଧାୟକମାନଙ୍କ ସମେତ ବିଭାଗୀୟ ଉପଦେଷ୍ଟା ଅନୁଭବ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭୁବନେଶ୍ୱର ଦେଶର ...

କରିବା ପାଇଁ ୧୪ଟି ବିଷୟବସ୍ତୁ ପ୍ରସ୍ତୁତ କରାଯାଇଥିଲା। ସହରଗୁଡ଼ିକରେ ଥିବା ଶିକ୍ଷାର ସ୍ତର, ସ୍ୱାସ୍ଥ୍ୟ, ଗୃହ, ସ୍ୱଚ୍ଛତା, ପରିବହନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଅର୍ଥନୀତିକ ବିକାଶ, ରୋଜଗାରର ସୁଯୋଗ, ପରିବେଶ ଆଦିର ସମୀକ୍ଷା କରାଯାଇଥିଲା। ୨୦୨୦ ଜାନୁଆରୀ ୧୯ରୁ ୨୦୨୦ ମାର୍ଚ୍ଚ ଯାଏ ଏହି ସର୍ଭେ କରାଯାଇଥିଲା। ଏହି ସର୍ଭେରେ ପ୍ରାୟ ୩୨ ଲକ୍ଷ ୨୦ ହଜାର ଲୋକ ସେମାନଙ୍କ ମତାମତ ଦେଇଛନ୍ତି। ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକର ତାଲିକାରେ ବେଙ୍ଗାଲୁରୁ ୧ନଂ ସ୍ଥାନରେ ଥିବା ବେଳେ ଦ୍ୱିତୀୟ ପୁଣେ, ତୃତୀୟରେ ଅହମ୍ମଦାବାଦ, ୪ର୍ଥରେ ଚେନ୍ନାଇ, ୫ମରେ ସୁରଟ, ୬ଷ୍ଠରେ ନାଭି ମୁମ୍ବାଇ, ୭ମରେ କୋଏମ୍ବାଟୁର, ୮ମରେ ଭଦୋଦରା, ୯ମରେ ଇନ୍ଦୋର ଓ ୧୦ମ ସ୍ଥାନରେ ଗ୍ରେଟର ମୁମ୍ବାଇ ରହିଛି। ଏହି ବର୍ଗର ଶ୍ରେଷ୍ଠ ସହରଗୁଡ଼ିକ ତାଲିକାରେ ଦିଲ୍ଲୀ ୧୩ନଂରେ ରହିଛି। ଏହାର ନିକଟବର୍ତ୍ତୀ ଗାଜିଆବାଦ ଓ ଫରିଦାବାଦ ଯଥାକ୍ରମେ ୩୦ ଓ ୪୦ନଂରେ ରହିଛନ୍ତି। ଏନସିଆରର ଆଉ ଏକ ସହର ମୀରଟ ତାଲିକାର ୩୬ନଂ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୧୦ ଲକ୍ଷରୁ କମ ଜନସଂଖ୍ୟା ବିଶିଷ୍ଟ ଶ୍ରେଷ୍ଠ ସହର ତାଲିକାର ୧ନଂ ସ୍ଥାନରେ ଶିମଲା ଥିବା ବେଳେ ଦ୍ୱିତୀରେ ଭୁବନେଶ୍ୱର, ତୃତୀୟରେ ସିଲଭାସା, ୪ର୍ଥରେ କାକିନାଡା, ୫ମରେ ସାଲେମ୍, ୬ଷ୍ଠରେ ଭେଲୋର, ୭ମରେ ଗାନ୍ଧିନଗର, ୮ମରେ ଗୁରୁଗ୍ରାମ, ୯ମରେ ଡାଭାନଗେର୍ ଓ ୧୦ମରେ ତିରୁଚିରାପଲ୍ଲୀ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭୁବନେଶ୍ୱରବାସୀ ସ୍ଥାନୀୟ ପ୍ରଶାସନ ଦ୍ୱାରା ସବୁଠାରୁ ସନ୍ତୁଷ୍ଟ ଥିବା ସର୍ଭେ ବେଳେ କହିଛନ୍ତି। ୧୦ ଲକ୍ଷରୁ ଅଧିକ ଲୋକ ରହୁଥିବା ଶ୍ରେଷ୍ଠ ପୌରପାଳିକା ଗୁଡ଼ିକ ମଧ୍ୟରେ ଇନ୍ଦୋର ୧ନଂରେ ଥିବା ବେଳେ ଏହା ପଛକୁ ସୁରଟ, ଭୋପାଳ, ପିମ୍ପିରି ଛିଞ୍ଚୱାଡା, ପୁଣେ, ଅହମଦାବାଦ, ରାୟପୁର, ଗ୍ରେଟର ମୁମ୍ବାଇ, ବିଶାଖାପଟନମ ଓ ଭଦୋଦରା ରହିଛନ୍ତି। ସେହିପରି ୧୦ ଲକ୍ଷରୁ କମ୍ ଲୋକ ରହୁଥିବା ଶ୍ରେଷ୍ଠ ପୌରପାଳିକା ତାଲିକାର ୧ନଂ ସ୍ଥାନରେ ନୂଆଦିଲ୍ଲୀ ଏମସି ଥିବା ବେଳେ ଏହାପଛକୁ ତିରୁପତି, ଗାନ୍ଧିନଗର, କର୍ଣ୍ଣାଲ, ସାଲେମ, ତ୍ରିପୁରୁ, ବିଳାସପୁର, ଉଦୟପୁର, ଝାନସୀ ଓ ତିରୁନେଲଭେଲି ରହିଛି।

### କରୋନାର ...

କରିବାକୁ ନିଷ୍ପତ୍ତି ନିଆଯାଇଛି। ଥରେ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ହେବାପରେ ହୁ ସଦସ୍ୟ ରାଷ୍ଟ୍ରଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ ବୋଲି ଘେବ୍ରେୟେସସ୍ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨୦୧୯ ଡିସେମ୍ବରରେ ଚୀନ୍‌ର ଉହାନ୍ ପ୍ରଦେଶରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ତେବେ ୨୦୨୧ ଜାନୁଆରୀରେ ହୁ'ର ଉଚ୍ଚସ୍ତରୀୟ ବିଶେଷଜ୍ଞ ଦଳ ଉହାନ୍‌ରେ ଚାରି ସପ୍ତାହ ଅବସ୍ଥାନ କରି କରୋନାର ଉତ୍ପତ୍ତିସ୍ଥଳ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଚୀନ୍ ତରଫରୁ ଯଥେଷ୍ଟ ଆର୍ଥିକ ସହାୟତା ମିଳୁଥିବାରୁ ହୁ ଏହା ସପକ୍ଷରେ ମତ ଦେଇଥିଲା ବୋଲି ଚର୍ଚ୍ଚା ଚାଲିଥିଲା। ଏହି କାରଣରୁ ଆମେରିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରି ଯାଇଥିଲା। ଅପରପକ୍ଷରେ ହୁ ବିଶେଷଜ୍ଞ ଦଳକୁ ନେଇ କେତେକ ବୈଜ୍ଞାନିକ ଓ ଡାକ୍ତର ଆପତ୍ତି ଉଠାଇଛନ୍ତି। ସେମାନଙ୍କ ମତରେ ହୁ ବିଶେଷଜ୍ଞ ଦଳର ଅର୍ଦ୍ଧେକ ସଦସ୍ୟ ଚୀନ୍ ନାଗରିକ ହୋଇଥିବାରୁ ଏହି ରିପୋର୍ଟର ସତ୍ୟତା ଭରସାଯୋଗ୍ୟ ନୁହେଁ। ତେଣୁ ଏକ ସ୍ୱାଧୀନ ତଦନ୍ତକାରୀ ଦଳ ଗଠନ କରିବାକୁ ସେମାନେ ଦାବି କରିଛନ୍ତି। ଉହାନ୍ ଗସ୍ତରେ ଯାଇଥିବା ହୁ ବିଶେଷଜ୍ଞ ଦଳ ଚୀନ୍ ଛାଡିବା ପୂର୍ବରୁ କହିଥିଲେ ଯେ ଉହାନ୍‌ସ୍ଥିତ ଭାଇରୋଲୋଜି ଇନ୍‌ଷ୍ଟିଚ୍ୟୁଟ୍‌ରୁ କରୋନାର ଉତ୍ପତ୍ତି ଘଟିଥିବାର କୌଣସି ପ୍ରମାଣ ମିଳିନଥିବାବେଳେ ବାଦୁଡି ଶରୀରରୁ କରୋନା ଭୂତାଣୁ ମଣିଷକୁ ସଂକ୍ରମିତ ହୋଇଥାଇପାରେ। ତେବେ ଜେନିଭା ଫେରିବାପରେ ବିଶେଷଜ୍ଞ ଦଳ ସେମାନଙ୍କର ମତ ବଦଳାଇଥିଲେ। ଉହାନ୍ ହେଉ କି ବାଦୁଡି, ସବୁ ଆଶଙ୍କା ସତ ହୋଇପାରେ ବୋଲି ସେମାନେ କହିଛନ୍ତି।

### ନିଆଁ ଆଁରେ ...

ପ୍ରତ୍ୟେକ ବର୍ଷ ଶିମିଳିପାଳ ଅଞ୍ଚଳରେ ନିଆଁ ଲାଗିବା ଫଳରେ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ବନ ବିଭାଗ ନିଆଁ ଲିଭାଉ ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଆମେ ପୋଡାଡିହା ରେଞ୍ଜ ଅଧିକାରୀଙ୍କୁ ପଚାରିବାରୁ ଶିମଳିପାଳ କୋର ଏରିଆ ଓ ବୋଫୋର ଏରିଆରେ ଟିମ୍ ଗଠନ କରିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ କରାଯାଉଥିବା ପ୍ରକାଶ କରିଛନ୍ତି। ତେବେ ରେଞ୍ଜ ଅଧିକାରୀ ଲୋକମାନେ ସଚେତନ ହେଲେ ଜଙ୍ଗଲ ସୁରକ୍ଷିତ ରହିବ ବୋଲି କହିଛନ୍ତି।

# ବିଜୁ ଭବନରେ ୧୦୫ ତମ ବିଜୁ ଜୟନ୍ତୀ ପାଳିତ



**ବାରିପଦା :** ସ୍ଥାନୀୟ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ୧୦୫ ତମ ବାରିପଦା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜୟନ୍ତୀ ପାଳନ କରାଯାଇଛି ପ୍ରଥମେ ଦଳିୟ କର୍ମୀମାନେ ଦଳର ସଭାପତି ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସଭାଯାତ୍ରା ବାହାରି ବିଜୁପଟ୍ଟନାୟକ ଗୋଲେଇ ସ୍ଥିତ ବିଜୁ ବାବୁଙ୍କ ପ୍ରତି ମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ତା ପରେ ବିଜୁ ଭବନରେ ଆୟଜିତ ସଭାରେ ମାନ୍ୟବର ମନ୍ତ୍ରୀ ତଥା ଦଳର ସଭାପତି ଶ୍ରୀଯୁକ୍ତ ମାରାଣ୍ଡିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ଏହି ସଭାରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡ ଦେବାଶିଷ ମାରାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସୋରଜିନି ହେମ୍ବ୍ରମ୍, କୃଷି ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ବିଧାୟକ ଅଜେନ ମୁର୍ମୁ, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ରାଜ୍ୟ ବିଜେଡି ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ଯୁବସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ, ପ୍ରଭାତ ନାୟକ ଓଡିଶା ଖୋଦିବର୍ଡ ସଦସ୍ୟ ସୋରଜ କୁମାର ବୋଷ, ଆଇନଜିବୀ ତଥା ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ଦାସ, ସୁବ୍ରତ ଛାଟଇ, ନାରୀ ନେତ୍ରୀ କମଳା ତିରିଆ, ଛବି ମାହାଲି ପ୍ରମୁଖ ତାଙ୍କ ବକ୍ତବ୍ୟରେ ବିଜୁ ବାବୁ ଗାଁ କୁ କାମ ମାଁ କୁ ସମ୍ମାନ ଉକ୍ତିରେ ଓଡିଶାର ମାତ୍ରାଧିକ ମହିଳା ସମ୍ମାକୁ ଆସିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ନାରି ମାନେ ଅଗ୍ରାଧୀକାର ପାଇଛନ୍ତି। ଏହା ସମ୍ଭବ ହୋଇପାରିଛି କେବଳ ବିଜୁ ବାବୁଙ୍କ ପାଇଁ। ଡଚ୍ ମାନଙ୍କ କବଳରୁ ରକ୍ଷା କରିବା ପାଇଁ ନିଜ ଜୀବନକୁ ବିପଦରେ ଲଗାଇ ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ଉଦ୍ଧାର କରିବା, ମୟୁରଭଞ୍ଜ ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ଉଦଳା, କରଞ୍ଜିଆ, ରାଇରଙ୍ଗପୁର ଠାରେ ମହାବିଦ୍ୟାଳୟର ପ୍ରତିଷ୍ଠା ଏବଂ ବାରିପଦାର ତକତପୁର ଠାରେ ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠା, ଜିଲ୍ଲାରେ କୃଷିରେ ଜଳସେଚନର ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ବିଜୁ ବାବୁ ୧୯୭୧ ରେ ଉଦଳାରେ କାଳ ଏବଂ ରାଇରଙ୍ଗପୁରରେ ଖଡଖାଇ ଡ୍ୟାମ୍ ର ସୁଭ ଦେଇଥିଲେ ଏବଂ ପରେ ସୁନେଇ ଡ୍ୟାମ୍ ର ସୁଭ ଦେଇଥିଲେ ତାଙ୍କର ମୟୁରଭଞ୍ଜ ପ୍ରତି ଭଲପାଇବା ସବୁ ବ୍ୟକ୍ତା ମାନେ ତାଙ୍କ ବକ୍ତବ୍ୟରେ ପ୍ରତିପାଦିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପନଗରପାଳ ଦୁର୍ଗାମଣି ଆଚାର୍ଯ୍ୟ, ଦିପ୍ତିଲତା ମିଶ୍ର, ସମ୍ପା ମୁଜୁମଦାର, ବିଣାପାଣି ସାହୁ, ସବିତା ବେହେରା, ସୀମା ଦାସ, ସ୍ରାବଣୀ ଦାସ, ଗୀତା ବେହେରା, ଦ୍ରୌପଦି ସାହୁ, କମଳା ଭଞ୍ଜ, ପ୍ରଭାତି ପୃଷ୍ଟି, ଭାରତୀ ହାଁସଦାଃ, ପୁର୍ଣ୍ଣାନନ୍ଦ ପରିଡା, ବରିଷ୍ଟ କାଉନସିଲର ସୋରଜ ମହାପାତ୍ର, ନିରୋଜ ସାହୁ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ମହେସ ଭଞ୍ଜଦେଓ, ଦେବାଶିଷ ପାତ୍ର, ସୁବ୍ରମନ୍ୟମ ମହାନ୍ତି, ଅବଦୁଲ ହବିବ, ସୋରଜ ସତପଥି, ପ୍ରସନ୍ନଜିତ ମହାନ୍ତି, ସୟଦ ଫିରଜୁଦ୍ଦିନ, ଗୋବିନ୍ଦ ବେହେରା, ଦୀପକ ମୁତୁଆଲ, ବିକାଶ ବାରିକ ଙ୍କ ସମେତ ବାରିପଦା ପୌରାଞ୍ଚଳର ବିଜେଡି ୱାର୍ଡ କମିଟିର ସଦସ୍ୟ ବାରିପଦା ବ୍ଲକର ୧୧ ଗୋଟି ପଞ୍ଚାୟତର ସଦସ୍ୟ ଏବଂ ବଡସାହି ବ୍ଲକର ୯ଗୋଟି ପଞ୍ଚାୟତର ସଦସ୍ୟମାନେ ଯୋଗ ଦେଇଥିଲେ।

# ପ୍ରବାଦ ପୁରୁଷଙ୍କ ଜନ୍ମତିଥିରେ ପଦାରେ ପଡିଲା ବିଜେଡି ଦଳର କନ୍ଦଳ

**ଜଗତ୍‌ସିଂହପୁର :** ପ୍ରବାଦପୁରୁଷ ବିଜୁବାବୁଙ୍କ ଜନ୍ମଜୟନ୍ତିକୁ ବିଜେଡି ସରକାର ପଞ୍ଚାୟତରାଜ ଦିବସଭାବେ ପାଳନ କରି ସରକାରୀ ଛୁଟି ଘୋଷଣା କରୁଥିବାବେଳେ ଜଗତ୍‌ସିଂହପୁର ଜିଲ୍ଲାରେ ବିଜେଡିର ଗୋଷ୍ଠୀକନ୍ଦଳ ପଦାରେ ପଡିଥିଲା। ଏପରିକି ଜିଲ୍ଲାର ମନ୍ତ୍ରୀ, ସାଂସଦ ଓ ବିଧାୟକମାନଙ୍କୁ ଦେଖିବାକୁ ମିଳିନଥିବାବେଳେ ପ୍ରବାଦ ପୁରୁଷଙ୍କ ଜନ୍ମଜୟନ୍ତୀକୁ ନିରାଡମ୍ବର ଭାବେ ପାଳନ କରି କିଛି ନେତା ଓ କର୍ମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ୨୧ବର୍ଷ ଧରି ଶାସନଗାଦିରେ ବିଜେଡି ସରକାରଙ୍କ ବାହୁବଳି ନେତାମାନେ ଜିଲ୍ଲାରେ ନିଜନିଜର କାୟା ବିସ୍ତାର କରିଚାଲିଥିବାବେଳେ ସେମାନଙ୍କ ଅନୁପସ୍ଥିତକୁ ନେଇ ଜିଲ୍ଲାର ବୃଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଇଛି। ଜିଲ୍ଲାର ୮ଗୋଟି ବ୍ଲକ୍ ମଧ୍ୟରୁ କେବଳ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ କରିଦେଇଥିବାବେଳେ ବିଜୁବାବୁଙ୍କ ଜୀବନାଦର୍ଶ ଉପରେ କିଞ୍ଚିତ ଆଲୋଚନା ମଧ୍ୟ କରିନଥିଲେ। ବିଜୁବାବୁଙ୍କ ଜନ୍ମଜୟନ୍ତୀରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳ ସେମାନଙ୍କ ଶ୍ରଦ୍ଧାଞ୍ଜଳୀ ଜଣାଇଥିବାବେଳେ ଜିଲ୍ଲାର ଦଳୀୟ ନେତା ଓ କର୍ମୀମାନଙ୍କ ଅବହେଳାକୁ ନେଇ ଘୋର ଅସନ୍ତୋଷ ପ୍ରକାଶପାଇଥିଲା। ସବୁଠାରୁ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଥିଲା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ରଘୁନାଥପୁର ବ୍ଲକ୍‌ରେ ବିଧାନସଭାଠାରୁ ଆରମ୍ଭ କରି ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ଗୋଷ୍ଠି କନ୍ଦଳ ଲାଗିରହିଥିବାର ଦେଖିବାକୁ ମିଳିଥିବାବେଳେ ଉପନିର୍ବାଚନ ସମୟରେ ଏହାର ଅନ୍ତଘଟିଲା ବୋଲି ଦଳୀୟ ନେତୃବୃନ୍ଦ ଭୋଟର ମାନଙ୍କୁ କହୁଥିଲାବେଳେ ବିଜୁବାବୁଙ୍କ ଜନ୍ମ ତିଥିରେ ଏହାର ଓଲଟା ଝଲକ ଦେଖିବାକୁ ମିଳିଛି। ରଘୁନାଥପୁର ବ୍ଲକ୍‌ର ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ବ୍ଲକ୍ ଉପାଧକ୍ଷ ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ତାଙ୍କ ସହିତ ସାଂସଦ ପ୍ରତିନିଧି ଓ କର୍ମମାନଙ୍କୁ ଦେଖିବାକୁ ମିଳୁଥିବାବେଳେ ରେଢୁଆ ହାଟ ବଜାରରେ ବ୍ଲକ୍ ଅଧକ୍ଷା ଓ ତାଙ୍କର କିଛି ସମର୍ଥକମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜେଡି କର୍ମୀମାନଙ୍କ ମନୋମାଳିନ୍ୟ ଯୋଗୁ ତିର୍ତ୍ତୋଲ ବିଧାୟକ କୌଣସି ସ୍ଥାନକୁ ଗ୍ରସ୍ତ କରିନଥିଲେ। ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ସମ୍ମୁଖୀନ ହେବାକୁ ବିଜେଡି ସୁପ୍ରିମୋ ଦଳର ଭାବମୂର୍ତ୍ତୀ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଯୋଜନା ପ୍ରସ୍ତୁତ କରୁଥିବାବେଳେ ବିଜୁବାବୁଙ୍କ ଜନ୍ମତିଥିରେ ଗୋଟିଏ ବ୍ଲକ୍‌ର ଉଭୟସ୍ଥାନରେ ପୁଷ୍ପମାଲ୍ୟ ଅର୍ପଣ ଘଟଣା ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ସୋନପୁର କେବେ ହେବ ପ୍ଲାଷ୍ଟିକ ମୁକ୍ତ ସହର

# ପ୍ରହସନ ପାଲଟିଛି ଚଢାଉ



**ସୋନପୁର :** ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପ୍ରଦୁଷଣ ସମସ୍ୟାକୁ ରୋକିବା ପାଇଁ ସରକାରି ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ସୋନପୁର ସହର ରେ ପ୍ଲାଷ୍ଟିକ ବ୍ୟବହାର କମିବା ବଦଳାରେ ବଢ଼ିବାରେ ଲାଗିଛି। ସୋନପୁର ସହରକୁ ପ୍ଲାଷ୍ଟିକ ମୁକ୍ତ କରି ସୁନ୍ଦର ସହର ଗଢ଼ିବାରେ ସ୍ୱପ୍ନ ପ୍ରସହନରେ ପରିଣତ ହୋଇଛି। ଯାହାକି ସହରର କୁଢ଼ କୁଢ଼ ପ୍ଲାଷ୍ଟିକୁ ଦେଖି ସ୍ପଷ୍ଟ ଜଣା ପଡୁଛି। ପ୍ରକାଶ ଯେ ୨୦୧୮ ଫେବୃୟାରୀ ଓ ମାର୍ଚ୍ଚରେ ସରକାର ପକ୍ଷରୁ ପ୍ଲାଷ୍ଟିକ ଉପରେ କଟକଣା ଲାଗୁ ହୋଇଥିଲା। ଏହାପରେ ସୋନପୁର ପୌରପରିଷଦ ପକ୍ଷରୁ ବିଭିନ୍ନ ଦୋକାନ ବଜାର ସହିତ ପଲିଥିନ ବିକୁଥିବା ଦୋକାନରେ ଚଢ଼ାଉ କରାଯାଉଥିଲା। ଅନେକ ପଲିଥିନ ଓ ଥର୍ମକଲ ଆଦି ଜବତ ସହ ଜରିମାନା ଆଦାୟ କାରାଯାଇ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନରେ ପଲିଥିନ ବ୍ୟବହାର ଲାଗି ପରାମର୍ଶ ଦିଆଯାଇଥିଲା। ମାତ୍ର ଏବେ ସହରରେ ପୁଣି ପୁର୍ବ ଅବସ୍ଥା। ବହୁଳ ମାତ୍ରାରେ ବ୍ୟବହାର ହୋଉଥିବା ଦେଖିବାକୁ ମିଳୁଛି। ମାତ୍ର ପୌରପରିଷଦ ୨ରୁ ୩ଥର ଚଢ଼ାଉ କରି ସହାରକୁ ପ୍ଲାଷ୍ଟିକ ମୁକ୍ତ କରିବାର ଡ଼ିଣ୍ଡିମ୍ ପିଟୁଥିବା ଏହି ସୋନପୁର ସହରରେ ବର୍ତ୍ତମାନ ପ୍ଲାଷ୍ଟିକ ଯୋଗୁ ପରିସ୍ଥିତି ବିଗିଡ଼ିବାରେ ଲାଗିଛି ବୋଲି ସ୍ଥାନିୟ ବୁଦ୍ଧିଜୀବୀ ମହଲରେ କୁହାଯାଇଛି। ଦୈନନ୍ଦିନ ଡ଼ଷ୍ଟବିନରେ ଶହ ଶହ ପଲିଥିନ ଓ ଥର୍ମକଲ ପଡ଼ି ରହୁଥିବା ବେଳେ ପ୍ରାଣିଙ୍କ ଆହାର ପାଲଟୁଛି। ଯାହାକି ପ୍ରାଣି ସମ୍ପଦକୁ ବି ଦ ମୁଖକୁ ଟାଣି ନେଉଛି। ଏପରିକି ଛୋଟରୁ ବଡ଼ ଦୋକାନ ପଲିଥିନ ମାଧ୍ୟମରେ ଖାଦ୍ୟ ପାର୍ଶଲ ଆକାରରେ ଦେଉଛନ୍ତ। ତେବେ ସୋନପୁର ପୌରପରିଷଦ ଆଗାମି ଦିନରେ ଠିକ ଭାବେ ଚଢାଉ କରି ସହରକୁ ପୋଲିଥିନ ମୁକ୍ତ ପାଇଁ ଯତ୍ନ ବାନହେବାକୁ ବୁଦ୍ଧିଜିବି ମହଲରେ ଦାବି ହେଉଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ବିଚିତ୍ରା
ଭୁବନେଶ୍ୱର, ୮ - ୧୪ ମାର୍ଚ୍ଚ, ୨୦୨୧


# ଉତ୍କଳର ବରପୁତ୍ର : ବିଜୁବାବୁ



ଅକ୍ଷୟ କୁମାର ରାଉତ

୧୯୩୬ ମସିହା, ଏପ୍ରିଲ୍ ପହିଲା। ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ। ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା। ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା।

ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା। ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ। ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ



ପଡିବେ। ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ। ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିଲ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ। କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା। ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ।

୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ।

ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ୍ୟ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ। ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ।

ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ। ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ। ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ। ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା।

କଟକ ରେଭେନ୍ସା କଲେରେ ଓୟାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି।

ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା। ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା। ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ। ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉରକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ



ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ। ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ। ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି। ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି।

ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୂତ ଉନ୍ନତି ସାଧନ କରିଯାଇଛନ୍ତି। ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା। ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ। ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ। ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା।

ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ଟୋଳି ଦେଲେ ଏ ଜାତିର ହାତରେ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା। ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ। ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ। ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା। ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ। ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି। ବଢ଼ିଲା ନଈ। ଆକାଶରେ ଟାଣ ମେଘୁଆ ଖରା। ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ



କପଡାଛତା। ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା। ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା। ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି। ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା। କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ। ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ଟୋଳିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ - ବାପ,



ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ।

ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ - ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ। ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ। ଅନ୍ୟ ଏକ ଦିନର ଘଟଣା। ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ। ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ। ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ। ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ। ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ। ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ।

ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି। ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ। ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ। ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ। ଏହି ସ୍କୁଲ୍‌ରେ ଦିନକର ଘଟଣା। ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା। ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି। ଭୂଗୋଳ ପିରିୟଡ। ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଂ। ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି। ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା। ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି। ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି।

ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ। ଏତିକି କହି ବିଜୁବାବୁ ବସି ପଡ଼ିଥିଲେ। ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାବରଣ ସୃଷ୍ଟି କରିପାରିଥିଲେ। ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ। ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ। ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ।

*ପାରାଦ୍ୱୀପଗଡ, ଜିଲ୍ଲା-ଜଗତ୍‌ସିଂହପୁର*
*ମୋ - ୯୯୩୭୬୯୧୪୭୫*

# 'ବିଜ୍ଞାନ ଓ ବିକାଶ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ'

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ରାୟଗଡାରେ ଏକ ପ୍ଲାନେଟାରିଅମ ଏବଂ କୋରାପୁଟ ଜିଲ୍ଲାର ଜୟପୁରରେ ଏକ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନ ଶିକ୍ଷାରେ ମନୋନିବେଶ କରିବା ସହିତ ବୈଜ୍ଞାନିକ ମନୋବୃତ୍ତି ନେଇ ଜୀବନରେ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ଦୁଇଟି ପ୍ଲାନେଟୋରିଅମ ଅଛି। ଏହାସହିତ ଆଉ ୬ଟି ପ୍ଲାନେଟୋରିଅମ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୩୦ଟି ଜିଲ୍ଲାରେ ମଧ୍ୟ ୩୦ଟି ଜିଲ୍ଲା ବିଜ୍ଞାନ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏଥିପାଇଁ ୧୦୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱରରର ପଠାଣୀ ସାମନ୍ତ ପ୍ଲାନେଟୋରିଅମକୁ ଏକ ୩-ଡି ପ୍ଲାନେଟୋରିଅମରେ ପରିଣତ କରାଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମଣିଷ ସଭ୍ୟତାର ବିକାଶରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ଗୁରୁତ୍ୱପର୍ଣ୍ଣ ଭୂମିକା ରହିଛି। ବିଜ୍ଞାନ ବିନା ଆଜି ଜୀବନଯାପନ କରିବା ସମ୍ଭବ ନୁହେଁ। ଯଦି ଆଜି ମଣିଷ ସଭ୍ୟତାର ଶିଖରରେ ପହଞ୍ଚି ପାରିଛି, ତେବେ ଏହା ହେଉଛି ବିଜ୍ଞାନର ଅବଦାନ।




ବିଜ୍ଞାନ ଓ ବିକାଶ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଓଡ଼ିଶା ଆଜି ବିକାଶ ପଥରେ ଅଗ୍ରଗତି କରି ବିଜ୍ଞାନ ଓ ବୈଷୟିକ ଶକ୍ତିର ପ୍ରୟୋଗରେ ଏକ ଜ୍ଞାନ ଅର୍ଥନୀତି (ନଲେଜ ଇକୋନୋମି) ଦିଗରେ ଅଗ୍ରସର ହେଉଛି। ବିକାଶର ଏହି ପ୍ରକ୍ରିୟାକୁ ଜାରି ରଖିବା ପାଇଁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଭିତରେ ବୈଜ୍ଞାନିକ ମନୋବୃତ୍ତି, ଅନୁସନ୍ଧିତ୍ସୁ ମନୋଭାବ ଏବଂ ଯୁକ୍ତିଯୁକ୍ତ ଚିନ୍ତାଧାରା ରହିବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟ ସରକାର ଓଡ଼ିଶାରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ ଶିକ୍ଷାରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ବିଜ୍ଞାନ ଶିକ୍ଷା ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଦ୍ୱାରା ସମାଜରେ ବୈଜ୍ଞାନିକ ମନୋଭାବ ବୃଦ୍ଧି ପାଇବା ସହିତ ପିଲାମାନଙ୍କ ମଧ୍ୟରେ ତର୍କସଙ୍ଗତ ଚିନ୍ତାଧାରା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡା ଠାରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇ କହିଲେ ଯେ, ବିକାଶର ଧାରାରେ ବିଜ୍ଞାନର ସହାୟତା ସବୁବେଳେ ଜରୁରୀ। ରାୟଗଡାରେ ପ୍ଲାନେଟୋରିଅମ୍ ସ୍ଥାପନ ଦ୍ୱାରା ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟରେ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ଲାନେଟାରିଅମ୍ ଓ ଜିଲ୍ଲା ଗୁଡିକରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ଭୁବନେଶ୍ୱରର ପ୍ଲାନେଟାରିଅମ୍‌କୁ ଆହୁରି ବଡ କରାଯାଇ ଏଥିରେ ୧୨୦ ଜଣ ବସିବାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ। ସେହିପରି ଜୟପୁରଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଲେ ଯେ, ଜୟପୁରରେ ପ୍ଲାନେଟୋରିଅମ୍ ପ୍ରତିଷ୍ଠା ସମଗ୍ର କୋରାପୁଟ ଜିଲ୍ଲା ପାଇଁ ଖୁସିର କଥା। ଆଧୁନିକ ସମାଜରେ ବିଜ୍ଞାନଭିତ୍ତିକ ଜୀବନଶୈଳୀ ବହୁତ ଜରୁରୀ ବୋଲି ପ୍ରକାଶ କରି ଏହି ପଦକ୍ଷେପ ଦ୍ୱାରା ବିଜ୍ଞାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ଲାନେଟାରିଅମ୍ ଓ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଷଲ। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଏନ୍ ଭାସ୍କର ରାଓ ଏବଂ ସ୍ଥାନୀୟ ବିଧାୟକମାନେ ଉପସ୍ଥିତ ଥିଲେ।

# ବୃଦ୍ଧି ପାଉଛି ତାପମାତ୍ରା; ବଢୁଛି ଥଣ୍ଡା ପାନୀୟର ଚାହିଦା

**ସୋନପୁର :** ମନ୍ଦିର ମାଳିନି ସୋନପୁର ସହର ଏବେ ଉତ୍ତପ୍ତ ସହରରେ ପରିଣତ ହୋଇଛି। ଗତ ବର୍ଷ ଉତ୍ତପ୍ତ ସହର ଭାବେ ସୋନପୁର ଚିହ୍ନଟ ହୋଇଥିଲା। ଏବେ ତାପମାତ୍ରା ବୃଦ୍ଧି ଯୋଗୁଁ ସହରବାସୀ ତ୍ରାହି ତ୍ରାହି ଡାକିଲେଣି। ସକାଳ ୧୦ଟା ହେବାମାତ୍ରେ ମୁଣ୍ଡଫଟା ଖରା ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପ ସମସ୍ତଙ୍କୁ ଅତିଷ୍ଠ କରି ଦେଉଛି। ଯାହାଫଳରେ ସହରବାସୀ ପଦାକୁ ବାହାରିବାକୁ ସୁରକ୍ଷିତ ମଣୁନାହାନ୍ତି। ଅସହ୍ୟ ତାତିରୁ ତ୍ରାହି ପାଇବା ନିମନ୍ତେ ଏବେ ସହରବାସୀ ଥଣ୍ଡାପାନୀୟକୁ ବହୁମାତ୍ରାରେ ବ୍ୟବହାର କରୁଥିବାବେଳେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ଏବେ ତାପମାତ୍ରା ୩୦ରୁ ୩୫ ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ମାଘମାସରେ କୁହାଯାଏ, ବାଘପରି ଶୀତ ଅନୁଭୂତ ହୋଇଥାଏ। ହେଲେ ଫଳ ଏଠାରେ ଓଲଟା ପ୍ରତିଫଳିତ ହେଉଛି। ଏକ କଂକ୍ରିଟ ସହର ଭାବେ ପରିଚିତ ସୋନପୁର ସହର ଏବେ ଉତ୍ତପ୍ତ ସହରରେ ପରିଣତ ହୋଇଛି। ଯେଉଁଥିଇଁ ସହରବାସୀ ଗ୍ରୀଷ୍ମରୁ ବର୍ତ୍ତିବା ପାଇଁ ତ୍ରାହି ତ୍ରାହି ଡାକିଲେଣି। ଗ୍ରୀଷ୍ମର ପ୍ରାରମ୍ଭରେ ଏ ଭ ଳି ଅନୁଭବକୁ ସ ହ୍ୟ କ ରୁ ଥି ବ। ସହରବାସୀ ଭୟ କରିବା ଆରମ୍ଭ କରି ଦେଇଛନ୍ତି। ଅ। ଗ। ମ 1 ଦିନରେ ପରିସ୍ଥିତି କଣ ହେବ ତାହାକୁ ନେଇ ସେମାନଙ୍କ ମନରେ ଛନକା ପଶିଛି। ଏବେ ତ୍ରାତିରୁ ତ୍ରାହି ପାଇଁ ସ ମ ସ୍ତେ ଥଣ୍ଡାପାନୀୟକୁ ଅ। ପ ଣେ ଇ ଥିବାବେଳେ ବଜାରରେ ଥଣ୍ଡାପାନୀୟ ଦୋକାନଗୁଡ଼ିକରେ ଭିଡ଼ ଜମିଲାଣି।ଦୁଇପଇସା ରୋଜଗାର ଆଶାରେ ପସରା ମେଲାଇଥିବା ବେପାରୀମାନେ ମଧ୍ୟ କରୋନା କଟକଣା କାଳରେ ଏପରି ବ୍ୟବସାୟ କରିବାକୁ ପନ୍ଥା ଆପଣାଇଛନ୍ତି।



ଏହିସବୁ ସ୍ଥାନଗୁଡ଼ିକରେ ସହରବାସୀ ଭିଡ଼ ଜମାଇ ନିଜ ପସନ୍ଦର ଥଣ୍ଡାପାନୀୟ ସାମଗ୍ରୀକୁ କିଣି ନେଉଛନ୍ତି। ଏବେ ସହରରେ ଖୋଲିଥିବା ତରଭୁଜ ଦୋକାନ ଠାରୁ ଆରମ୍ଭ କରି ଆଖୁରସ, ପୋଦିନା ପାଣି ଓ ଲସି ଦୋକାନଗୁଡ଼ିକରେ ଭିଡ଼ ପରିଲକ୍ଷିତ ହେଉଛି। ସେହିରି ଏବେଠାରୁ ମଧ୍ୟ ବିଭିନ୍ନ କମ୍ପଙ୍କନୀର ଥଣ୍ଡା ଓ ଆଇସ୍‌କ୍ରିମକୁ ବହୁଳ ଭାବେ ସହରବାସୀ ବ୍ୟବହାର କରିବା ଆରମ୍ଭ କରି ଦେଇଛନ୍ତି। ଏବେ ସହରବାସୀ ତାତିରୁ ତ୍ରାହି ପାଇଁ ଏପରି ପନ୍ଥା ଆପଣାଇଛନ୍ତି। ଆହୁରିମ ମଧ୍ୟ ହୋଟେଲଗୁଡ଼ିକରେ ପଖାଳ କଂସାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ପଖାଳ ସାଙ୍ଗକୁ ବିଭିନ୍ନ ବ୍ୟଞ୍ଜନ ଗ୍ରାହକଙ୍କୁ ମଧ୍ୟ ବେଶ୍ ଆକୃଷ୍ଟ କରୁଛି। ନିରାମିଷଠାରୁ ଆରମ୍ଭ କରି ଆମିଷ ପର୍ଯ୍ୟନ୍ତ ସବୁ ବ୍ୟଞ୍ଜନ ଏହି ହୋଟେଲଗୁଡ଼ିକରେ ଉପଲବ୍ଧ ରହିଥିବାବେଳେ ଏହାର ମୂଲ୍ୟ ମଧ୍ୟ ଧାର୍ଯ୍ୟ କରାଯାଇଛି। ଏହି ରି ଭାବେ ସହର ବାସି ତାତିରୁ ତ୍ରାହି ପାଇବା ପାଇଁ ନିଜର ପ୍ରୟାସ ଜାରି ରଖିଛନ୍ତି। ଅପରପକ୍ଷରେ ସୋନପୁର ସହରରେ ଅନୁରୂପ ତାପମାତ୍ରା ବୃଦ୍ଧି ସହରବାସୀଙ୍କୁ ଅତିଷ୍ଠ କରୁଥିବା ବେଳେ ଅପରାହ୍ନରେ ମହାନଦୀପଠାରେ ସୁଲୁସୁଲିଆ ପବନରେ ଚଳପ୍ରଚଳ କରିବାକୁ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଲାଣି।



# କେନ୍ଦ୍ରାପଡ଼ାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ




**ଭୁବନେଶ୍ୱର :** କେନ୍ଦ୍ରାପଡ଼ାରେ ମିତ୍ତଲ କରିବ ସମନ୍ୱିତ ଷ୍ଟିଲ୍ ପ୍ଲାଣ୍ଟ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ରହିବ ୧୨ ନିୟୁତ ଟନ୍। ୫୦ ହଜାର କୋଟି ଟଙ୍କା ବିନିଯୋଗ ହେବ। ଫଳରେ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲା ଏବେ ଶିଳ୍ପ ସମୃଦ୍ଧ ହୋଇପାରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ସହିତ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମିତ୍ତଲର ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ମିତ୍ତଲଙ୍କ ଉପସ୍ଥିତିରେ ଏହି ଏମ୍ଓୟୁରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଆର୍ସେଲର ମିତ୍ତଲ, ନିପ୍ପନ ଷ୍ଟିଲ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲିପ ଓମେନ୍ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ, କେନ୍ଦ୍ରାପଡ଼ା ଜିଲ୍ଲା ବିଜୁବାବୁଙ୍କର କର୍ମଭୂମି ଥିଲା। ଏହି ସ୍ଥାନ ଓ ସେଠାକାର ଜନସାଧାରଣଙ୍କୁ ବିଜୁବାବୁ ହୃଦୟରୁ ଭଲ ପାଉଥିଲେ। ସେଥିପାଇଁ ରାଜ୍ୟ ସରକାର କେନ୍ଦ୍ରାପଡ଼ାକୁ ଅଗ୍ରାଧୀକାର ଦେଇଛନ୍ତି। ଇନ୍‌ଭେଷ୍ଟ ଇନ୍ ଓଡ଼ିଶାକୁ ସଶକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆର୍ସେଲର ମିତ୍ତଲ, ନିପ୍ପନ୍ ଷ୍ଟିଲ ଇଣ୍ଡିଆ ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ସମନ୍ୱିତ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। କେନ୍ଦ୍ରାପଡ଼ାରେ ସମନ୍ୱିତ ଷ୍ଟିଲ୍ କମ୍ପ୍ଲେକ୍ସ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟ ସରକାର ଏହି ବୃହତ୍ ପ୍ରକଳ୍ପର ପ୍ରତିଷ୍ଠା ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ଓ ସୁବିଧା ଯୋଗାଇ ଦେବେ। ମିତ୍ତଲ ଗ୍ରୁପ୍‌ର ଅଧ୍ୟକ୍ଷ ଏଲ୍ ଏନ୍ ମିତ୍ତଲ କହିଥିଲେ, ଓଡ଼ିଶାର ସରକାରଙ୍କ ତ୍ୱରିତ କାର୍ଯ୍ୟପ୍ରଣାଳୀରେ ସେ ଅତ୍ୟନ୍ତ ଆନନ୍ଦିତ। ଏହା ତାଙ୍କର ବିଶ୍ୱବ୍ୟାପୀ ଅଭିଜ୍ଞତା ଆଧାରରେ ସର୍ବଶ୍ରେଷ୍ଠ। ଏହି ଏମଓୟୁ ସ୍ୱାକ୍ଷର ସମୟରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ତୈଳ ଦର ବୃଦ୍ଧି ସରକାରଙ୍କ ପାଇଁ ଧର୍ମସଙ୍କଟ'

**ନୂଆଦିଲ୍ଲୀ :** ଦେଶରେ ଉଭୟ ପେଟ୍ରୋଲ ଓ ଡିଜେଲ ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। କିଛି ସ୍ଥାନରେ ପେଟ୍ରୋଲର ଲିଟର ପିଛା ଦର ୧୦୦ ଟଙ୍କା ମଧ୍ୟ ଅତିକ୍ରମ କରି ସାରିଲାଣି। ମହଙ୍ଗା ମାଡରେ ଅସ୍ତବ୍ୟସ୍ତ ହୋଇପଡିଥିବା ଗ୍ରାହକ ଦର କେବେ କମ ହେବ, ତାକୁ ନେଇ ଚିନ୍ତାରେ ରହିଛନ୍ତି। ଏସବୁ ଭିତରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଡ ବୟାନ ଦେଇଛନ୍ତି। ସେ କହିଛନ୍ତି, ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି ସରକାରଙ୍କ ପାଇଁ ଏକ ଧର୍ମସଙ୍କଟ ଭାବେ ଉଭା ହୋଇଛି। ଦର ବୃଦ୍ଧି ଗ୍ରାହକଙ୍କ ଉପରେ ଅତିରିକ୍ତ ବୋଝ ସୃଷ୍ଟି କରିଥିବା ସେ ସ୍ୱୀକାର କରିଛନ୍ତି। ହେଲେ ଏହି ବୋଝକୁ ଲାଘବ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ପଦକ୍ଷେପ ନେବା ଉଚିତ ବୋଲି ସେ ମତ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ନିର୍ମଳା କହିଛନ୍ତି, ତୈଳ ଦର ବୃଦ୍ଧି ସରକାରଙ୍କ ଆଗରେ ବଡଧରଣର ଧର୍ମସଙ୍କଟ ସୃଷ୍ଟି କରିଛି।

# ୫୮୦୮୯ ସ୍କୁଲକୁ ମିଳିବ ସ୍ୱତନ୍ତ୍ର ଅନୁଦାନ

**ଭୁବନେଶ୍ୱର :** ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷା ବିଭାଗ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଆବଶ୍ୟକ ଅନୁଯାୟୀ, ସ୍କୁଲଗୁଡ଼ିକର ଅଭାବ ଦୂର କରିବା ପାଇଁ ବିଭାଗ ଯୋଜନା କରୁଥିବା ବେଳେ ରାଜ୍ୟର ଥିବା ସମସ୍ତ ୫୮,୦୮୯ଟି ସ୍କୁଲକୁ ସାମିଲ କରାଯାଇଛି। ତେବେ ଏହି ସ୍କୁଲଗୁଡିକରେ ଥିବା ପ୍ରାଥମିକ ସମସ୍ୟା ସହିତ ଅନ୍ୟ ଦିଗ ଉପରେ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରାଯିବ। ଯାହାଦ୍ୱାରା ପ୍ରାୟ ୬୦ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବା ସହିତ ପିଲାମାନଙ୍କର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିପାରିବ। ବିଶେଷକରି ଗୁଣାତ୍ମକ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା ବେଳେ ଖୁବ କମ୍ ଦିନରେ କିପରି ଏହାର ସଫଳ ରୂପାୟନ ହୋଇପାରିବ ସେ ନେଇ ପ୍ରୟାସ ଆରମ୍ଭ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରାଥମିକ ସ୍କୁଲ ସଂଖ୍ୟା ୩୬,୦୭୦ଟି ଥିବାବେଳେ ଉଚ୍ଚପ୍ରାଥମିକ ସ୍କୁଲ ସଂଖ୍ୟା ୨୨,୦୧୯। ସେହିପରି ମାଧ୍ୟମିକ ସ୍କୁଲକୁ ମିଶାଇଲେ ରାଜ୍ୟରେ ମୋଟ୍ ୫୮,୦୮୯ଟି ସ୍କୁଲ ରହିଛି। ରାଜ୍ୟରେ ସରକାରୀ ସ୍କୁଲଗୁଡ଼ିକର ଅଧିକ ଉନ୍ନତି ଆଣିବା ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବର୍ଷକୁ ଏହି ସ୍ୱତନ୍ତ୍ର ଅନୁଦାନ ଦିଆଯିବ ବୋଲି ଜଣାପଡ଼ିଛି। ବିଶେଷକରି ସ୍କୁଲ ଗୁଡିକରେ ବିଜ୍ଞାନ ଉପକରଣ, ପାଠ୍ୟପୁସ୍ତକ, ଖେଳ ସରଞ୍ଜମ, ଶିକ୍ଷାଦାନ ଲାଗି ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ଅନୁଯାୟୀ ସୁବିଧା ସୁଯୋଗ ଏବଂ କିଛି ଛାତ୍ରୀ ସ୍କୁଲଗୁଡିକରେ ପିଲାଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧୫ ହଜାର ପ୍ରାଥମିକ ସ୍କୁଲ ଏବଂ ୧୭ ହଜାର ଉଚ୍ଚପ୍ରାଥମିକ ସ୍କୁଲକୁ ତାଲିକାଭୁକ୍ତ କରାଯାଇଥିବା ବେଳେ ୨୦୨୨ରୁ ରାଜ୍ୟର ସବୁ ସରକାରୀ ସ୍କୁଲ ଏହି ଯୋଜନାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ବିଜ୍ଞାନ ଉପକରଣ ଲାଗି ପ୍ରତି ସ୍କୁଲକୁ ୫ ହଜାର ଟଙ୍କା, ପାଠ୍ୟପୁସ୍ତକ ଲାଗି ୮ ହଜାର ଟଙ୍କା, ଖେଳ ସରଞ୍ଜମ ଲାଗି ଅଢ଼େଇ ହଜାର ଟଙ୍କା, ଛାତ୍ରୀ ସ୍କୁଲଗୁଡ଼ିକରେ ପିଲାଙ୍କୁ ମୌଳିକ ସୁବିଧା ଲାଗି ୬ ହଜାର ଟଙ୍କା ଦିଆଯିବ। ମୋଟ୍ ଉପରେ ପ୍ରତି ସ୍କୁଲକୁ ୨୧ହଜାର୫୦୦ ଟଙ୍କା ଦିଆଯିବ। ପ୍ରତି ୩ବର୍ଷକୁ ଥରେ ଏହି ଅନୁଦାନ ପ୍ରଦାନ କରାଯିବ। ସେହିପରି ସ୍କୁଲ ମନିଟରିଂ ଲାଗି ପ୍ରତ୍ୟେକ ସ୍କୁଲକୁ ବାର୍ଷିକ ୫ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯିବ। ଯେଉଁଥିରେ ଶିକ୍ଷକଙ୍କ ଲାଗି ତାଲିମ୍, ବିଭିନ୍ନ ପ୍ରତିଯୋଗୀତା, ପ୍ରଦର୍ଶନୀର ଆୟୋଜନ ଲାଗି ଖର୍ଚ୍ଚ କରାଯିବ ବୋଲି ଜଣାପଡ଼ିଛି।

# ଶୃଙ୍ଖଳା ବିଜୟ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍‌ରେ ଭାରତ




**ଅହମ୍ମଦାବାଦ :** ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ୍‌ରେ ଘରୋଇ ଭାରତ ଦମ୍‌ଦାର ପ୍ରଦର୍ଶନ ପୂର୍ବକ ଏକ ଇନିଂସ ଓ ୨୫ ରନ୍‌ରେ ବିଜୟୀ ହୋଇଛି। ଏଥିସହ ଦଳ ସିରିଜ୍‌କୁ ୩-୧ରେ ଜିତିନେବା ସହ ପ୍ରଥମ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ଫାଇନାଲ୍ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ସିରିଜ୍‌ର ପ୍ରଥମ ଟେଷ୍ଟରେ ପରାସ୍ତ ହେବା ପରେ ବିରାଟ କୋହଲି ବାହିନୀ ଫାଇନାଲ୍ ଖେଳିପାରିବ କି ନାହିଁ, ସେଥିନେଇ ଢେର୍ ସନ୍ଦେହ ଉପୁଜିଥିଲା। କିନ୍ତୁ କ୍ରମାଗତ ଦୁଇଟି ଟେଷ୍ଟ୍ ବିଜୟୀ ହୋଇ ଭାରତ ଲର୍ଡ୍ସ ଆଡ଼କୁ ଗୋଟିଏ ପାଦ ବଢ଼ାଇଥିଲା। ଶେଷରେ ଶନିବାର ଚୂଡ଼ାନ୍ତ ଟେଷ୍ଟ୍‌ରେ ଇଂଲଣ୍ଡକୁ ବୃହତ୍ ବ୍ୟବଧାନରେ ପରାସ୍ତ କରି ଭାରତ ଟେଷ୍ଟ୍ ଚାମ୍ପିଅନ୍‌ଶିପ୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ଅର୍ଥାତ୍ ଦଳ ଆସନ୍ତା ଜୁନ୍ ୧୮ ତାରିଖରେ ଲର୍ଡ୍ସଠାରେ ନ୍ୟୁଜିଲାଣ୍ଡ୍ ବିପକ୍ଷରେ ଫାଇନାଲ୍ ମୁକାବିଲା ଖେଳିବ। ପ୍ରଥମ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ଶିପର ସମସ୍ତ ମୁକାବିଲା ଶେଷ ହୋଇଥିବା ବେଳେ ଭାରତ ୭୨.୨ ପ୍ରତିଶତ ସହ ଶୀର୍ଷରେ ରହିଛି। ଭାରତର ପଏଣ୍ଟ ସଂଖ୍ୟା ୫୨୦ ରହିଥିବା ବେଳେ ନ୍ୟୁଜିଲାଣ୍ଡ୍ ୭୦ ପ୍ରତିଶତ ବିଜୟ ସହ ୪୨୦ ପଏଣ୍ଟ୍ ପାଇଛି। ସେହିପରି ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଯଥାକ୍ରମେ ୬୯.୨ ପ୍ରତିଶତ ଓ ୬୧.୪ ପ୍ରତଶତ ସହ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ଶନିବାର ଚତୁର୍ଥ ଟେଷ୍ଟର ତୃତୀୟ ଦିନରେ ଭାରତ ତା'ର ପ୍ରଥମ ଇନିଂସରେ ୩୬୫ ରନ୍ କରିବା ଫଳରେ ଇଂଲଣ୍ଡ ୧୬୦ ରନ୍‌ରେ ପଛୁଆ ରହିଥିଲା। ପରେ ଭ୍ରମଣକାରୀ ଦଳ ବ୍ୟାଟିଂ କରି ଦ୍ୱିତୀୟ ଇନିଂସରେ ବି ୧୩୫ ରନ୍ କରି ଅଲ୍‌ଆଉଟ୍ ହେବା ଫଳରେ ଭାରତ ଇନିଂସ ବିଜୟ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଭାରତର ଦୁଇ ପ୍ରମୁଖ ସ୍ପିନର୍ ଅକ୍ଷର ପଟେଲ୍ ଓ ରବିଚନ୍ଦ୍ରନ୍ ଅଶ୍ୱିନ୍ ୫ଟି ଲେଖାଏଁ ୱିକେଟ୍ ନେଇଥିଲେ।


DECLARATION
FORM I
FORM OF DECLARATION
(see rule 3)

I, RASMITA PATRA declare that I am the *printer or *publisher or *printer and publisher of the newspaper entitled EKAMAATRA to be *printed at RADHAKRUSHNA PUBLICATION Pvt. Ltd. and *published at FLAT-003,MAHADEV ORCHID,COSMOPOLIS ROAD,DUMDUMA,BHUBANESWAR,DIST- KHORDHA , ODISHA or to be *printed and published at and that particulars in respect of the said newspaper given hereunder are true to the best of my knowledge and belief.

| | | |
|---|---|---|
| 1. Title of the newspaper | : | EKAMAATRA |
| 2 .Language (s) in which it is (to be), published | : | ODIA |
| 3. Periodicity of its publication | | |
| (a) Whether a daily, tri-weekly, bi-weekly Weekly, fortnightly, or otherwise | : | WEEKLY |
| (b) In the case of daily, please state whether it Morning or evening newspaper? | : | NA |
| (c) In the case of a newspaper other than a Daily, please state the days(s)/date(s) on Which it is (to be) published | : | MONDAY |
| 4. Retail selling price of the newspaper per copy | : | Rs 5.00 |
| (a) If the newspaper is for free distribution, Please state that it is "for free distribution" | : | NO |
| (b) If it has only an annual subscription and no Retail price, please state the annual Subscription | : | NO |
| 5. Publisher's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b) If a foreigner, please state the country of | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 6. Place of publication (Please give the complete postal address) | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 7. Printer's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b)If a foreigner, please state the country of origin | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 8. Name(s) of the printing press (es) where the Newspaper is actually printed and the true and Precise description of the premises on which the Press (es) is/are installed. | : | RADHAKRUSHNA PUBLICATION PVT. LTD. PLOT NO-H/18, MANCHESWAR INDUSTURIAL ESTATE BHUBANESWAR-10, ODISHA |
| 9. Editor's name | : | TARAK MOHANTY |
| .Nationality | : | INDIAN |
| (a)Whether a citizen of India? | : | YES |
| (b) If a foreigner, please state the country of Origin | : | NO |
| Address | : | SECTOR-2/289, NILADRI VIHAR POST- SAILASHREE VIHAR BHUBANESWAR-751021 DIST- KHORDHA, ODISHA |
| 10. Owner's name(s) | : | RASMITA PATRA |
| (a)Please state the particulars of individual(s) or Of the firm, Joint Stock Company, trust, co-Operative society or association which owns the newspaper | : | INDIVIDUAL |
| (b)Please state whether the owner owns any other Newspaper, and, if so, its name, periodicity, Language and place of publication. | : | NO |
| 11. Please state whether the declaration is in respect of | : | |
| (a) a new newspaper, or | : | A NEW NEWS PAPER |
| (b) an existing newspaper, | | |
| (c) in case the declaration falls under item (b), the reason for filling the fresh declaration. | : | FRESH DECLARATION |

Manoj Kumar Mohanty
Additional District Magistrate
Bhubaneswar-2

Signature: Rasmita Patra
Name (in Block letters): RASMITA PATRA
Designation: PUBLISHER AND PRINTER

Authenticated on this day 12th of month January year 2017 under my seal and signature.

(Signature and seal of the Magistrate authenticating the declaration)
NIRANJAN SAHU, IAS
DISTRICT MAGISTRATE & COLLECTOR, KHORDHA

* Strike out whatever is not applicable.
NOTE:- Separate declaration should be filed by the printer and the publisher, unless the printer and the publisher is the same person.

## ୪ର୍ଥ ଆନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ

# ଅଂଶଗ୍ରହଣ କଲେ ୧୦ ଦେଶର ଶିଶୁ ଚିତ୍ରଶିଳ୍ପୀ




**ଭୁବନେଶ୍ୱର :** ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ୪ର୍ଥ ଆନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଅବସରରେ ଆନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ-୨୦୨୧ ଶୁଭ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥି ରୂପେ ବରିଷ୍ଠ ଚିତ୍ରଶିଳ୍ପୀ ତଥା ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ବିନୋଦ ମହାରଣା, ଧଉଳି ସରପଞ୍ଚ ପୂର୍ଣ୍ଣିମା ସାହୁ, ଭାରତ ପର୍ଯ୍ୟଟନର ସହକାରୀ ନିର୍ଦ୍ଦେଶକ ରଶ୍ମୀ ସୋନିଆଟିର୍କୀ, ସାମାଜିକ କର୍ମୀ ହରେକୃଷ୍ଣ ସାହୁ ଓ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇ ଶିଳ୍ପୀମାନଙ୍କ ଚିତ୍ରକୁ ପ୍ରଶଂସା କରିବା ସହ କଳା ସମାଜର ପଥପ୍ରଦର୍ଶକ ବୋଲି ମତପ୍ରକାଶ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶା ବିଭିନ୍ନ ଜିଲ୍ଲା, ଭାରତର ଅନ୍ୟ ରାଜ୍ୟ ସହ ୧୦ଟି ଦେଶର ଶିଶୁ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ମୋଟ ୫୫୨ ଶିଶୁଶିଳ୍ପୀ ଆବେଦନ କରିବା ସହ ଏଥିମଧ୍ୟରୁ ୩୮୦ ଜଣଙ୍କ ଚିତ୍ରକଳା ଉକ୍ତ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। କୃତି ଶିଳ୍ପୀମାନଙ୍କୁ ଡାକ ଯୋଗେ ପୁରସ୍କାର ପ୍ରଦାନ କରାଯିବା ସହ ରୋଜାଲିନା ଦାଶ ଓ ଖୋକନ ସରକାରଙ୍କୁ କଳା ଆଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରଦର୍ଶନୀରେ ବିଶ୍ୱରେ କରୋନାର ଭୟାବହତା, ପ୍ରକୃତି ଓ ଜୀବଜଗତ ଏବଂ ବିଶ୍ୱଶାନ୍ତି ଶୀର୍ଷକ ଚିତ୍ରକଳା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ସ୍ୱାଗତ ସମ୍ଭାଷଣ ଦେଉଥିବା ବେଳେ କାର୍ଯ୍ୟକାରୀ ସଭାପତି ଡ. ହୃଷିକେଶ ମିଶ୍ର ପୌରହିତ୍ୟ କରିବା ସହ ସମ୍ପାଦକ ମିହିରକାନ୍ତ ପ୍ରହରାଜ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନୀ ୟୁଟ୍ୟୁବ ଚ୍ୟାନେଲ, ଫେସବୁକ୍ ଓ ହ୍ୱାଟସଆପ୍ ମାଧ୍ୟମରେ ପ୍ରସାରିତ ହେବ। ମହାବିଦ୍ୟାଳୟର ଅଧ୍ୟାପକ ଚନ୍ଦନ କୁମାର ସାମଲ, ବିଶ୍ୱକାନ୍ତ ପଣ୍ଡା, ମାନସ ରଞ୍ଜନ ନାୟକ ଓ ଅଧ୍ୟାପିକା ସସ୍ମିତା କାମିଳା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ନେପାଳ, ବଙ୍ଗଳାଦେଶ, ଇଣ୍ଡୋନେସିଆ, ଆମେରିକା ଓ ଭାରତର ୨୦ଜଣ ବରିଷ୍ଠ ଶିଳ୍ପୀଙ୍କ ସଂଗୃହୀତ ଚିତ୍ର ପ୍ରଦର୍ଶିତ କରାଯାଇଥିଲା।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com
Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି